୬ ଲକ୍ଷ୍ୟ ସେନ୍ ଜିତିଲେ ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଟାଇଟଲ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୨୯୬ ● ୨୪ ନଭେମ୍ବର ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-296 ● 24th November 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଜୋହାନ୍ସବର୍ଗରେ ଜି-୨୦ ଶିଖର ସମ୍ମିଳନୀ

# କୌଣସି ଦେଶ କ୍ଷେତ୍ରୀୟ ବିସ୍ତାର ପାଇଁ ବଳ ପ୍ରୟୋଗ କରିବା ଅନୁଚିତ୍ : ମୋଦୀ

**ନୂଆଦିଲ୍ଲୀ, ୨୩।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଜି-୨୦ ଶିଖର ସମ୍ମିଳନୀ ଅବସରରେ ଜୋହାନ୍ସବର୍ଗରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସାଙ୍କୁ ଭେଟିଛନ୍ତି। ଏହି ସମୟରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ମଧ୍ୟ ବୈଠକରେ ଭାରତୀୟ ପ୍ରତିନିଧିମଣ୍ଡଳର ଏକ ଅଂଶ ଥିଲେ। ବୈଠକ ସମୟରେ ଦୁଇ ଦେଶର ନେତାମାନେ ବିଭିନ୍ନ ପ୍ରସଙ୍ଗରେ ସହଯୋଗ ଉପରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଠାରେ ଆଇବିଏସ୍‌ଏ ନେତାଙ୍କ ବୈଠକରେ ଅଂଶଗ୍ରହଣ କରିଥିଲେ । ଏହି ସମୟରେ ଭାରତ, ବ୍ରାଜିଲ୍ ଏବଂ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ତ୍ରିକୋଣୀୟ ଫୋରମ୍ ମଧ୍ୟରେ ସହଯୋଗକୁ ଆହୁରି ଗଭୀର କରିବା ପାଇଁ



ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଶ୍ରୀ ମୋଦୀ ମଧ୍ୟ ବ୍ରାଜିଲ୍ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲଭାଙ୍କୁ ଭେଟିଥିଲେ। ସୂଚନାଥାଉକି, ଆଇବିଏସ୍‌ଏ ଗୋଷ୍ଠୀ ସହଯୋଗକୁ ପ୍ରୋତ୍ସାହିତ କରିବା, ବିଶ୍ୱ ଶାସନ ବ୍ୟବସ୍ଥାକୁ ଉନ୍ନତ କରିବା ଏବଂ ବିକାଶଶୀଳ ଦେଶମାନଙ୍କ ମଧ୍ୟରେ ସହଯୋଗ ବୃଦ୍ଧି କରିବା ଉପରେ ଧ୍ୟାନ ଦିଏ। ସେପ୍ଟେମ୍ବର ମାସରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର, ବ୍ରାଜିଲର ବୈଦେଶିକ ମନ୍ତ୍ରୀ ମୌରୋ ଭିଏରା ଏବଂ ଦକ୍ଷିଣ ଆଫ୍ରିକାର ମନ୍ତ୍ରୀ ସିଣ୍ଡିସିୱେ ଚିକୁଙ୍ଗା ବାର୍ଷିକ ମିଳିତ ଜାତିସଂଘ ସାଧାରଣ ପରିଷଦ ଅଧିବେଶନ ଅବସରରେ ନ୍ୟୁୟର୍କରେ ସାକ୍ଷାତ କରିଥିଲେ। ମନ୍ତ୍ରୀମାନେ ୪୦ ଟି ଦେଶରେ ୫୧ଟି ପ୍ରକଳ୍ପ ସହିତ ଏକ ଦକ୍ଷିଣ-ଦକ୍ଷିଣ ସହଯୋଗ ପଦକ୍ଷେପ ଆଇବିଏସ୍‌ଏ ପାଣ୍ଠିକୁ ସୁଦୃଢ଼ ଏବଂ ବିସ୍ତାର କରିବାକୁ ସହମତ ହୋଇଥିଲେ। ମନ୍ତ୍ରୀମାନେ ଆମେରିକାର ଶୁଳ୍କ ନୀତିକୁ ମଧ୍ୟ ସମାଲୋଚନା କରିଥିଲେ, ଏହା ବିଶ୍ୱକୁ ଅସ୍ଥିର କରିବାର ଆଶଙ୍କା ପ୍ରକାଶ କରିଥିଲେ। ପୂର୍ବରୁ, ଶନିବାର ଦିନ ଜି-୨୦ ଶିଖର ସମ୍ମିଳନୀରେ ସମ୍ବୋଧିତ କରି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିଶ୍ୱବ୍ୟାପୀ ଦେଶମାନଙ୍କୁ ନିଶା ଏବଂ ଆତଙ୍କବାଦ ମଧ୍ୟରେ ସମ୍ପର୍କ ଦୂର କରିବାକୁ ପ୍ରାଥମିକତା ଦେବାକୁ ଅନୁରୋଧ କରିଥିଲେ।


ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ହୋଇଛି *(ପୃଷ୍ଠା ୭ରେ)*

# ସିନ୍ଧ୍ ପୁଣି ଭାରତ ଫେରିପାରେ: ପ୍ରତିରକ୍ଷା ମନ୍ତ୍ରୀ

**ନୂଆଦିଲ୍ଲୀ, ୨୩।୧୧**

ସିନ୍ଧ୍ ଅଞ୍ଚଳ ଆଜି ଭାରତର ଅଂଶ ନ ହୋଇପାରେ, କିନ୍ତୁ ସୀମା ବଦଳିପାରେ ଏବଂ ଏହି ଅଞ୍ଚଳ ପୁନର୍ବାର ଭାରତକୁ ଫେରିଆସିପାରେ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏକ କାର୍ଯ୍ୟକ୍ରମରେ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ୧୯୪୭ ବିଭାଜନ ପରେ ସିନ୍ଧ୍ ପ୍ରଦେଶ ପାକିସ୍ତାନକୁ ଯାଇଥିଲା। ତଥାପି, ସଭ୍ୟତା ଦୃଷ୍ଟିକୋଣରୁ ସିନ୍ଧ ସବୁବେଳେ ଭାରତର ଏକ ଅଂଶ ହୋଇ ରହିବ।

ଲାଲକୃଷ୍ଣ ଆଡଭାନୀଙ୍କ ପିଢ଼ିର ସିନ୍ଧ୍ ହିନ୍ଦୁମାନେ ଆଜି ପର୍ଯ୍ୟନ୍ତ ସିନ୍ଧ୍‌ର ବିଚ୍ଛେଦକୁ



ଗ୍ରହଣ କରିନାହାନ୍ତି ବୋଲି ସେ ଆଡଭାନୀଙ୍କ ପୁସ୍ତକରୁ ଉଦ୍ଧୃତ କରି କହିଛନ୍ତି। ସେହିପରି ଭାରତର ହିନ୍ଦୁମାନେ ସିନ୍ଧୁ ନଦୀକୁ ପବିତ୍ର ମାନୁଥିବାବେଳେ, ସିନ୍ଧ୍‌ର ଅନେକ ମୁସଲମାନ ମଧ୍ୟ ଏହାର ଜଳକୁ ମକ୍କାର 'ଆବ୍-ଏ-ଜମଜମ୍' ଠାରୁ କମ୍ ପବିତ୍ର ମାନନ୍ତି ନାହିଁ।

ରାଜନାଥ ସିଂହ ଦୃଢ଼ତାର ସହ କହିଛନ୍ତି, "ଆଜି ସିନ୍ଧର ଭୂମି ଭାରତର ଅଂଶ ନ ହୋଇପାରେ, କିନ୍ତୁ ସଭ୍ୟତା ଦୃଷ୍ଟିରୁ ସିନ୍ଧ୍ ସବୁବେଳେ ଭାରତର ଅଂଶ ହୋଇ ରହିବ ଏବଂ ଯେପର୍ଯ୍ୟନ୍ତ ଭୂମିର ପ୍ରଶ୍ନ, ସୀମା ବଦଳିପାରେ। କିଏ ଜାଣେ ଆସନ୍ତାକାଲି ସିନ୍ଧ ପୁଣି ଭାରତକୁ ଫେରିଆସିପାରେ।"

ଏହା ପୂର୍ବରୁ ସେ ମରକ୍କୋରେ ମଧ୍ୟ କହିଥିଲେ ଯେ କୌଣସି ଆକ୍ରମଣାତ୍ମକ ପଦକ୍ଷେପ ବିନା ହିଁ ଭାରତକୁ ପାକ୍ ଅଧିକୃତ କାଶ୍ମୀର ଫେରିଆସିବ, କାରଣ ସେଠାକାର ଲୋକମାନେ କବଜାକାରୀଙ୍କଠାରୁ ମୁକ୍ତି ଦାବି କରୁଛନ୍ତି।

# ଜଷ୍ଟିସ ସୂର୍ଯ୍ୟକାନ୍ତ ୫୩ତମ ପ୍ରଧାନ ବିଚାରପତି ଭାବରେ ଶପଥ ନେବେ ଆଜି

**ନୂଆଦିଲ୍ଲୀ, ୨୩।୧୧**

ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ ତାରିଖରେ ଭାରତର ପ୍ରଧାନ ବିଚାରପତି ଭାବରେ ଶପଥ ଗ୍ରହଣ କରିବେ। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ଶପଥ ଗ୍ରହଣ ଉତ୍ସବରେ ବ୍ରାଜିଲ ସମେତ ସାତଟି ଦେଶର ମୁଖ୍ୟ ବିଚାରପତି ଏବଂ ସୁପ୍ରିମକୋର୍ଟ ବିଚାରପତି ଯୋଗଦେବେ।

ଏହି ସମାରୋହରେ ବ୍ରାଜିଲ ବ୍ୟତୀତ ଭୁଟାନ, କେନିଆ, ମାଲେସିଆ, ମରିସସ୍, ନେପାଳ ଏବଂ ଶ୍ରୀଲଙ୍କାର ମୁଖ୍ୟ ବିଚାରପତିମାନେ ମଧ୍ୟ ସେମାନଙ୍କ ପରିବାର ସହିତ ଯୋଗଦେବେ। ଭାରତୀୟ ନ୍ୟାୟପାଳିକାର ଇତିହାସରେ ଏହା ପ୍ରଥମ ଥର ହେବ ଯେ ଅନ୍ୟ ଦେଶରୁ ଏତେ



ସଂଖ୍ୟାରେ ନ୍ୟାୟିକ ପ୍ରତିନିଧିମଣ୍ଡଳି ଜଣେ ମୁଖ୍ୟ ବିଚାରପତିଙ୍କ ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ ରହିବେ।

ଜଷ୍ଟିସ ସୂର୍ଯ୍ୟକାନ୍ତ ଭାରତର ୫୩ତମ ମୁଖ୍ୟ ବିଚାରପତି ହେବେ ଏବଂ ତାଙ୍କର କାର୍ଯ୍ୟକାଳ ୧୪ ମାସ ରହିବ । ସେ ୯ ଫେବୃୟାରୀ, ୨୦୨୭ ରେ ଅବସର ନେବେ। ଜଷ୍ଟିସ ସୂର୍ଯ୍ୟକାନ୍ତ *(ପୃଷ୍ଠା ୭ରେ)*

# ଦିଲ୍ଲୀରୁ ଫେରି ସରକାରୀ କାର୍ଯ୍ୟରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୩।୧୧**
**ନ୍ୟୁଜ୍ ବ୍ୟୁରୋ**

ତିନି ଦିନିଆ ଦିଲ୍ଲୀ ଗସ୍ତରେ ଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦିଲ୍ଲୀଗସ୍ତରୁ ଫେରି ସେ କାର୍ଯ୍ୟରେ ଯୋଗଦେଇଛନ୍ତି । ବିନା ବିଶ୍ରାମରେ ଲୋକସେବା ଭବନରେ ବସି କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି ।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ଦୁଇଟି କାର୍ଯ୍ୟକ୍ରମ ଏବଂ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ରାତିରେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ କରିଥିଲେ। ଶନିବାର ଦିଲ୍ଲୀରେ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଯୋଗଦେବା ସହିତ କେନ୍ଦ୍ରମନ୍ତ୍ରୀମାନଙ୍କୁ ଭେଟି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ମଧ୍ୟ କରିଥିଲେ।

## ଆଜିର ମୁଖ୍ୟ ଖବର

- ଦେଶରେ ନକଲି ଭିଡିଓ ଓ ସଂଚାର ଅପରାଧ ନିୟନ୍ତ୍ରଣ ପାଇଁ କଠୋର ନୀତିର ଆହ୍ୱାନ।
- ନୂତନ ଦେଶମାନଙ୍କ ସହ ଭାରତର ରପ୍ତାନୀ ବଢ଼ିଛି।
- ୫ଟି ରାଜ୍ୟରେ ପ୍ରବଳ ବର୍ଷା ସଚେତନତା, କେନ୍ଦ୍ର ଭାରତରେ ଶୀତ ତୀବ୍ରତା।
- ନଭେମ୍ବର ମାସରେ ଦେଶର ଅନେକ ଅଞ୍ଚଳରେ ନ୍ୟୁନତମ ତାପମାତ୍ରା ଅସାମାନ୍ୟ ଭାବରେ କମିଲା।
- ଉତ୍ତର ଭାରତରେ ଶୀତ ଚାପ ତୀବ୍ର, ଦକ୍ଷିଣରେ ବର୍ଷା ଜାରି।
- ଦେଶ ବିଭିନ୍ନ ମୁଦ୍ରା ବ୍ୟବସ୍ଥାରୁ ଦୂରରେ ଅଛି ବୋଲି ସ୍ପଷ୍ଟ କରାଗଲା।
- ବଲାଙ୍ଗୀରରୁ ମିଳିଥିବା କଙ୍କାଳ ନିଖୋଜ ଯୁବକଙ୍କ ହୋଇପାରେ ବୋଲି ପୁଲିସର ସନ୍ଦେହ।

# ବଙ୍ଗୋପସାଗରରେ ଲଘୁଚାପ : ଆଜି ସନ୍ଧ୍ୟାରେ ନେବ ଅବପାତ ରୂପ

**ଭୁବନେଶ୍ୱର, ୨୩।୧୧ : ନ୍ୟୁଜ୍ ବ୍ୟୁରୋ**

ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ରବିବାର ସ୍ପଷ୍ଟ ଚିହ୍ନଟ ହୋଇଛି । ଏହା ଆଣ୍ଡାମାନ ସାଗରର ଦକ୍ଷିଣ ଦିଗରେ ରହିଛି । ନଭେମ୍ବର ୨୪ ସଂଧ୍ୟାରେ ଏହା *(ପୃଷ୍ଠା ୭ରେ)*

## ସମ୍ଭାବ୍ୟ ବାତ୍ୟା ପାଇଁ ସରକାର ପ୍ରସ୍ତୁତ

**ଭୁବନେଶ୍ୱର, ୨୩।୧୧ : ନ୍ୟୁଜ୍ ବ୍ୟୁରୋ**

ନଭେମ୍ବର ଶେଷ ଆଡ଼କୁ ହେବାକୁ ଥିବା ସମ୍ଭାବ୍ୟ ବାତ୍ୟା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ ରବିବାର ଗଣମାଧ୍ୟମକୁ କହିଛନ୍ତି, ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ରାଜ୍ୟ ସରକାର ଏବଂ ଅଧିକାରୀଙ୍କ ବହୁ ଅଭିଜ୍ଞତା ରହିଛି। *(ପୃଷ୍ଠା ୭ରେ)*

# ଏନ୍‌କାଉଣ୍ଟର: ଏକାବେଳକେ ୩ ଜଣଙ୍କ ଦେହରେ ବାଜିଲା ଗୁଳି



**ରାଉରକେଲା, ୨୩।୧୧ : ନ୍ୟୁଜ୍ ବ୍ୟୁରୋ**

ସକାଳୁ ସକାଳୁ ବଡ଼ ଧରଣର ଏନକାଉଣ୍ଟର। ଜଣଙ୍କୁ ନୁହେଁ ଏକାବେଳକେ ତିନି ତିନି ଜଣଙ୍କ ଦେହରେ ବାଜିଲା ଗୁଳି। ଏଭଳି ଘଟଣା ଘଟିଛି ରାଉରକେଲା ଲାଠିକଟା ଥାନା ଓ ଚାନ୍ଦିପୋଷ ଥାନା ଅନ୍ତର୍ଗତ କୁଚେଇତା ଓ ଲାମ୍‌ସୀ ନିକଟରେ। ସେମାନଙ୍କୁ କଡା ପୋଲିସ ସୁରକ୍ଷା ବଳୟରେ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ବଣାଇ ଏସଡିପିଓ ରାମଚନ୍ଦ୍ର ବିଶ୍ୱାଳଙ୍କ ସୂଚନା ଅନୁଯାୟୀ, ସେମାନଙ୍କର କୋଇଡ଼ା ଓ ବିଭିନ୍ନ ଖଣି ଅଞ୍ଚଳରୁ ଡକାୟତି ଘଟଣାରେ ସଂପୃକ୍ତି ରହିଛି। ଗୁପ୍ତ ସୂଚନା ଅନୁଯାୟୀ ଶନିବାର ରାତିରେ ଲାଠିକଟା ଥାନା ଏବଂ ଚାନ୍ଦିପୋଷ ଥାନାରେ ସେମାନେ ସକ୍ରିୟ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଗୋଟିଏ ଶବଦ ମୁଣ୍ଡ ବିନ୍ଧା ସାଜେ
ସେ ହେଲା ବିଭୀଷଣ
ଦେହ ମୁଣ୍ଡ ସବୁ ଘୋଳିହେଉଥାଏ
ଛାତିଟାରେ କରଷଣ
ସଭାପତିଙ୍କ ଏ ଆଚରଣ
ଦଳଟାକୁ ଦଳି ଦେଉଥାଏ
ଉଡଇ ଛପର ଛଣ।

## ଆଜି ହେବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୨୩।୧୧**
**ନ୍ୟୁଜ୍ ବ୍ୟୁରୋ**

ସୋମବାର ସକାଳ ୧୦. ୩୦ ସମୟରୁ ଭୁବନେଶ୍ୱର ୟୁନିଟ ୨ ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ) ଠାରେ ମୁଖ୍ୟମନ୍ତ୍ରୀ ଜନଶୁଣାଣି କରିବେ । ଗତ ସେପ୍ଟେମ୍ବର ୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ କରିଥିଲେ। ଏହି ଶୁଣାଣି ସେମାନଙ୍କ ପାଇଁ ଉଦ୍ଦିଷ୍ଟ । ସେମାନଙ୍କୁ ଆଉ ପୁନଃ ପଞ୍ଜୀକରଣର ଆବଶ୍ୟକତା ନାହିଁ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

## ଭାରତ ତିଆରି କଲା ୧ହଜାର କିଲୋ ଓଜନର ବୋମା

**ନୂଆଦିଲ୍ଲୀ, ୨୩।୧୧**

ଭାରତ ନିରନ୍ତର ଭାବରେ ଏହାର ସାମରିକ ପ୍ରଯୁକ୍ତିବିଦ୍ୟାକୁ ଆଧୁନିକୀକରଣ ଏବଂ ଆତ୍ମନିର୍ଭରଶୀଳ କରିବା ଦିଗରେ ଆଗକୁ ବଢୁଛି। ଏବେ ଡିଆରଡିଓ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଭାରତୀୟ ବାୟୁସେନାର ଏସ୍‌ୟୁ-୩୦ ଏମ୍‌କେଆଇ ଲଢୁଆ ବିମାନରୁ ଦୂରଗାମୀ ଗ୍ଲାଇଡ୍ ବମ୍ ସଫଳତାର ସହ ପରୀକ୍ଷଣ କରାଯାଇଛି। 'ଗୌରବ' ନାମକ ଏହି ସ୍ୱଦେଶୀ ଅସ୍ତ୍ର ଦୂରରୁ ସଠିକତାର ସହିତ ଲକ୍ଷ୍ୟକୁ ଧ୍ୱଂସ କରିବାକୁ ସକ୍ଷମ। 'ଗୌରବ' ଏକ ଅସ୍ତ୍ର ଯାହା ବହୁତ ଦୂରତାରୁ ଗ୍ଲାଇଡ୍ ହୁଏ ଏବଂ ଲକ୍ଷ୍ୟକୁ ସଠିକ୍ ଭାବରେ ଆକ୍ରମଣ କରେ। ଏହାର ଦୀର୍ଘ ଦୂରତା ଏହାକୁ ଶତ୍ରୁ ବାୟୁ ପ୍ରତିରକ୍ଷା ପ୍ରଣାଳୀ ପାଇଁ ଚ୍ୟାଲେଞ୍ଜ କରିଥାଏ। ଏହାର ପରାକ୍ରମ ଏହାକୁ ବଙ୍କର *(ପୃଷ୍ଠା ୭ରେ)*


# ବାୟୁ ପ୍ରଦୂଷଣ : ଘରେ ରହି କାମ କରିବେ ୫୦% କର୍ମଚାରୀ



**ନୂଆଦିଲ୍ଲୀ, ୨୩।୧୧**

ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉଦବେଗଜନକ ସ୍ଥିତିରେ ରହିଛି। ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ ୪୦୦ ଅତିକ୍ରମ କରିଛି ଏବଂ ନୋଏଡାର ଏକ୍ୟୁଆଇ ମଧ୍ୟ ୪୦୦ରେ ପହଞ୍ଚିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଘରୋଇ ପ୍ରତିଷ୍ଠାନଗୁଡ଼ିକୁ ଘରୁ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବେସରକାରୀ ଅଫିସ ମାନଙ୍କରେ ୫୦ ପ୍ରତିଶତ ଘରେ ରହି କାମ କରିବା ଲାଗି ନିର୍ଦ୍ଦେଶ ରହିଛି। ଲଗାତାର ୯ମ ଦିନ ପାଇଁ ପ୍ରଦୂଷଣ ଖରାପ ଥିବାରୁ କଟକଣା ଜାରି କରାଯାଇଛି। କମିଶନ ଫର୍ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ ଅନୁଯାୟୀ, ଦିଲ୍ଲୀ ସରକାରଙ୍କ ପକ୍ଷରୁ ଏହି ନିର୍ଦ୍ଦେଶ ରହିଛି।

ସେପଟେ ଏମ୍ସ ଏକ ପୃଥକ ପରାମର୍ଶ ଜାରି କରିଛି ଏବଂ ଦିଲ୍ଲୀରେ ସ୍ୱାସ୍ଥ୍ୟ ଜରୁରୀକାଳୀନ ଘୋଷଣା କରିବାକୁ ଆହ୍ୱାନ ଆରମ୍ଭ ହୋଇଛି, କାରଣ ଦିଲ୍ଲୀର ବିଷାକ୍ତ ବାୟୁ ଶ୍ୱାସକ୍ରିୟା ସମସ୍ୟା ଏବଂ ହୃଦରୋଗ, ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିପଦକୁ ବୃଦ୍ଧି କରିପାରେ। ଏହି ବାୟୁ ବିଶେଷ କରି ପିଲା, ବୃଦ୍ଧ ଏବଂ ଶ୍ୱାସରୋଗ ରୋଗୀଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପାରେ।







# ବାର୍‌ହା ଉପଦ୍ରବ : ଚିନ୍ତାରେ ଚାଷୀ

**ପାରଳାଖେମୁଣ୍ଡି, ନ୍ୟୁଜ୍‌ବ୍ୟୁରୋ**



ଗଜପତି ଜିଲା ଗୋଷାଣି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ବାର୍‌ହା ଉପଦ୍ରବ ବଢ଼ିବାରେ ଲାଗିଛି । ଫଳରେ ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ହେକ୍ଟର ହେକ୍ଟର ଧାନ ଚାଷ ପ୍ରଭାବିତ ହେଉଛି । ବ୍ଲକର ଜଙ୍ଗଲପାଡୁ, ବଡ଼ନିଳାପୁର, ଉତ୍ତରସେଲି, ଗୋଷାଣି, ମହାଦେଇପୁର, ଗୁରାଣ୍ଡି ଆଦି ଅଞ୍ଚଳରେ ବାର୍‌ହା ଉପଦ୍ରବ ବଢ଼ି ଚାଲିଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି ।

ପୂର୍ବରୁ ଏତେ ସଂଖ୍ୟକ ବାର୍‌ହା ନ ଥିଲେ । ୨୦୧୮ ତିତିଲି ବାତ୍ୟା ପରେ ସୀମାନ୍ତ ଆନ୍ଧ୍ର ପ୍ରଦେଶ ଜଙ୍ଗଲରୁ ବାର୍‌ହା ଚାଲି ଆସିଥିବା ଚଷୀମାନେ ପ୍ରକାଶ କରିଛନ୍ତି । ପ୍ରତିବର୍ଷ ଧାନ ପାଚିଲା ସମୟରେ ବାର୍‌ହା ଉପଦ୍ରବ ଯୋଗ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାର୍‌ହା ପଲ ସନ୍ଧ୍ୟା ହେଲେ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ପଶି ପାଚିଥିବା ଧାନ ଗଛଗୁଡିକୁ ଖାଇ ନଷ୍ଟ କରୁଛନ୍ତି । ହେଲେ ବାର୍‌ହା ଘଉଡ଼ାଇବା ପାଇଁ ଚାଷୀ ଶୀତ କାକରରେ ଜଗି ରହୁଛନ୍ତି । ଏନେଇ ବନ ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ବିଭାଗ କିଛି ପ୍ରତିକାର ବ୍ୟବସ୍ଥା କରି ନ ଥିବା ଚାଷୀ ଅଭିଯୋଗ କରିଛନ୍ତି ।

ବିଭାଗର ଗାରାବନ୍ଧା ସେକ୍ସନ ଅଧିକାରୀ ସନ୍ତୋଷ ପରିଚ୍ଛାଙ୍କୁ ଏହି ସମ୍ପର୍କରେ ପଚାରିବାରୁ ସେ କହିଲେ, ବନବିଭାଗ ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂ କରାଯାଉଛି । ଏନେଇ ସରକାରଙ୍କ ଅନୁକମ୍ପା ଆପ୍ ରହିଛି । ବାରାହା କିମ୍ବା ବନ୍ୟଜନ୍ତୁଙ୍କ ଦ୍ୱାରା କୌଣସି ଚାଷୀଙ୍କ ଫସଲ ନଷ୍ଟ ହେଲେ ସେ ଅନୁକମ୍ପା ଆପ୍ କିମ୍ବା ନିକଟସ୍ଥ ସିଏସ୍‌ସି କେନ୍ଦ୍ରକୁ ଯାଇ କ୍ଷତିଗ୍ରସ୍ତ ଜମିର ଫଟୋ ଓ ତଥ୍ୟ ଅପଲୋଡ୍ କରନ୍ତୁ । ବିଭାଗୀୟ ଯାଞ୍ଚ ପରେ କ୍ଷତିର ପରିମାଣ ଅନୁଯାୟୀ ଚାଷୀଙ୍କୁ ଆର୍ଥିକ ସହାୟତା ମିଳିବ ବୋଲି ପରିଚ୍ଛା କହିଛନ୍ତି ।

## ନାବାଳିକାକୁ ଦୁଷ୍କର୍ମ ମାମଲା : ଦୋଷୀକୁ ୧୦ ବର୍ଷ ଜେଲ୍ ଓ ଜରିମାନା

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଏକ ୧୬ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ ମାମଲାର ୧୪ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ ଓ ପୀଡ଼ିତାଙ୍କ ବୟାନ ଆଧାରରେ ବିଚାର କରି, ମାମଲାର ଦୋଷୀ ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ତପନ ନାୟକ (୨୫)କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି । ଜରିମାନା ଅନାଦେୟ ତାକୁ ଆଉ ଅଧିକ ୨ ବର୍ଷ ୩ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ସରକାରଙ୍କ ତରଫରୁ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ । ସୂଚନା ଅନୁସାରେ, ଗତ ୨୦୧୭ ମସିହା ମାର୍ଚ୍ଚ ୪ ତାରିଖ ରାତି ୧୦ଟା ସମୟରେ ପୀଡ଼ିତା ଶୌଚ ପାଇଁ ଯାଇଥିବା ବେଳେ ଅଭିଯୁକ୍ତ ନିରୋଳା ଦେଖି ତାଙ୍କ ସହିତ ବିବାହର ପ୍ରଲୋଭନ ଦେଖାଇ ଜବରଦସ୍ତି ପୀଡ଼ିତାଙ୍କୁ ନିଜ ଘରକୁ ନେଇ ତାଙ୍କ ଇଚ୍ଛା ବିରୁଦ୍ଧରେ ଦୁଷ୍କର୍ମ କରିଥିଲା । କିଛି ଦିନ ପରେ ଅଭିଯୁକ୍ତ ପୀଡ଼ିତାଙ୍କୁ ଏକୁଟିଆ ଛାଡ଼ିଦେଇ କେଉଁଆଡ଼େ ପଳାଇ ଯାଇଥିଲା ଏବଂ ଫୋନ୍‌ରେ ମୁଁ ବିବାହିତ ତୁ ତମ ଘରକୁ ପଳାଇଯା ବୋଲି କହିଥିଲା । ତେଣୁ ପୀଡ଼ିତା ବାପ ଘରକୁ ଆସି ସବୁ ଘଟଣା କହି ଦାରିଙ୍ଗିବାଡ଼ି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ, ଥାନାଧିକାରୀ ଏକ ମାମଲା ୪୩/ ୨୪.୦୩.୨୦୧୭ ରୁଜୁ କରି ଏସ୍ ଆଇ ଶ୍ରୀକାନ୍ତ ଖମାରିଙ୍କୁ ଘଟଣାର ତଦନ୍ତ ଭାର ଦେଇଥିଲେ । ତଦନ୍ତ ପରେ ଅଭିଯୁକ୍ତକୁ ଗିରଫ କରି କୋର୍ଟରେ ହାଜର କରାଯାଇଥିଲା । ସେହି ମାମଲାର ବିଚାର କରି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ଏଥିସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୫ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଭଦ୍ରକ ପାଲଟିଛି ଗୋଚାଲାଣର ଚରାଭୂଇଁ

# ଭ୍ୟାନ୍ ଓଲଟି ୧୨ ଗୋରୁ ମୃତ, ୬ ଉଦ୍ଧାର

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ବେଆଇନ ଗୋରୁ ଚାଲାଣରେ ଭଦ୍ରକ ଏବେ ଗୋରୁ ମାଫିଆଙ୍କର ହବ୍ ପାଲଟିଛି । ଏ ଦିଗରେ ଗୋ ରକ୍ଷକମାନେ ନିଜ ଜୀବନକୁ ବାଜି ଲଗାଇ ଗୋରୁ ଗାଡ଼ିଗୁଡ଼ିକୁ ଗୋଡ଼ାଇ ଗୋଡ଼ାଇ ଧରୁଥିବାବେଳେ ପୁଲିସ୍ ଏ ଦିଗରେ କୌଣସି ଆଖିଦୃଶିଆ କାର୍ଯ୍ୟ କରୁନଥିବାର ଅଭିଯୋଗ ହୋଇଛି । ତେବେ ସେହିଭଳି ଏକ ବେଆଇନ୍ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ ୧୨ଟି ଗୋରୁ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୬ଟିକୁ ଗୁରୁତର ଭାବେ ଉଦ୍ଧାର କରାଯାଇଛି । ଘଟଣା ସ୍ଥଳରେ ଉତ୍ତେଜନା ଲାଗିରହିଥିଲା । ଉତ୍ୟକ୍ତ ଲୋକେ ପିକ୍‌ଅପ୍ ଭ୍ୟାନ୍‌କୁ ପୋଡ଼ି ଦେଇଥିବାର ଜଣାପଡିଛି । ଘଟଣାରୁ ଯାହା ଜଣାଯାଏ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନସ୍ଥ ଗେଲଟୁଆ ଠାରେ ଭୋର ସମୟରେ ଆଗରପଡ଼ା ଅଞ୍ଚଳରୁ ଉକ୍ତ ପିକ୍‌ଅପ୍ ଭ୍ୟାନ୍‌ଟି ବେଆଇନ ଭାବେ ୧୮ଟି ଗୋରୁ ବୋଝେଇ କରି ଭଦ୍ରକ ଅଭିମୁଖେ ଦ୍ରୁତ ଗତିରେ ଆସୁଥିଲା । ଯାହା ଜଣାଯାଏ ୧୬ନଂ ଜାତୀୟ ରାଜପଥରେ ଗୋରକ୍ଷକମାନେ ଜଗିଥିବାର ଜାଣି ଏହି ଭ୍ୟାନ୍‌ଟି ଗ୍ରାମାଞ୍ଚଳ ରାସ୍ତା ଦେଇ ଆସୁଥିଲା । ତେବେ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ଗେଲଟୁଆ ବାଙ୍କ ନିକଟରେ ଓଲଟି ପଡ଼ିଥିଲା । ଫଳରେ ଭ୍ୟାନ୍‌ରେ ଥିବା ପ୍ରାୟ ୧୮ରୁ ଅଧିକ ଗୋରୁଙ୍କ ମଧ୍ୟରୁ ୧୨ଟି ଗୋରୁଙ୍କର ସେଠାରେ ମୃତ୍ୟୁ ହୋଇଥିଲା । ଏହାକୁ ଦେଖି ସ୍ଥାନୀୟ ଲୋକେ ପ୍ରଥମେ ବଞ୍ଚିଥିବା ୬ ଗୋରୁଙ୍କୁ ଉଦ୍ଧାର କରି ଭ୍ୟାନ୍‌ଟିକୁ ନିଆଁ ଲଗାଇ ପୋଡ଼ିଦେଇଥିଲେ । ଖବର ପାଇ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଓ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ହେଲେ କୌଶଳ କ୍ରମେ ଭ୍ୟାନ୍‌ର ଡ୍ରାଇଭର ଫେରାର ହୋଇଯାଇଥିଲା । ତେବେ ଏତେ ସଂଖ୍ୟାରେ ଗୋରୁ ମୃତ୍ୟୁ ବରଣ କରିଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି ।

# ମାୟା ସାହିତ୍ୟ ଅନୁଷ୍ଠାନର 'ଏକତ୍ର ଐକ୍ୟାମୃତ' ସାହିତ୍ୟ ଆସର

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ସାମ୍ବାଦିକ ଭବନରେ ମାୟା ସାହିତ୍ୟ ଅନୁଷ୍ଠାନର 'ଏକତ୍ର ଐକ୍ୟାମୃତ' ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ଗୀତିକାର ଦୁର୍ଗାମାଧବ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ଼ଃ ପ୍ରଦୀପ କୁମାର ପଣ୍ଡା, ଡ଼ଃ ଶ୍ୟାମ ଭୋଇ, ଡ଼ଃ ଦୁର୍ବାଦଳ ମେହେର ଅତିଥି ଓ ବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ପାଦକ ପ୍ରମୋଦ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ମୋହିନୀ ହୋତା ଏବଂ ମମତା ନାଥଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଦୁର୍ଗା ପ୍ରସାଦ ପଣ୍ଡା, ଆଦିତେଶ୍ୱର ମିଶ୍ର, ମିଶ୍ର, ସରୋଜ ମହାନ୍ତି, ସାବିତ୍ରୀ ପୁରୋହିତ, ଗୋବିନ୍ଦ ମହାରଣା, ସୁଧାଂଶୁ ଶେଖର ମିଶ୍ର, କମଳଲୋଚନ ପଣ୍ଡା, ସବିତା ମିଶ୍ର, ଅନୁପମା ବିଶ୍ୱାଳ, ପ୍ରଣତି ମହାପାତ୍ର, ଅନନ୍ୟା ବେହେରା, ବିଚିତ୍ରା ବାଗ, ସତ୍ୟନାରାୟଣ ଠାକୁର, ବିରଜା ମୋହିନୀ ତ୍ରିପାଠୀ, ଅର୍ଜୁନ ମେହେର, ଅବକାଶ ପ୍ରଧାନ, ଲକ୍ଷ୍ମୀପ୍ରିୟା ମହାରଣା, ପ୍ରଦୀପ ଯୋଶୀ, ଶିବଶଙ୍କର ପ୍ରଧାନ ପ୍ରମୁଖ କବିତା ପାଠ କରିଥିଲେ । ଆବାହକ ଲଳିତ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ପରିବା ଦର ଆକାଶ ଛୁଆଁ : ଖାଉଟି ହନ୍ତସନ୍ତ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**



ଯାଜପୁର ଜିଲ୍ଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରବାଟି ପରିବା ମାର୍କେଟ ରାଜ୍ୟରେ ଏକ ଜଣାଶୁଣା ପରିବା ବଜାର, ହେଲେ କାର୍ତ୍ତିକ ମାସ ପରେ ମଧ୍ୟ ପରିବା ମୂଲ୍ୟ ହ୍ରାସ ପାଉ ନଥିବା ଯୋଗୁଁ ଖାଉଟିମାନେ ଦହଗଞ୍ଜ ହେଉଛନ୍ତି । ବାରବାଟି ପରିବା ବଜାରରେ ପରିବ ଦର ୬୦ରୁ ୮୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି । ଯାହା ଫଳରେ ଖାଉଟିମାନଙ୍କ ପକେଟରେ ମାଡ଼ ହେଉଛି । କିଲେ ନେବା ଜାଗାରେ ଖାଉଟିମାନେ ଅଧକେଜି ଅଢ଼େଇଶହ ଗ୍ରାମ ପରିବା ନେବାକୁ ବାଧ ହେଉଛନ୍ତି । ସେହିପରି ଏହି ବଜାରରୁ ପନିପରିବା ଆଣି ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଅଧିକ ମୂଲ୍ୟରେ ପନିପରିବା ବିକ୍ରି କରିବାକୁ ବାଧ ହେଉଛନ୍ତି । ଜାରକା, ଧର୍ମଶାଳା, କାଏମା, ନାଉପୋଖ, ନେଉଳପୁର ଆଦି ବଜାରରେ ବାଇଗଣ କିଲୋ ୮୦ ଟଙ୍କା, ଝୁଡଙ୍ଗ ୧୨୦, ପୋଟଳ ୧୨୦, ବିଲାତି-ବାଇଗଣ ୭୦, ଫୁଲକୋବି ଗୋଟା ୫୦ ଟଙ୍କାରେ ବିକ୍ରି ହେଉଛି । ଏହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରଚୁର ପରିମାଣରେ ପନିପରିବା ଚାଷ ହୋଇଥାଏ । ହେଲେ ଚଳିତ ବର୍ଷ ବର୍ଷା ଲାଗିରହିବାରୁ ପନିପରିବା ଚାଷ ବାଧାପ୍ରାପ୍ତ ହୋଇଥିଲା । ବର୍ଷା ଛାଡ଼ିବା ପରେ ଚାଷୀମାନେ ନିଜ ବିଲକୁ ପ୍ରସ୍ତୁତ କରି ପନିପରିବା ଚାଷ ଆରମ୍ଭ କରିଥିବା ବେଳେ ଅମଳ ସମୟ ହୋଇନଥିବାରୁ ଏ ଅଞ୍ଚଳରୁ ପନିପରିବା ମିଳିବା ସମ୍ଭବପର ହେଉ ନାହିଁ । ବଡ଼ବଡ଼ ବ୍ୟବସାୟୀ ମାନେ ରାଜ୍ୟର ବିଭିନ୍ନ ସ୍ଥାନରୁ ପନିପରିବା ଆଣି ବାରବାଟି ବଜାରରେ ଛୋଟ ଛୋଟ ବ୍ୟବସାହୀମାନଙ୍କୁ ଉଚ୍ଚା ମୂଲ୍ୟରେ ବିକ୍ରି କରିବା ଫଳରେ ପନିପରିବା ଦର ବୃଦ୍ଧି ପାଇଛି । ତେବେ ଆଉକିଛି ଦିନ ପର୍ଯ୍ୟନ୍ତ ପନିପରିବା ମୂଲ୍ୟ ଏଭଳି ଉଚ୍ଚା ରହିବ ସ୍ଥାନୀୟ ଉତ୍ପାଦନ ଆରମ୍ଭ ହୋଇଗଲେ ପନିପରିବା ମୂଲ୍ୟ ହ୍ରାସ ପାଇବ ବୋଲି ବ୍ୟବସାୟୀମାନେ କହିଛନ୍ତି ।

# ମୌଳିକ ସୁବିଧାରୁ ବଞ୍ଚିତ ଗାଁ ଲୋକଙ୍କ ଭୋଟ ବର୍ଜନ ଚେତାବନୀ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ମୌଳିକ ସୁବିଧାରୁ ବଞ୍ଚିତ ଗାଁ ଲୋକଙ୍କ ଭୋଟ ବର୍ଜନ ଚେତାବନୀ । ଗାଁକୁ ପକ୍କା ରାସ୍ତା ଆଉ ପାଣି ସୁବିଧା ହେଲେ ଭୋଟ ଦେବେ, ନଚେତ ଭୋଟ ଦେବେନି ଗାଁ ଲୋକେ । ଏଭଳି ନିଷ୍ପତ୍ତି ନେଇଛନ୍ତି କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ କୋଲାର ପଞ୍ଚାୟତର ସୁନ୍ଦରଯୋଡ଼ି ଗାଁ ଲୋକେ । ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି ଗାଁର ଲୋକେ । ଘଞ୍ଚ ପାହାଡ଼ ଘେରା ଏହି ଗାଁରେ ଆଜି ବି ସ୍ଥିତିରେ ସୁଧାର ନାହିଁ । ଯେଉଁଠି ଭଲ ରାସ୍ତାଟିଏ ନଥିବାରୁ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି । ଆଉ ପିଇବା ପାଣି ସୁବିଧା ନଥିବାରୁ ପ୍ରତିଦିନ ହଇରାଣ ହେଉଛନ୍ତି ନିରାହ ଗାଁ ଲୋକେ । ବାଧ ହୋଇ ଛୁଆଁ ପାଣି ଉପରେ ଭରସା କରିଛନ୍ତି । ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ କୋଲାର ପଞ୍ଚାୟତ ସରନ୍ଦଯୋଡ଼ି ଗାଁରେ ମୋଟ ୨୦ ଘର ପରିବାର ବସବାସ କରନ୍ତି । ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇ ନଥିବାରୁ ଗ୍ରାମବାସୀ ୨କିମି ଦୂର ଚାଲି ଚାଲି ଜାଗାର ରାଜପଥକୁ ଯାଉଛନ୍ତି । ପରେ କୌଣସି ଗାଡ଼ିରେ ଭଡ଼ା କିମ୍ବା ରାସନ ସାମଗ୍ରୀ ଆଣିବା ନିମନ୍ତେ ପ୍ରାୟ ୯କିମି ଦୂର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଛନ୍ତି । ୫ କିଲୋ ଚାଉଳ ପାଇଁ ଗାଡ଼ି ଭଡ଼ା ବାବଦକୁ ଶହେ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଅନ୍ୟପଟେ ସରନ୍ଦାଯୋଡ଼ି ରାସ୍ତାରେ ପାହାଡ଼ିଆ ନଦୀ ବାଟ ଅଗାଳୁଥିବାରୁ ବର୍ଷାଦିନେ ଗ୍ରାମବାସୀ ଏକପ୍ରକାର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥାନ୍ତି । ଗାଁରେ ବିଦ୍ୟାଳୟ କିମ୍ବା ଅଙ୍ଗନୱାଡ଼ି କେନ୍ଦ୍ର ନଥିବାରୁ ପିଲାଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । କୋମଳମତି ଶିଶୁମାନେ ପ୍ରାକ୍ ଶିକ୍ଷା ପାଇଁ ନାଳ ପାର ହୋଇ ଚାଲି ଚାଲି ୩ କି.ମି ଦୂର ଚିଲିମାଲ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଉଛନ୍ତି । ଏଥିସହ ଛାତ୍ରଛାତ୍ରୀମାନେ ୬ କିମି ଦୂର ମୁଦୁଲିଗୁଡ଼ା ବିଦ୍ୟାଳୟକୁ ପଢ଼ିବା ପାଇଁ ଯାଉଥାନ୍ତି । କିନ୍ତୁ ବର୍ଷାଦିନେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଯାଇଥାଏ । ଗାଁରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଏକମାତ୍ର ନଳକୂପର ଗୋଟିଏ ପାଣି ବାହାରୁଥିବାରୁ ବାଧ ହୋଇ ଗ୍ରାମବାସୀ ଚୁଆ ପାଣି ପିଉଛନ୍ତି । ଏହି ଦୂଷିତ ପାଣି ପିଇ ଲୋକେ ରୋଗାକ୍ରାନ୍ତ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଗାଁକୁ କୌଣସି ଗାଡ଼ି କିମ୍ବା ଆମ୍ବୁଲାନ୍ସ ଯାଇପାରୁନଥିବାରୁ ଜରୁରୀ ସମୟରେ ଗର୍ଭବତୀ ଓ ରୋଗୀଙ୍କୁ ଭାରରେ ବୋହି ଜାତୀୟ ରାଜପଥ ପର୍ଯ୍ୟନ୍ତ ନିଆଯାଉଛି । ପରେ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଗାଡ଼ିରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଉଛି । ଏଭଳି ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ସରନ୍ଦାଯୋଡ଼ି ଗ୍ରାମବାସୀଙ୍କ ପ୍ରତି ପ୍ରଶାସନର ଦୃଷ୍ଟି ନପଡ଼ିବା ପରିତାପର ବିଷୟ ପାଲଟିଛି । ଏ ସମସ୍ତ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଭୋଟ ଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ଗାଁ ଲୋକେ ।

# ୫ ଦାଦନ ଶ୍ରମିକ ସହ ୩ ନାବାଳକ ଉଦ୍ଧାର ବୋଲେରୋ ଜବତ, ସର୍ଦ୍ଦାର ଗିରଫ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ହାତିବନ୍ଧା ଫୋରୱେ ରାସ୍ତା ଠାରୁ ସିନାପାଲି ପୋଲିସ ୫ଜଣ ଦାଦନ ଶ୍ରମିକ ସହ ୩ ନାବାଳକଙ୍କୁ ଆଜି ଉଦ୍ଧାର କରିଥିବା ବେଳେ ଏକ ବୋଲେରୋ ଗାଡ଼ିକୁ ଜବତ କରି ସର୍ଦ୍ଦାରଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ଗିରଫ ସର୍ଦ୍ଦାର ଜଣକ ହେଲେ ସିନାପାଲି ଥାନା ବରପଦର ଗ୍ରାମର କ୍ଷେତ୍ର ମୋହନ ଛତ୍ରିଆ, ଦାଦନ ଶ୍ରମିକ ହେଲେ ଲିଟିଗୁଡ଼ା ଗ୍ରାମର ପଦମନ ହରପାଲ (୩୬), ମହାଦେବ ବାଗ (୪୫), ପୁସ୍ତମ ବଗର୍ତୀ (୩୫), ମଞ୍ଜୁଲତା ହରପାଲ (୩୨) ସୁଫଲ ବାଗ (୩୬) ସମେତ ୩ ନାବାଳକ । ପ୍ରାପ୍ତ ଖବର ଅନୁସାରେ ସନ୍ଧ୍ୟା ୭ଟା ବେଳେ ସିନାପାଲି ଥାନାଧିକାରୀ ଦୁର୍ଗାମାଧବ ବାଗଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିଲା । ଏହି ସମୟରେ ହାତିବନ୍ଧା ଫୋରୱେ ରାସ୍ତା ଏକ ଢାବା ଠାରେ ସର୍ଦ୍ଦାର ଶ୍ରମିକ ମାନଙ୍କୁ ବୋଲେରୋ ସହଯୋଗରେ ଆଣି ବସରେ ଚଢାଇ ହାଇଦ୍ରାବାଦ ନେବାକୁ ରାସ୍ତା କଡ଼ରେ ଅପେକ୍ଷା କରିଥିଲା । ଏହି ଦାଦନ ଶ୍ରମିକଙ୍କୁ ହାଇଦ୍ରାବାଦ ଦାଦନ ଖଟାଇବାକୁ ନିଆଯାଉଥିଲା । ହେଲେ ପୋଲିସ ସେମାନଙ୍କୁ ସନ୍ଦେହ କରି ଚଢ଼ଉ କଲା ଏବଂ ଶ୍ରମିକଙ୍କୁ ଉଦ୍ଧାର କରି ଏକ ବୋଲେରୋ ଗାଡ଼ି ଜବତ କରିବା ସହ ସର୍ଦ୍ଦାରଙ୍କୁ ଗିରଫ କରିଥିଲା । ସେଠୁ ଶ୍ରମିକମାନଙ୍କୁ ସିନାପାଲି ଥାନାରେ ଅଧିକ ପଚରା ଉଚରା କରି ସେମାନଙ୍କୁ ଘରକୁ ଛାଡ଼ିଥିବା ବେଳେ ସର୍ଦ୍ଦାରଙ୍କୁ କୋର୍ଟ ଚାଲାଣ କରିଛି । ଏନେଇ ସିନାପାଲି ଥାନାରେ କେସ ନମ୍ବର ୩୫୪/ ୨୫ ଅନୁସାରେ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି । ଏହି ଚଢ଼ଉରେ ଥାନାଧିକାରୀ ସମେତ ଏସଆଇ ସହଦେବ ଯୋଶୀ, କନେଷ୍ଟବଳ କ୍ଷେତ୍ର ସରାଫ, ହବିଲଦାର ଅଭିରାମ ଘିଭେଲା ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ ।

# ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରତିଭା ସମ୍ମାନ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକର ଅଗ୍ରଣୀ ସ୍ୱେଚ୍ଛସେବୀ ସଂଗଠନ ଭାବେ ବିପଦର ବନ୍ଧୁ ପରିବାର ବେଶ୍ ପରିଚିତ । ବିଭନ୍ନ କାର୍ଯ୍ୟକ୍ଷେତ୍ର ପାରଦର୍ଶିତା ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ମାନୀତ କରାଯିବା ସହ ବହୁମୁଖୀ ଜନସେବା ମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଏହିକ୍ରମରେ ଟ୍ରଷ୍ଟ ପକ୍ଷରୁ ବଡ଼କଇଁଚି ପଞ୍ଚାୟତ ନରସିହଂପୁରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ପ୍ରତିଭା ସମ୍ମାନ ଉତ୍ସବ ଟ୍ରଷ୍ଟ ସଭାପତି ନିମାଁଇ ପଣ୍ଡା ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୋରେଇ ବିଜେପିର ବରିଷ୍ଠ ନେତା ପ୍ରହଲ୍ଲାଦ ପଣ୍ଡା, ସମ୍ମାନୀତ ଅତିଥିଭାବେ ରାଜ୍ୟ ସଂସ୍କୃତି ସୁରକ୍ଷା ମଞ୍ଚ ଉପ-ସଭାପତି ସୁଦାମ ଚରଣ ଦାସ,କଟକ ସେଂଟ୍ରାଲ ରେଡକ୍ରସ୍‌ର କ୍ୟାମ୍ପ ଅର୍ଗାନାଇଜର ଅବିନାଶ ଦାଶ, ଡାକ୍ତର ବସନ୍ତ ପଣ୍ଡା, ପରିବେଶବିତ୍ ଗୋପୀନାଥ ପତି, ପୂର୍ବତନ ସିଆରସିସି ପ୍ରଦୀପ ସାମଲ, ଶିକ୍ଷାବିତ୍ କୈଳାସ ରାଉତ, ଶିକ୍ଷକ ଅନନ୍ତ ପାତ୍ର ଓ ରବିନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇ ଟ୍ରଷ୍ଟର କାର୍ଯ୍ୟଧାରାକୁ ଉଚ୍ଚ ପ୍ରଶଂସା କରିବା ସହିତ ସ୍ଥାନୀୟ ଅଞ୍ଚଳର ପ୍ରତିଭାମାନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ରଶ୍ମୀରଂଜନ ପଶାୟତ, ସାମ୍ବାଦିକ ରଂଜିତ ରାଉତ, ପରିବେଶବିତ୍ ତ୍ରିଲୋଚନ ପତି, ସମାଜସେବା ପାଇଁ ଲୋକନାଥ ପଣ୍ଡା, ଦେବୀ ପ୍ରସାଦ ସାହୁ ଓ ହୃଦାନନ୍ଦ ସାହୁ ପ୍ରମୁଖଙ୍କୁ ଅତିଥିମାନେ ସମ୍ମାନୀତ କରିଥିଲେ । ଏଥି ସହିତ ଅତିଥିମାନେ ଓ ଟ୍ରଷ୍ଟର କର୍ମକର୍ତ୍ତା ରସୁଲପୁର ବ୍ଲକ ଅଞ୍ଚଳର ଦରିଦ୍ର ସୀମା ରେଖା ତଳେ ବସବାସ କରୁଥିବା ଦରିଦ୍ର ନାରାୟଣଙ୍କୁ ଶୀତବସ୍ତ୍ର, ନୂତନ ବସ୍ତ୍ର ଓ ଚାରା ବଂଟନ କରିଥିଲେ ।

## ତ୍ରୟୋଦଶ ଭଦ୍ରକ ମହୋତ୍ସବ

# ଐତିହାସିକ ତ୍ୟାଗଭୂମି ଭଦ୍ରକର ସର୍ବାଙ୍ଗୀନ ବିକାଶ ନିତାନ୍ତ ଜରୁରୀ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ମା' ଭଦ୍ରକାଳୀଙ୍କ ନାମରେ ନାମିତ ଭଦ୍ରକ ଭୂମିରେ ବହୁ ଧର୍ମ ପ୍ରଚାରକ, ସନ୍ଥ, ମହାପୁରୁଷ, ମନୀଷୀ, ରାଜନେତା ପଦାର୍ପଣ କରିଥିବା ବେଳେ ଏହି ପବିତ୍ର ଭୂମି ସ୍ୱାଧୀନତା ସଂଗ୍ରାମ, ଧର୍ମୀୟଧାରା, ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ନୌବାଣିଜ୍ୟ, ବିଜ୍ଞାନ ଆଦି କ୍ଷେତ୍ରରେ ଐତିହାସିକ ପଦଚିହ୍ନ ରଖିଯାଇଛି । କିନ୍ତୁ ୧୯୯୩ ମସିହାରୁ ଭଦ୍ରକ ଉପଖଣ୍ଡ ଜିଲ୍ଲାର ମାନ୍ୟତା ପାଇଥିଲେବି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି,ଶିଳ୍ପ, ସଡ଼କ ପରିବହନ ଆଦି ବହୁ କ୍ଷେତ୍ରରେ ଭଦ୍ରକର ଆଖି ଦୃଶିଆ ବିକାଶ ହୋଇ ନାହିଁ । ଏଣୁ ଏହି ଐତିହାସିକ ତ୍ୟାଗଭୂମି ଭଦ୍ରକର ସର୍ବାଙ୍ଗୀନ ବିକାଶ ନିତାନ୍ତ ଜରୁରୀ ବୋଲି ଉତ୍କଳ ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଏକାଦଶ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବର ଏକାଦଶ ସନ୍ଧ୍ୟାକୁ ଭଦ୍ରକର ପୂର୍ବତନ ସାଂସଦ ଜନନାୟକ, ଅର୍ଜୁନ ଚରଣ ସେଠୀଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା ଏବଂ 'ବିକାଶ ଧାରାରେ ଭଦ୍ରକ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲ । ମହୋତ୍ସବର ସମ୍ପାଦକ ରବି ନାରାୟଣ ଖିଲାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲ । ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ ବିଶିଷ୍ଟ ଅତିଥି, ସାମ୍ୟବାଦୀ ନେତା ଆଡଭୋକେଟ୍ ଦିବ୍ୟସିଂହ ନାୟକ ବରେଣ୍ୟ ଅତିଥି, ସେବା ନିବୃତ ଅଧକ୍ଷ ତଥା ପ୍ରଖ୍ୟାତ କଥାକାର ପବିତ୍ର ପାଣିଗ୍ରାହୀ ମୁଖ୍ୟ ବକ୍ତା, ପୂର୍ବତନ ବ୍ଲକ ଅଧକ୍ଷା ବିଦ୍ୟୁତ୍ ଲତା ନାୟକ, ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ନଳିନୀ କୁମାର ମହାନ୍ତି, ଧାମରା ସାହିତ୍ୟ ସଂସଦ, ରାଉରକେଲା ସମ୍ପାଦକ ସୁଶାନ୍ତ କୁମାର ନାୟକ, କଂଗ୍ରେସର ରାଜ୍ୟ ଦଳିତ ସଂଘ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ପୂର୍ବତନ ଭଦ୍ରକ ଜିଲ୍ଲା ବିଜେପି ମହିଳା ସଭାନେତ୍ରୀ କଳ୍ପନା ଜେନା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । କବି ନାରାୟଣ ପାଢ଼ୀ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିବା ବେଳେ ଟ୍ରଷ୍ଟର ସଭାପତି ଇଂ ଅଭୟ ସୂତାର ଅତିଥି ପରିଚୟ ପ୍ରଦାନ କରିଥିଲେ । ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଏବଂ ମହୋତ୍ସବ ଉପଦେଷ୍ଟା ବାବୁଲାଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ମହୋତ୍ସବ କାର୍ଯ୍ୟକ୍ରମକୁ ନାଟ୍ୟଶ୍ରୀ ନିର୍ମଳ ରାଉତ, ମିଡ଼ିଆ ସେଲ୍ ଅଧକ୍ଷ ପ୍ରମୋଦ କୁମାର ରାୟ, ଅଞ୍ଜୁବାଳା ରାଉତ, ଅଧ୍ୟାପକ ନାଶିର ବକ୍ସ ପ୍ରମୁଖ ପରିଚାଳନା କରିଥିଲେ । ଏହି ସନ୍ଧ୍ୟାରେ ଏମ୍. ଏମ୍. ଡ୍ୟାନ୍ସ ଗ୍ରୁପ ଚରମ୍ପା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ପାତ୍ରପୁଟ ବ୍ରିଜ୍‌ରେ ଭାରିଯାନ ନିଷେଧ ସାଇନ ବୋର୍ଡ ଲଗାଇବାକୁ ଦାବି

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ନିକଟ ପାତ୍ରପୁଟ ବ୍ରିଜ୍‌ରେ ୧୦ ଟନ୍‌ରୁ ଅଧିକ ଭାରିଯାନ ନିଷେଧ ସାଇନବୋର୍ଡ ଲଗାଇବାକୁ ମାନବଅଧିକାର ରକ୍ଷକ ଅନୁପ ପାତ୍ର ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଜୟପୁର ନିକଟରେ ଥିବା ପାତ୍ରପୁଟ ଲୁହା ପୋଲ ସେତୁର ସୁରକ୍ଷା ଅନିଶ୍ଚିତ କରିବା ପାଇଁ ସୁରକ୍ଷା ରେଲି ମରାମତି ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କାର୍ଯ୍ୟ ଆରମ୍ଭ ହୋଇଛି । ତଥାପି ଏହା ମନେରଖିବା ଗୁରୁତ୍ୱପୂର୍ଣ୍ଣ ଯେ ସେତୁର ଲୋଡିଂ କ୍ଷମତା ୧୦ଟନ୍ ପର୍ଯ୍ୟନ୍ତ ସୀମିତ । ଏହା ସତ୍ତ୍ୱେ ଏହି କ୍ଷମତାଠାରୁ ଅଧିକ ଭାରି ଯାନଗୁଡ଼ିକ ପ୍ରାୟତଃ ଏହି ବ୍ରିଜ୍ ଦେଇ ଯାତାୟତ କରୁଛନ୍ତି । ଏହା ବ୍ୟତିତ ଲୌହ ରେଲିଂ ଗୁଡିକ ନିୟମିତ ଚୋରି ହେଉଛି । କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ସେତୁର ସୁରକ୍ଷା କରିବା ପାଇଁ ତୁରନ୍ତ ପ୍ରତିକାରାତ୍ମକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ଏଥିରେ ୧୦ ଟନ୍ ଭାରିଯାନ ଚଳାଚଳକୁ ନିଷେଧ କରିବା ଏବଂ ବିକଳ୍ପ ମାର୍ଗ କରିବା ଓ ସେତୁରେ ଭାରିଯାନ ମନା ବୋଲି ସାଇନବୋର୍ଡ ଲେଖିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।

# ରାମାୟଣ ନାଟକରେ ଅଶ୍ଳୀଳ ପ୍ରଦର୍ଶନ ୯ ଜଣଙ୍କ ନାମରେ ମାମଲା

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ମୌଳାଭଣଂଜା ଗ୍ରାମରେ ପୌରାଣିକ ନାଟକ ପ୍ରଦର୍ଶନ ବେଳେ ଅଭିନେତା ଅଭିନେତ୍ରୀମାନେ ଅଶ୍ଳୀଳ ଅଭିନୟ ଓ ନୃତ୍ୟ ପରିବେଷଣ କରିବାରୁ ଏମାନେ କୋର୍ଟର କାଠଗଡ଼ାକୁ ଆସିଛନ୍ତି । ଏନେଇ ଦିଗପହଣ୍ଡି ଥାନାରେ ୯ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି । ଏହି ମାମଲାରେ ନାଟକ କଳାକାର, ପରିଚାଳକ ଆୟୋଜକ କମିଟିର କର୍ମକର୍ତ୍ତା ସମେତ ୯ଜଣଙ୍କ ନାମରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଥାନାରେ କେସ ନଂ୪୧୯/ ୨୫ବିଏନଏସଧାରା ୨୯୯/ ୨୯୬/୩୫ ୨/୩(୫)ସହିତ ଆରଆରଡବ୍ଲୁ ଆକ୍ଟ ୧୯୮୬ର ଧାରା ୬ ପ୍ରକାରେ ମାମଲା ରୁଜୁ ହୋଇଛି ।

# ଜବରଦଖଲରେ ସହରାଞ୍ଚଳ ଜଳପଥ : ଜଳଧାରଣ କ୍ଷମତା ହରାଇଛି ଗୋବରୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



ପୁରାଣ ପ୍ରସିଦ୍ଧ ମଧୁସାଗର ତଥା କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବାହିତ ଗୋବରୀ ନଦୀ ଏବେ ଜଳଧାରଣ କ୍ଷମତା ହରାଇଛି । ଜଳ ମଧ୍ୟ ଜହର ପାଲଟିଛି । ନଦୀ ମାର୍ଗ ଏବେ ଜବରଦଖଲକୁ ଚାଲି ଯାଉଥିବାରୁ କୃଷି କ୍ଷେତ୍ରକୁ ଆଉ ପର୍ଯ୍ୟାପ୍ତ ଜଳ ଯୋଗାଇ ହେଉନାହିଁ । ଏ ନେଇ ସ୍ଥାନୀୟ ଅଧିବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟିକୁ ଆଣିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ସେହିପରି ୨୦୨୧ ମସିହାରେ ଜିଲ୍ଲା ଜଳ ସମ୍ପଦ ବିଭାଗ ପକ୍ଷରୁ ହୋଇଥିବା ଜଳ ପରୀକ୍ଷଣରେ ବିଷାକ୍ତ ପଦାର୍ଥ ଅତ୍ୟଧିକ ଥିବା ରିପୋର୍ଟକୁ ଅଣଦେଖା କରାଯାଉଥିବା ସ୍ଥାନୀୟ ଅଧିବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଜଳସମ୍ପଦ ବିଭାଗ ଆକଳନ ଅନୁଯାୟୀ, ଗୋବରୀର ୧୩୮ କିଲୋମିଟର ଲମ୍ବର ଉଭୟ କୂଳରେ ୭,୬୧୬ ହେକ୍ଟର ଆୟାକଟ୍‌ରେ ଜଳସେଚନ ହୋଇଥାଏ । ସେହିପରି ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମାଳିବସା, ତନ୍ତିଆପାଳ, ବେଣାକନ୍ଦା ଓ ବିଜୟନଗରଠାରେ କ୍ରିକ୍ ବନ୍ଧ ଯୋଜନା ପରେ ୪ ହଜାର ହେକ୍ଟର ଜମିରେ ଚାଷ ହୁଏ । ଏଠାରୁ ପାଣି ଆସି ରବି ଫସଲ ୩୨୦୦ ହେକ୍ଟର, ବାଦାମ ୬୦୦ ହେକ୍ଟର କ୍ଷେତରେ ଚାଷ ହୁଏ । ଜିଲ୍ଲାର ୮୦ ହଜାରରୁ ଉର୍ଦ୍ଧ୍ୱ ଅଧିବାସୀ ଏହି ପାଣିକୁ ଉପଯୋଗ କରିଥାନ୍ତି । ଏହି ଉତ୍ସକୁ ୩୦ ହଜାର ହେକ୍ଟର ଜମିକୁ ଚାଷ ପାଇଁ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ବିନିଯୋଗ କରାଯାଏ ବୋଲି ବିଭାଗୀୟ ସର୍ଭେ ରିପୋର୍ଟରେ ଉଲ୍ଲେଖ ଅଛି ।

ଏ ସମ୍ପର୍କରେ ସହରର ସେକ୍ ଅମଜାନ, ଫୋରଡ଼ ଗ୍ରାମର ଟୁନା ସାହୁ, କଂସାରର ନୀଳମାଧବ ମହାପାତ୍ର, ନିରଞ୍ଜନ ପରିଡ଼ା ପ୍ରମୁଖ କହିଛନ୍ତି, ଜିଲ୍ଲାରେ ଥିବା ୭ ନଦୀର ଜଳ ଜୀବନଜୀବିକାକୁ ସମୃଦ୍ଧ କରୁଛି । ଏଥିରେ ଗୋବରୀ ନଦୀର ଅବଦାନ ଅଧିକ । ୫ ଦଶନ୍ଧି ପୂର୍ବରୁ ସଡ଼କପଥ ସୁବିଧା ନ ଥିବାରୁ ଗୋବରୀର ଜଳପଥ ପଣ୍ୟଦ୍ରବ୍ୟ ବ୍ୟବସାୟରେ ମୁଖ୍ୟ ମାଧ୍ୟମ ଥିଲା । ସମୁଦ୍ରରୁ ଜମ୍ବୁ ଦେଇ ଗୋବରୀ ମହାନଦୀ ଜଳପଥରେ କଟକ ପର୍ଯ୍ୟନ୍ତ ପଣ୍ୟଦ୍ରବ୍ୟ କାରବାର ସହ ଯାତାୟାତ ହେଉଥିଲା । ସ୍ୱାଧୀନତା ପରବର୍ତ୍ତୀ କାଳରେ ଏହାର ଉନ୍ନତୀକରଣ କରାଯାଇ ନଦୀଜଳକୁ ଚାଷରେ ବ୍ୟବହାର ହେଲା । ଏହା ବ୍ୟତୀତ ବିଭିନ୍ନ ପୁରାଣରୁ ମଧୁସାଗରର ଜନ୍ମ ସହ ଗୋବରୀ ନଦୀର କାହାଣୀ ଲୋକ ମୁଖରେ ପ୍ରଚଳିତ ଅଛି । ତେବେ ଏହି ନଦୀ ଏବେ ବ୍ୟବହାରଯୋଗ୍ୟ ହୋଇ ରହିନାହିଁ । ଏଥିରେ ଭାରିମାତ୍ରାରେ କାଡମିୟମ, କ୍ରେମିୟମ ଓ ପଟାସିୟମ ରହିଥିବା ପରୀକ୍ଷଣରୁ ଜଣାପଡ଼ିଛି । ଏହି ଜଳକୁ ବ୍ୟବହାର ଦ୍ୱାରା ଚର୍ମ ରୋଗ ସହ ଜଳବାହିତ ରୋଗ ଦେଖାଦେଉଛି । ଗ୍ରାମାଞ୍ଚଳ ଅପେକ୍ଷା ସହର ମଧ୍ୟରେ ଏହାର ଜଳପଥକୁ ସର୍ବାଧିକ ଜବରଦଖଲ କରାଯାଇଛି । ନିକଟରେ ଦୁଇଟି ସାଇଫନ ଦ୍ୱାରା ସହରର ଅଳିଆ ଆବର୍ଜନା ପାଣି ନଦୀକୁ ଛଡ଼ାଯାଇଛି । ସେହିପରି ନଦୀକୂଳବାସୀଙ୍କ ଶୌଚାଳୟର ଦ୍ୱାର ନଦୀ ମଧ୍ୟକୁ ଅଛି । ଯାହାଫଳରେ ନଦୀ ଜଳ ପ୍ରଦୂଷିତ ହେବା ସହ ଜବରଦଖଲକାରୀ ନଦୀପଥକୁ ସଙ୍କୁଚିତ କରିଛନ୍ତି । ଉନ୍ନତୀକରଣ ନ ହେବାରୁ ନଦୀରେ ବିଲାତି ଦଳ ଭର୍ତ୍ତି ହୋଇଛି । ଯାହା ପାଇଁ କ୍ଷେତକୁ ପାଣି ଯାଇପାରୁନାହିଁ । ତେବେ ପ୍ରଶାସନ ପକ୍ଷରୁ ଜଳକର ଆଦାୟ ହେଉଛି । ଗୋବରୀର ଉନ୍ନତୀକରଣରେ ଜିଲ୍ଲାର ଆର୍ଥିକ ସ୍ଥିତି ସୁଧାର ଆସିବ ବୋଲି ସେମାନେ ମତ ଦେଇଛନ୍ତି । ଏ ସମ୍ପର୍କରେ ଜିଲ୍ଲା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଏହାର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି । ଖୁବ୍‌ଶୀଘ୍ର ଏହାର ସୁଫଳ ମିଳିବ ବୋଲି ସେ କହିଛନ୍ତି ।

# ଏମଜି ରୋଡ୍ ଜବରଦଖଲ ଉଚ୍ଛେଦ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ସହରର ଏମଜି ରୋଡ୍ ଅର୍ଥାତ ବାଳିକା ଉଚ୍ଚବିଦ୍ୟାଳୟ ପାଚେରି କଡ଼ରେ ଥିବା ଉଠା ଦୋକାନୀମାନେ ବେଇଆଇନ ଭାବେ ବୃଦ୍ଧି କରିବା ସହ ରାସ୍ତାରେ ଯାତାୟାତ ସମସ୍ୟା ସୃଷ୍ଟି କରିବା ସହ ଟ୍ରାଫିକ ଜାମ୍ କରୁଛନ୍ତି । ଏପରିକି ବାଳିକା ଉଚ୍ଚବିଦ୍ୟାଳୟର ପାଚେରୀରେ ସହର ସୌନ୍ଦର୍ଯ୍ୟ କରଣ ନିମନ୍ତେ ୱାଲ ପେଣ୍ଟିଂ କରାଯାଉଥିବା ଯୋଗୁଁ ଆଜି ଉପଜିଲ୍ଲାପାଳ ଏ. ସସ୍ୟା ରେଡ୍ଡୀଙ୍କ ନିର୍ଦ୍ଦେଶକ୍ରମେ ପୌରସଂସ୍ଥା କର୍ମଚାରେ ମାନେ ସମସ୍ତ ଉଠା ଦୋକାନୀ ମାନଙ୍କର ଜବରଦଖଲ ଉଚ୍ଛେଦ କରିଥିଲେ । ସେଠାରେ ଦୋକାନ ନ ପକାଇବା ପାଇଁ ତାଗିଦ କରିଥିଲେ । ଯଦି କେହି ଉଠା ଦୋକାନୀ ପୁନର୍ବାର ଦୋକାନ ଖୋଲନ୍ତି ତେବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦିନକୁ ୫ଶହ ଟଙ୍କା ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଉଚ୍ଛେଦରେ ପୌର ସଂସ୍ଥା ଅତିରିକ୍ତ ନିର୍ବାହୀ ଅଧିକାରୀ ପୂଜା ରାଉତ, ସ୍ୱାସ୍ଥ୍ୟ ନିରୀକ୍ଷକ ଭୁବନୀ ହାଲବା, ପରିମଳ ନିରୀକ୍ଷକ କିରଣ ମଲ୍ଲିକ, ଜଗଦିଶ ରାଓ, ସତ୍ୟ ନାରାୟଣ ପାତ୍ର ପ୍ରମୁଖଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

## ଗାଁକୁ ନାହିଁ ରାସ୍ତା, ଯାଇ ପାରିଲାନି ଆମ୍ବୁଲାନ୍ସ

# ଖଟିଆରେ ବୁହା ହୋଇ ହସ୍ପିଟାଲ ଗଲେ ରୋଗୀ



ବାରିପଦା, ନ୍ୟୁଜ ବ୍ୟୁରୋ

ଆଦିବାସି ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଗାଁକୁ ରାସ୍ତା ନଥିବାରୁ ଖଟିଆ ବୁହା ହୋଇ ମହିଳା ଜଣକ ଚିକିତ୍ସା ନିମନ୍ତେ ହସ୍ପିଟାଲକୁ ଯାଇଛନ୍ତି । ଏହିପରି ଅଭାବନୀୟ ଘଟଣା ଜିଲ୍ଲାର ଶରତ ବ୍ଲକ ଅଞ୍ଚଳରେ ଘଟିଛି । ସୂଚନା ଅନୁଯାୟୀ, ମହାକୁଡ଼ ସାହି ଠାରୁ ସାପୁଆ ଘର ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନାହିଁ । ଗ୍ରାମବାସୀ ମାନେ ନଦୀ ପାର ହୋଇ ମାଟି ରାସ୍ତା ଦେଇ ଚଳପ୍ରଚଳ କରୁଛନ୍ତି । ବାରମ୍ବାର ଦାବି ସତ୍ତ୍ୱେ ରାସ୍ତା ହେଲାନାହିଁ । ଯାହାକୁ ନେଇ ଗ୍ରାମଟି ଦୁର୍ଗମ୍ୟ ଅଞ୍ଚଳ ଭାବେ ରହିଛି । ଗାଁର ଜଣେ ମହିଳା ରୋଗୀ ଗୁରୁତ୍ୱର ଥିବା ବେଳେ ତାଙ୍କୁ ହସ୍ପିଟାଲକୁ ନେବାର ନିହାତି ଆବଶ୍ୟକ ହୋଇଥିଲା । ହସ୍ପିଟାଲକୁ ନେବାକୁ ଆମ୍ବୁଲାନ୍ସ ଆସିଥିବା ବେଳେ ରାସ୍ତା ନଥିବାରୁ ଗ୍ରାମକୁ ଯାଇ ପାରିନଥିଲା । ଗ୍ରାମ ଠାରୁ ୨/୩ କିଲୋମିଟର ଦୂରରେ ଅଟକି ରହିଥିଲା । ଗ୍ରାମବାସୀମାନେ ବାଧ ହୋଇ ମହିଳାଙ୍କୁ ଖଟିଆରେ ବୋହି ନଦୀ ପାର ହୋଇ ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ । ତାପରେ ମହିଳା ଜଣକ ହସ୍ପିଟାଲକୁ ଯାଇଥିଲେ । ଗାଁକୁ ରାସ୍ତା ନଥିବାରୁ ଗୁରୁତ୍ୱର ମହିଳା ରୋଗୀ ଜଣକ ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ରାଜ୍ୟ ସରକାର ପ୍ରତି ଗ୍ରାମକୁ ରାସ୍ତା ସଂଯୋଗ ନେଇ ଡିଣ୍ଡିମ ପିଟୁଥିବା ବେଳେ ପ୍ରକୃତ ଚିତ୍ର କିନ୍ତୁ ଅଲଗା ରହୁଛି ।

## ଧାମନଗରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ

# ଗୋହିରାଟିକିରିର ବିକାଶ ଲାଗି ରାଜ୍ୟ ସରକାର ନେବେ ପଦକ୍ଷେପ

**ଧାମନଗର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧାମନଗର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବା ସହ ୧୦୧ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୨୨ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଦୋବଲରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଗୋହିରାଟିକିରି ଉନ୍ନୟନ ପରିଷଦ ସ୍ୱାଗତ କରିଥିଲା । ସେଠାରୁ ଏକ ବାଇକ ଶୋଭାଯାତ୍ରାରେ ଧର୍ମେନ୍ଦ୍ରଙ୍କୁ ଐତିହାସିକ ଗୋହିରାଟିକିରି ପୀଠ ଯାଏ ନିଆଯାଇଥିଲା । ଏଠାରେ ମାଳିକା ବର୍ଣ୍ଣିତ ଅର୍ଜୁନ ଗଛ ମୂଳରେ ପୂଜାରେ ଯୋଗଦେଇଥିଲେ । ଏହାପରେ ଉତ୍କଳର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।



ନିକଟସ୍ଥ ଆଶ୍ରମରେ ପହଞ୍ଚି ପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କ ନିକଟରେ ପ୍ରାର୍ଥନା କରିଥିଲେ ଏବଂ ମୁକୁନ୍ଦଦେବ ସ୍ମାରକୀ ଭିତ୍ତିଭୂମି ପ୍ରକଳ୍ପର ଅନୁଧ୍ୟାନ କରିଥିଲେ । ଗୋହିରାଟିକିରିରୁ ଆସି ଦୋବଲ ବସଷ୍ଟାଣ୍ଡରେ ପହଞ୍ଚିଥିଲେ । ଲୌହପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଆୟୋଜିତ ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ । ଦୋବଲ ବସଷ୍ଟାଣ୍ଡଠାରୁ କାଳୀବଜାର ପର୍ଯ୍ୟନ୍ତ ଅନୁଷ୍ଠିତ ପଦଯାତ୍ରାରେ ବିଭିନ୍ନ ବର୍ଗର ୨୦ ହଜାର ଲୋକସାମିଲ ହୋଇଥିଲେ । ଏହାପରେ ଦୋବଲ କାଳୀ ପଡ଼ିଆରେ ଅନୁଷ୍ଠିତ ସାଧାରଣ ସଭାକୁ ଉଦବୋଧନ ଦେଇଥିଲେ । ଉତ୍କଳ ସନ୍ତାନର ବୀରତ୍ୱର ଗାଥା ବହନ କରୁଥିବା ଗୋହିରାଟିକିରିର ସମସ୍ତ ବିକାଶ ଲାଗି ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ସେ କହିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପାଣ୍ଠିରୁ ୧୫ କୋଟି ଟଙ୍କାରେ ହେବାକୁ ଥିବା ଧାମନଗର ମହାବିଦ୍ୟାଳୟ ବିକାଶ ପ୍ରକଳ୍ପ, ପର୍ଯ୍ୟଟନ ବିଭାଗ ପକ୍ଷରୁ ୨.୪୬ କୋଟିରେ ଗୋହିରାଟିକିରି ନିକଟ ସେନାପତିଆ ପୋଖରୀର ପାରିପାର୍ଶ୍ୱିକ ଉନ୍ନତିକରଣ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଲୁଣିଆ ସହିଦ ସ୍ମାରକୀ ପୀଠର ଉନ୍ନତିକରଣ ଓଗୋହିରାଟିକିରିଠାରେ ୫ କୋଟି ଟଙ୍କା ବ୍ୟୟରେ ଗୋହିରାଟିକିରି ଗବେଷଣା କେନ୍ଦ୍ର ଓ ଆର୍ଟ ଗ୍ୟାଲେରୀ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ସେହିପରି ଜଳସଂପଦ ବିଭାଗ ପକ୍ଷରୁ ୨୫.୮୫ କୋଟି ଟଙ୍କା ବ୍ୟୟରେ ହେବାକୁଥିବା ୧୦ ଟି ପ୍ରକଳ୍ପ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୧୮ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୩ଟି ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ହେବାକୁ ଥିବା ୨୧.୨୫କୋଟି ଟଙ୍କାର ୩ଟି ପ୍ରକଳ୍ପ ଓ ଡ୍ରେନେଜ ବିଭାଗ ପକ୍ଷରୁ ୪.୧୧ କୋଟି ଟଙ୍କାରେ ହେବାକୁ ଥିବା ୨ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଆୟୋଜିତ କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ବାଲେଶ୍ୱର ବିଧାୟକ ମାନସ ଦତ୍ତ, ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ବଉଲକଣୀ ପଞ୍ଚାୟତରେ
# ଦୁର୍ନୀତି : ଭିଜିଲାନ୍ସ ତଦନ୍ତ ଦାବି

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ବଉଲକଣୀ ପଞ୍ଚାୟତରେ ଆର୍ଥିକ ବର୍ଷ ୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ ଦୁର୍ନୀତି ଓ ଅନାୟମିତତା । ପଞ୍ଚାୟତରୁ କ୍ୟାସବୁକ୍, ପାସ୍‌ବୁକ୍, କେଶ୍ ରେକର୍ଡ ଫାଇଲ୍ ଓ ତଥ୍ୟ ନ ମିଳିବା ସମ୍ବନ୍ଧୀୟ ଅଭିଯୋଗ ଉପରେ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି । ସୂଚନା ଅଧିକାର କର୍ମୀ ହରେକୃଷ୍ଣ ପାତ୍ର ଏ ନେଇ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଭିଜିଲାନ୍ସ ବିଭାଗ ଓ ପଞ୍ଚାୟତିରାଜ ବିଭାଗକୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।



# ଜିଲ୍ଲା ଗସ୍ତରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଯୁଗ୍ମ ସଚିବ

**ବରଗଡ଼, ନ୍ୟୁଜ ବ୍ୟୁରୋ**

ଜିଲ୍ଲା ଗାଇସିଲେଟ ବ୍ଲକ ରେ ପହଞ୍ଚିଥିଲେ ପଞ୍ଚାୟତି ରାଜ ଓ ପାନୀୟଜଳ ବିଭାଗ ଯୁଗ୍ମ ସଚିବ ଗାୟତ୍ରୀ ଦତ୍ତ ନାୟକ । ପ୍ରଥମେ ବ୍ଲକ କାର୍ଯ୍ୟାଳୟରେ ତାଙ୍କୁ ସ୍ୱାଗତ କରାଯାଇଥିଲା । ପରେ ସେ ବ୍ଲକ କାର୍ଯ୍ୟାଳୟରୁ ବାହାରି ସରଧାପାଲି ଗ୍ରାମପଞ୍ଚାୟତ କରିମୁଣ୍ଡା, କଟାବାହାଲ ଗ୍ରାମପଞ୍ଚାୟତ କୁଲିଆରୀ, ତାଲପାଲି ଗ୍ରାମପଞ୍ଚାୟତ ଖୁଣ୍ଟପାଲି ଗ୍ରାମରେ ପହଞ୍ଚି ୨୦୧୬ -୧୭ରୁ ୨୦୨୪-୨୫ ଆର୍ଥିକ ବର୍ଷରେ ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇ ଗୃହ ନିର୍ମାଣ କରିନଥିବା ସମସ୍ତ ହିତାଧିକାରୀଙ୍କ ଘର ଘର ବୁଲି ତଦାରଖ କରିଥିଲେ । ଯେଉଁ ହିତାଧିକାରୀ ମାନେ କାମ ଆରମ୍ଭ କରିନାହାନ୍ତି ତାଙ୍କୁ ତାଗିଦ କରିବା ସହ ଯେଉଁ ମାନେ ଅଧାପନ୍ତରିଆ କାମ କରିଛନ୍ତି ତାଙ୍କୁ ଖୁବ ଶୀଘ୍ର କାମ ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଗାଇସିଲେଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭୀଷ୍ମ ମାଝୀ, ବି.ପି.ସି ଆର.ଏଚ ଅଭୟ ପଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାଶ ଚନ୍ଦ୍ର ମେହେର, ଏ.ପି.ଓ ମାନସ ପ୍ରଧାନ, ସରପଞ୍ଚ, ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ମାନେ ଉପସ୍ଥିତ ଥିଲେ । ବିଭିନ୍ନ ଗ୍ରାମରେ ବୁଲୁଥିବା ସମୟରେ ନାୟକ ଯେଉଁ ବ୍ୟକ୍ତିମାନେ ଆବାସ ଯୋଜନା ପାଇ ନାହାନ୍ତି ଓ ସେମାନେ ଭଙ୍ଗା ଦଦରା ଘରେ ରହୁଛନ୍ତି ସେମାନଙ୍କ ପାଖରେ ପହଞ୍ଚି ତାଙ୍କ ଦୁଃଖ ସୁଖ ବୁଝିବା ସହ ଯଥା ଶୀଘ୍ର ତାଙ୍କୁ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେବା ସହ ଉପସ୍ଥିତ ସମସ୍ତ ଅଧିକାରୀମାନଙ୍କୁ ଏଥି ପ୍ରତି ଧ୍ୟାନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ ମାନଙ୍କ ସହିତ ଗ୍ରାମପଞ୍ଚାୟତର ବିଭିନ୍ନ କାର୍ଯ୍ୟ ଓ ସମସ୍ୟା ବିଷୟରେ ଅନେକ ସମୟ ଆଲୋଚନା କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ ଗାଇସିଲେଟ ବ୍ଲକର ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ଖୁବ୍ ଶୀଘ୍ର ସମସ୍ୟା ଗୁଡ଼ିକର ସମାଧାନ ହବ ବୋଲି ନାୟକ ପ୍ରତିଶ୍ରୁତି ଦେଇଥିଲେ ।।



# ସୁଦୂର ବେଙ୍ଗାଲୋରରୁ ଧରାପଡ଼ିଲା ଭାଉଜର ହତ୍ୟାକାରୀ

**ପାଟଣାଗଡ଼, ନ୍ୟୁଜ ବ୍ୟୁରୋ**

ଅନେକ ବର୍ଷରୁ ଅନ୍ଧାରରେ ରହିଥିବା ହତ୍ୟା ମାମଲାକୁ ଶେଷରେ ଉଜାଗର ରହି ପଳାତକ ଅଭିଯୁକ୍ତକୁ ହାତକଡି ପିନ୍ଧାଇବାରେ ଲାଠୋର ଥାନାଧିକାରୀ ରମାକାନ୍ତ ସାହୁ ଅଭୁତପୂର୍ବ ସାହସ ଓ ନିଷ୍ଠାର ଉଦାହରଣ ସୃଷ୍ଟି କରିଛନ୍ତି । ୨୦୨୧ ଅଗଷ୍ଟ ୪ରେ ସେ ଦୁର୍ଦାନ୍ତ ସନ୍ଧ୍ୟାରେ ଘଟିଥିବା ସୂର୍ଯ୍ୟକାନ୍ତୀ ମେହେର ହତ୍ୟା ମାମଲା ଦୀର୍ଘ ସମୟ ଧରି ଅନ୍ଧକାରରେ ଘେରି ରହିଥିଲା । ମାମଲା ରୁଜୁ ହେବାଠାରୁ ଆଜି ପର୍ଯ୍ୟନ୍ତ ତିନି ଥାନାଧିକାରୀ ବଦଳି ହୋଇ ଯାଇଛନ୍ତି, କିନ୍ତୁ କେହି ମଧ ଅଭିଯୁକ୍ତ ଅନିଲ ମେହେରଙ୍କୁ ଧରିପାରି ନ ଥିଲେ । ଘର ସମ୍ମୁଖରେ ଚେୟାରରେ ବସିଥିବା ସୂର୍ଯ୍ୟକାନ୍ତୀ ମେହେରଙ୍କୁ ତାଙ୍କ ଦିଅର ଅନିଲ ମେହେର ଛୁରୀରେ ଆକ୍ରମଣ କରି ପେଟ ଓ ଛାତିରେ ଆଘାତ କରିଥିଲେ । ଅତ୍ୟାଚାର ଏତେ ଭୟାବହ ଥିଲା ଯେ ନୃଶଂସ ଅନିଲ ସୂର୍ଯ୍ୟକାନ୍ତି ବଞ୍ଚି ଯିବ ଭାବି ବାମହାତର ଶିରା ମଧ କାଟିଥିଲେ । ଗ୍ରାମବାସୀଙ୍କ ସହାୟତାରେ ସୂର୍ଯ୍ୟକାନ୍ତୀଙ୍କୁ ପାଟଣାଗଡ଼ ହସ୍ପିଟାଲକୁ ନେଇଥିଲେ ଯେଉଁଠାରେ ଡାକ୍ତର ସେଠାରେ ମୃତ ଘୋଷଣା କଲେ । ଘଟଣା ପରେ




ଲାଠୋର ଥାନାରେ କେସ ନଂ ୧୦୫/୨୦୨୧ ରେ ମାମଲା ରଜୁ ହୋଇଥିଲା । କିନ୍ତୁ ଅଭିଯୁକ୍ତ କିଛି ବର୍ଷକାଳ ଧରି ଫେରାର ରହି ଆଇନକୁ ଚକମା ଦେଉଥିଲେ । କିଛି ଦିନ ପୂର୍ବରୁ ଲାଠୋର ଥାନାରେ ଯୋଗଦେଇଥିବା ଥାନାଧିକାରୀ ରମାକାନ୍ତ ସାହୁ ମାମଲାକୁ ପୁନଃ ଅନୁଶୀଳନ କରି ଅଭିଯୁକ୍ତର ଲୋକେସନ ଟ୍ରେସ କରିଥିଲେ । ଦୀର୍ଘ ଟ୍ରାକିଂ, ପ୍ରବଳ ତଥ୍ୟସଂଗ୍ରହ ଓ ବୈଶିଷ୍ଟ୍ୟପୂର୍ଣ୍ଣ କାର୍ଯ୍ୟପଦ୍ଧତି ମାଧ୍ୟମରେ ସେ ଜାଣିଥିଲେ ଯେ ଅଭିଯୁକ୍ତ ସୁଦୂର କର୍ଣ୍ଣାଟକର ବେଙ୍ଗଲୋର ରେ ଲୁଚି ରହିଛି । ସାହୁଙ୍କ ନେତୃତ୍ୱରେ ବିଶେଷ ଦଳ ବେଙ୍ଗଲୋରରେ ଛାପାମାରି ଅଭିଯୁକ୍ତ ଅନିଲ ମେହେରଙ୍କୁ ଗିରଫ କରି ଲାଠୋର ଥାନାକୁ ଆଣି ଅଭିଯୁକ୍ତକୁ ହତ୍ୟା ମାମଲାରେ କୋର୍ଟ ଚାଲାଣ କରାଯାଇଛି । ରମାକାନ୍ତ ସାହୁଙ୍କ ଏହି ଅପୂର୍ବ ସଫଳତା ଅଞ୍ଚଳରେ ଭୟଙ୍କର ସୁ ଖବର ଆଣିଛି । ଗ୍ରାମବାସୀ, ସାମାଜିକ ବୁଦ୍ଧିଜୀବୀ ଓ ଅଞ୍ଚଳର ଲୋକମାନେ ସାହୁଙ୍କ ନିଷ୍ଠା, ସାହସ ଏବଂ ଅପରିମିତ କର୍ତ୍ତବ୍ୟନିଷ୍ଠାର ଭୂମିକାକୁ ଭାରି ପ୍ରଶଂସା କରୁଛନ୍ତି । କିନ୍ତୁ ଏହା ମଧ ଅଞ୍ଚଳବାସୀଙ୍କ ପାଇଁ ଦୁଃଖଦ ଖବର ଯେ — ଏମିତି କର୍ତ୍ତବ୍ୟ ନିଷ୍ଠାବାନ ଓ ସାହାସୀ ଥାନାଧିକାରୀ ରମାକାନ୍ତ ସାହୁଙ୍କୁ ବଦଳି କରାଯାଇଛି । ଲୋକମାନେ ପ୍ରକାଶ କରୁଛନ୍ତି ଅଞ୍ଚଳରେ ଶାନ୍ତି-ଶୃଙ୍ଖଳା ରକ୍ଷା କରିବା ପାଇଁ ଏମିତି କର୍ତ୍ତବ୍ୟପରାୟଣ ଅଫିସର ଦ୍ୱିତୀୟ

# ବିଏମ୍‌ସିର ଅବହେଳା: ଚୋରଙ୍କ କବଳରୁ ବାଦ୍ ପଡ଼ିଲାନି ଅମର ଯବାନ୍ ସ୍ମାରକୀ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ରକ୍ଷଣାବେକ୍ଷଣାର ଅଭାବରୁ ସରକାରୀ ଅର୍ଥରେ ପ୍ରତିଷ୍ଠା ହୋଇଥିବା ସୁନ୍ଦର ପାର୍କ ବର୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ । ପ୍ରାତଃ ଭ୍ରମଣ ହେଉକି ସନ୍ଧ୍ୟାଭ୍ରମଣ ଶାନ୍ତ ତଥା ପ୍ରଦୂଷଣ ମୁକ୍ତ ପରିବେଶ ଯୋଗୁଁ ସହରବାସୀଙ୍କ ପ୍ରଥମ ପସନ୍ଦ ହେଉଛି କୋର୍ଟ ଠାରୁ ଆରଡ଼ିସିଙ୍କ ସରକାରୀ ବାସଭବନ ରାସ୍ତା । ଉଭୟ ସମୟରେ ଏପରିକି ବିରାଟକାୟ ବୃକ୍ଷର ଛାଇ ଯୋଗୁଁ ମଧ୍ୟାହ୍ନ ସମୟରେ ମଧ ଲୋକଙ୍କ ଗହଳି ଲାଗି ରହିଥାଏ ଏହି ସ୍ଥାନରେ । ରାସ୍ତାକଡ଼ରେ ମୁକ୍ତାକାଶ ବ୍ୟାୟାମର ସୁବିଧା ସହିତ ସୌନ୍ଦର୍ଯ୍ୟକରଣ କରିବାକୁ ଯାଇ ନିକଟ ଅତୀତରେ ବିଏମ୍‌ସି ପକ୍ଷରୁ ବହୁ ଅର୍ଥ ବ୍ୟୟରେ ଗାନ୍ଧୀଙ୍କ ଦାଣ୍ଡି ଯାତ୍ରାର ପ୍ରତିକୃତି, ଅମର ଯବାନ ସ୍ମାରକୀ ୱାଟର ଫାଉଣ୍ଟେନ୍ ବା କୃତ୍ରିମ ଜଳ ଉତ୍ସ ଓ ଅନ୍ୟାନ୍ୟ ଉପକରଣ ପ୍ରତିଷ୍ଠା କରି ସେଠାରେ ଆଲୋକୀକରଣର ବ୍ୟବସ୍ଥା ମଧ କରାଯାଇଥିଲା । ତେବେ ନିୟମିତ ରକ୍ଷଣାବେକ୍ଷଣର ଅଭାବରୁ ସମଗ୍ର ଅଂଚଳ ଅନ୍ଧକାରମୟ ହେବା ସହିତ ଚୋରି ଓ ଭାଙ୍ଗିରୁଜି ଯିବା ଫଳରେ ସବୁକିଛି ଜରାଜୀର୍ଣ୍ଣ ହୋଇପଡ଼ିଛି ।



ଫଳସ୍ୱରୂପ ସମ୍ପୃକ୍ତ ଅଞ୍ଚଳକୁ ପୂର୍ବାପେକ୍ଷା ଲୋକଙ୍କ ଯାତାୟତ ହ୍ରାସ ପାଇଛି । ସବୁଠାରୁ ବଡ଼କଥା ହେଲା ଗାନ୍ଧୀଙ୍କ ଦାଣ୍ଡିଯାତ୍ରା ପ୍ରତିମୂର୍ତ୍ତି ନିକଟରେ ଲାଗିଥିବା ଲାଇଟ୍ ନଷ୍ଟ ହୋଇଯାଇଥିବା ବେଳେ ଅମର ଯବାନ ସ୍ମାକରୀରୁ ବନ୍ଧୁକ ପ୍ରତିକୃତିକୁ କେହି ନେଇ ଯାଇଥିବା ଦେଖିବାକୁ ମିଳିଛି । ନିୟମିତ ସଫେଇ ଅଭାବରୁ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ସେଠାରେ ଅନେକ ସ୍ଥାନରେ ବିରାଟକାୟ ଉଇହୁଙ୍କା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଏ ସବୁକୁ ନେଇ ସହରବାସୀ ସିଧାସଳଖ ବିଏମ୍‌ସିର ଅବହେଳାକୁ ଦାୟୀ କରିଛନ୍ତି । ଏନେଇ ବିଏମ୍‌ସି କମିଶନର ତଥା ବିଡ଼ିଏର ଉପାଧ୍ୟକ୍ଷ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏଭଳି ସମସ୍ୟା ନେଇ ସେ ଅବଗତ ହେବାପରେ ମୁକ୍ତାକାଶ ବ୍ୟାୟାମ କେନ୍ଦ୍ରର ସମସ୍ତ ଖରାପ ଯନ୍ତ୍ରାଂଶର ତୁରନ୍ତ ମରାମତି କରାଯାଇଛି । ସେହିଭଳି ପାର୍କରେ ଥିବା ଅନ୍ୟାନ୍ୟ ପ୍ରତିକୃତି ଓ ଆଲୋକ ବ୍ୟବସ୍ଥାର ଅଳ୍ପଦିନ ଭିତରେ ସ୍ଥାୟୀ ସମାଧାନ ସହିତ ରକ୍ଷଣାବେକ୍ଷଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।


# ଅଭୟ ଜେନା ପାଇଲେ ସାମ୍ବାଦିକ ରତ୍ନ ସମ୍ମାନ

**ସାଲେପୁର ନ୍ୟୁଜ**

କଟକ ଜିଲ୍ଲା ବରିଷ୍ଠ ସାମ୍ବାଦିକ ସମାଜସେବୀ ଅଭୟ ଜେନାଙ୍କୁ ସାମ୍ବାଦିକତା କ୍ଷେତ୍ରରେ ନିଜର ପରାକାଷ୍ଠା ଓ ସମାଜ ସେବା ପାଇଁ 'ସାମ୍ବାଦିକ ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଛ । ରାଜ୍ୟ ସାମ୍ବାଦିକ ସଂଘ ଅନୁବନ୍ଧିତ କଟକ ଜିଲ୍ଲା ସାମ୍ବାଦିକ ସଂଘର ତୃତୀୟ ବାର୍ଷିକ ଉତ୍ସବ ଓ ଆଞ୍ଚଳିକ ସମାବେଶ ପ୍ରତାପନଗରୀ ଧାକୁଲେଇ ମଣ୍ଡପରେ ଜିଲ୍ଲା ସଭାପତି ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର,ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧନେ'ର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ, ମୁଖ୍ୟ ବକ୍ତା ଭାବେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ସଂଗଠକ ହରିବନ୍ଧୁ ଶତପଥୀ, ରାଜ୍ୟ କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ଗଗନବିହାରୀ ସାହୁ ଯୋଗଦେଇ ଶ୍ରୀ ଜେନାଙ୍କୁ ଉତ୍ତରୀୟ, ପୁଷ୍ପମାଲ୍ୟ ଓ ମାନପତ୍ର ପ୍ରଦାନକରି 'ସାମ୍ବାଦିକ ରତ୍ନ'ସମ୍ମାନରେ ସମ୍ମାନିତ କରିଥିଲେ । ଉତ୍ସବ ରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଦୁଇ ଶହରୁ ଅଧିକ ସାମ୍ବାଦିକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସାମ୍ବାଦିକ ସଂଘର ଜିଲ୍ଲା ସାଧାରଣ ସଂପାଦକ ଶିଶିର କୁମାର ଦାଶ ପରିଚାଳନା କରିଥିଲେ ।



## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**


| | | |
|---|---|---|
| ୮ / ୭ | ୬ | ୫ କେ / ରା୪ |
| ୯ବୃ | ୨୦ / ୯ | ୩ |
| ୧୦କେ / ୧୧ | ଶୁବୁ୧୨ | ଚ୨ / ମଙ୍ଗଳ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ


**ତା୨୪।୧୧।୨୦୨୫, ମାର୍ଗଶିର ଦି୯ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬।୦୦।୩୩ ଚନ୍ଦ୍ରୋଦୟ- ଦିଘ୯।୨୧।୧୩**


**ଚତୁର୍ଥୀ-** ରାଘ୯।୨୨ପର୍ଯ୍ୟନ୍ତ । **ପୂର୍ବାଷାଢ଼ା ନକ୍ଷତ୍ର-** ରାଘ ୯।୫୩ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ରାଘ ୪।୨୬ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । ରାଘ ୪।୨୬ ଗତେ ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । ରାଘ ୪।୨୬ ଗତେ ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୯।୨୨ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୪ ଗତେ ଘ ୭।୨୬ ମଧ୍ୟେ । ଦିଘ ୯।୦୧ ଗତେ ଘ ୧୧।୧୧ ମଧ୍ୟେ । **ପର୍ବୋତ୍ସବ-** ଶରଣ ପଞ୍ଚକରମ୍ଭ ।




**ମେଷ-**କର୍ମ କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେହ ଓ ମନ ଭଲ ରହିବ । ଆର୍ଥିକ ସ୍ଥିତି ମଧ୍ୟମ ଧରଣର ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ବନ୍ଧୁଙ୍କ ସହରୋଗ ପ୍ରାପ୍ତ ହୋଇପାରେ ।




**ବୃଷ:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବ ନାହିଁ । ବନ୍ଧୁଙ୍କ ସହ କଳହ ଦେଖାଦେଇପାରେ । ଆୟ ଅପକ୍ଷା ବ୍ୟୟର ମାତ୍ରା ବଢ଼ିବ । ଘରେ ଅଶାନ୍ତି ଦେଖାଦେଇପାରେ ।



**ମିଥୁନ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଆୟ ଯୋଗ ରହିଛି । ଘରେ ଶାନ୍ତିର ବାତାବରଣ ରହିବ । ଭ୍ରମଣ ଯୋଗ ରହିଛି ।



**କର୍କଟ:** ଗୃହେ ସୁଖ ଶାନ୍ତି ରହିବ । ରୋଜଗାର ଭଲ ହେବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପରୋପକାର କରି ଆନନ୍ଦିତ ହେବେ । ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।




**ସିଂହ:** ବିବାଦୀୟ ବିତର୍କ କ୍ଷେତ୍ରରୁ ଦୂରେଇ ରହିବା ଭଲ । ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । ମାନସିକ ଦ୍ୱନ୍ଦ ମନକୁ ଭାରାକ୍ରାନ୍ତ କରିବାର ସୂଚନା ।



**କନ୍ୟା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଶରୀର ସୁସ୍ଥ ରହିବ । ଉତ୍ତମ ଭୋଜନ କରିପାରନ୍ତି । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବେ । ରୋଜଗାର ମଧ୍ୟମ ଧରଣର ହେବ ।



**ତୁଳା:** ମାନସିକ ଦୁଶ୍ଚିନ୍ତା ଦୂର ହେବ । କର୍ମକ୍ଷେତ୍ରରେ ଶୁଭଫଳ ପାଇବେ । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ଦୂରଯାତ୍ରା କରିବାର ସମ୍ଭାବନା ରହୁଛି ।




**ବିଛା:** ଶରୀରରେ ସାମାନ୍ୟ ପୀଡା ଦେଖାଦେବ । ବ୍ୟବସାୟ କ୍ଷତିରେ ଚାଲିପାରେ । ଏଣୁ ଚିନ୍ତିତ ରହିବେ । ଆୟ ଠାରୁ ବ୍ୟୟ ଅଧିକ ହୋଇପାରେ । ମହିଳାମାନେ ଗର୍ବୀ ହେବେ । ମନ ଅସ୍ଥିର ରହିବ ।




**ଧନୁ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ । ଆୟର ପରିମାଣ ବଢ଼ିବ । ସାଧନାରେ ସିଦ୍ଧି ଲାଭ କରିବେ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ । ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।



**ମକର:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଦେବ ଦର୍ଶନ ସହ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିପାରେ । ଘରେ ସୁଖ ଶାନ୍ତି ବଜାୟ ରହିବ ।



**କୁମ୍ଭ:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ସୃଷ୍ଟି ହୋଇପାରେ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ସୁଖୀ ହେବେ । ଘରେ ଅସନ୍ତୋଷ ଦେଖାଦେବ । ମାନସିକ ଦ୍ୱନ୍ଦ ଦେଖାଦେଇପାରେ ।



**ମୀନ:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବ ନାହିଁ । ଏଣୁ ସାବଧାନତା ଶ୍ରେୟକର । ଆୟ ଠାରୁ ବ୍ୟୟର ମାତ୍ରା ବୃଦ୍ଧି ହେବ । ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବ । ମହିଳାମାନେ ଗର୍ବୀ ହେବେ ।

# ମଦ୍ୟପ ସ୍ୱାମୀର ଗୋଇଠା ମାଡ଼ରେ ସ୍ତ୍ରୀ ମୃତ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ଯାଜପୁରରୋଡ଼ ଥାନା ଅଞ୍ଚଳରେ ମଦ୍ୟପ ସ୍ୱାମୀର ଗୋଇଠା ମାଡ଼ରେ ସ୍ତ୍ରୀର ମୃତ୍ୟୁ ଭଳି ଏକ ଅଭାବନୀୟ ଘଟଣା ଘଟିଛି । ବ୍ୟାସନଗର ପୌରାଞ୍ଚଳ ୨୫ନଂ ୱାର୍ଡ ଚୂନଭାଟି ଟିଣ ହଟିଙ୍ଗ ବସ୍ତିରେ ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ସୂଚନା ଅନୁଯାଇ ଦିନମଜୁରିଆ ଭାବେ କାମକରୁଥିବା ଭାଗିରଥି ପୂର୍ତ୍ତି (ଟୁଟି ୪୮) ସନ୍ଧ୍ୟାରେ ମଦ୍ୟପାନ କରି ଘରକୁ ଆସିଥିଲା । ଏହି ସମୟରେ ଭାଗିରଥିର ସ୍ତ୍ରୀ ବେଲ ପୂର୍ତ୍ତି (୪୫)ଶିଳରେ ମସଲା ବାଟୁଥିବା ଅବସ୍ଥାରେ ସ୍ୱାମୀ ଗାଳିଗୁଲଜ କରିଥିଲା । ସ୍ତ୍ରୀ ବେଲ ଏଥିରେ କିଛି କହିବାରୁ ନିଶାରେ ଥିବା ଭାଗିରଥି ତାଙ୍କ ପେଟକୁ ଏକ ଗୋଇଠା ମାରିଥିଲା । ଗୋଇଠା ମାଡ଼ରେ ବେଲ ଘଟଣା ସ୍ଥଳରେ ଚେତାଶୂନ୍ୟ ହୋଇଯାଇଥିବା ଏ କଥା ସାନପୁଅ ଭଗବାନ କହିଛି । ସଙ୍ଗେ ସଙ୍ଗେ ବେଲକୁ ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ବେଲର ମୃତ୍ୟୁ ଘଟିଥିଲା । ଖବର ପାଇ ଯାଜପୁରରୋଡ଼ ପୋଲିସ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀକୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଚୀନ୍ ନାଗରିକଙ୍କ ଲାଗି ଟୁରିଷ୍ଟ ଭିସା ପୁଣି ଆରମ୍ଭ କଲା ଭାରତ

ଚୀନ୍ ନାଗରିକଙ୍କୁ ପର୍ଯ୍ୟଟନ ଭିସା ଲାଗି ଅନୁମତି ଦେଲା ଭାରତ । ବିଶ୍ୱବ୍ୟାପୀ ଭାରତୀୟ ଦୂତାବାସ ଏବଂ କନସୁଲେଟ ମାଧ୍ୟମରେ ଏହି ସୁବିଧା ତୁରନ୍ତ ପୁନଃସ୍ଥାପିତ କରାଯାଇଛି । ପ୍ରାୟ ଚାରି ବର୍ଷ ପରେ ଆସିଥିବା ଏହି ନିଷ୍ପତ୍ତିକୁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସ୍ୱାଭାବିକ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଛି । ପୂର୍ବ ଲଦାଖର ପ୍ରକୃତ ନିୟନ୍ତ୍ରଣ ରେଖା (LAC) ରେ ସାମରିକ ଗତିରୋଧ ପରେ ଏପ୍ରିଲ-ମେ ୨୦୨୦ ରେ ଚୀନ୍ ନାଗରିକଙ୍କ ପାଇଁ ପର୍ଯ୍ୟଟନ ଭିସା ସେବା ସ୍ଥଗିତ କରାଯାଇଥିଲା । ଗଲୱାନ୍ ଉପତ୍ୟକାରେ ହୋଇଥିବା ହିଂସାତ୍ମକ ସଂଘର୍ଷ ପରେ ଦ୍ୱିପାକ୍ଷିକ ସମ୍ପର୍କ ବିଶେଷ ଭାବରେ ପ୍ରଭାବିତ ହୋଇଥିଲା । ଏହି ଲଢ଼େଇରେ ୨୦ ଜଣ ଭାରତୀୟ ସୈନିକ ସହିଦ ହୋଇଥିଲେ । ସରକାରୀ ସୂତ୍ର ଅନୁଯାୟୀ, ବିଶ୍ୱବ୍ୟାପୀ ଭାରତୀୟ ଦୂତାବାସଗୁଡ଼ିକରେ ଚୀନ୍ ପାସପୋର୍ଟ ଧାରକଙ୍କ ପାଇଁ ପର୍ଯ୍ୟଟନ ଭିସା ଆବେଦନ ଗ୍ରହଣ କରିବା ପ୍ରକ୍ରିୟା ଆରମ୍ଭ ହୋଇସାରିଛି । କିନ୍ତୁ ସରକାରଙ୍କ ପକ୍ଷରୁ ଏନେଇ ସୂଚନା ଦିଆଯାଇ ନଥିଲା । ସିଧାସଳଖ ବିମାନ ଚଳାଚଳ ପୁନଃସ୍ଥାପିତ: ଭାରତ ଏବଂ ଚୀନ୍ ମଧ୍ୟରେ ସିଧାସଳଖ ବାଣିଜ୍ୟିକ ବିମାନ ଚଳାଚଳ ଅକ୍ଟୋବର ୨୦୨୪ରୁ ପୁନଃସ୍ଥାପିତ ହୋଇଛି । ଏହା ୨୦୨୦ରୁ ବନ୍ଦ ଥିଲା ।

ତୀର୍ଥଯାତ୍ରା: କୈଳାସ ମାନସରୋବର ଯାତ୍ରା ପୁନଃ ଆରମ୍ଭ କରିବାକୁ ନିଷ୍ପତ୍ତି ।-ଭିସା ସରଳୀକରଣ: ଯାତ୍ରୀମାନଙ୍କ ପାଇଁ ଭିସା ପ୍ରକ୍ରିୟାକୁ ସରଳ କରାଯାଇଛି । କୂଟନୈତିକ ସମାରୋହ: ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ ବର୍ଷ ପୂରଣ ଅବସରରେ ସମାରୋହ ଆୟୋଜନ କରାଯାଇଥିଲା । ଜୁଲାଇ ୨୦୨୪ରେ, ଭାରତ ବେଜିଂ, ସାଂଘାଇ, ଗୁଆଙ୍ଗଝୁ ଏବଂ ହଂକଂରେ ଥିବା ଏହାର ମିଶନ ମାଧ୍ୟମରେ ପର୍ଯ୍ୟଟନ ଭିସା ପ୍ରଦାନ କରିବା ଆରମ୍ଭ କରିଥିଲା । ଏହାକୁ ବର୍ତ୍ତମାନ ବିଶ୍ୱ ସ୍ତରରେ ବିସ୍ତାର କରାଯାଇଛି । ଉଚ୍ଚସ୍ତରୀୟ ଆଲୋଚନା ପରେ ସମ୍ପର୍କରେ ଏହି ଉନ୍ନତି ଆସିଛି । ଅକ୍ଟୋବର ୨୦୨୪ରେ, ଦୁଇ ଦେଶ ଏଲଏସିର ଆଗ ଧାଡିରୁ ସୈନ୍ୟମାନଙ୍କୁ ହଟାଇବା ପାଇଁ ରାଜି ହୋଇଥିଲେ । ପରବର୍ତ୍ତୀ ସମୟରେ, ରୁଷର କାଜାନରେ ଏକ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ସୀମା ବିବାଦ ସମେତ ଅନ୍ୟାନ୍ୟ ଅମୀମାଂସିତ ପ୍ରସଙ୍ଗ ଉପରେ ପ୍ରଗତି ପାଇଁ ଏକ ପଥ ପ୍ରସ୍ତୁତ କରିଥିଲେ । ସୀମା ପ୍ରସଙ୍ଗରେ ବୈଦେଶିକ ମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ଜାତୀୟ ସୁରକ୍ଷା ପରାମର୍ଶଦାତା (ଘଝଇ) ଏବଂ ସ୍ୱତନ୍ତ୍ର ପ୍ରତିନିଧିଙ୍କ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି । ଏହି ଆଲୋଚନା ସୀମା, ବାଣିଜ୍ୟ, ଆର୍ଥିକ ସହଯୋଗ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କାର୍ଯ୍ୟକଳାପ ପୁନଃ ଆରମ୍ଭ କରିବା ପାଇଁ ପଥ ପ୍ରଶସ୍ତ କରିଛି । ଚୀନ୍ ମଧ୍ୟ ଭାରତ ସହ ବାଣିଜ୍ୟ କରିବା ଦିଗରେ ଅନେକ ପଦକ୍ଷେପ ନେଇଛି ।

# ଅଦୃଶ୍ୟ କୁମ୍ଭାରର ଇଚ୍ଛା - ୧



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଦଇବ ଦଉଡ଼ି, ମଣିଷ ଗାଈ, ଯେଣିକି ଟାଣଇ ତେଣିକି ଯାଇ । ସବୁ ସେଇ ଅଦୃଷ୍ଟର ଇଚ୍ଛା । ମଣିଷ ନିମିତ୍ତ ମାତ୍ର । ପ୍ରତ୍ୟେକଙ୍କ ଭାଗ୍ୟରେ ଆସେ ପରିବର୍ତ୍ତନ । କେବେ ସୁଖ, କେବେ ଦୁଃଖ, ସେଇ ସୁଖ, ଦୁଃଖର ଫେଣ୍ଟାଫେଣ୍ଟି ଜୀବନ । ସଫଳତା, ବିଫଳତା ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ । ସ୍ଥିତିପ୍ରଜ୍ଞମାନେ; ସଦା ନିର୍ବିକାର । ଭବିତବ୍ୟ ଯାହା ଅବଶ୍ୟ ଘଟିବ । ପରିବର୍ତ୍ତନ ପ୍ରକୃତିର ନିୟମ । ଏଥିରେ ସମସ୍ତେ ବନ୍ଧା । କାହାରି ନିସ୍ତାର ନାହିଁ । ଏଥିରୁ ବାଦ୍ ପଡ଼ିନାହାନ୍ତି ଲବ୍ଧ ପ୍ରତିଷ୍ଠ ଲେଖକ, କଳାକାରମାନେ । ସେଇଭଳି ଜଣେ ମହାନ୍ ସ୍ରଷ୍ଟା, ଉତ୍କଳର ବ୍ୟାସକବି ଫକୀରମୋହନ ସେନାପତି । ତାଙ୍କ ଜୀବନରେ ମଧ୍ୟ ନାଟକୀୟ ପରିବର୍ତ୍ତନ । ନାନା ଘାତ, ପ୍ରତିଘାତ, ସଂଘର୍ଷ । ତା'ରି ମଧ୍ୟରେ ତାଙ୍କ ଜୀବନର ଦ୍ୟୁତି ଉଦ୍‌ଭାସିତ ।

କଟକ ଜିଲ୍ଲା ସବ୍‌ଡିଭିଜନ୍ କେନ୍ଦ୍ରାପଡ଼ା ଅନ୍ତର୍ଗତ କୁଶିନ୍ଦା ଗ୍ରାମ । ଏଇ ଗ୍ରାମର କ୍ଷମତାଶାଳୀ ଖଣ୍ଡାୟତ ପରିବାରଟିଏ । ଚୌପାଢ଼ି ଥିଲା । ପୂର୍ବତନ ସ୍ୱାଧୀନ ମହାରାଜାଙ୍କ ଠାରୁ ପ୍ରାପ୍ତ ଢେର୍ ଭୂସମ୍ପତ୍ତି । ମହାରାଷ୍ଟ୍ର ଶାସକ ଉତ୍କଳ ଅଧିକାର କଲେ । ଭୂସମ୍ପତ୍ତି ଛିନ୍ନଭିନ୍ନ । ଉକ୍ତ ପରିବାରର ହନୁମାନ ମଲ୍ଲ ନାମକ ଯୁବକ । ମହାରାଷ୍ଟ୍ର ସେନାପତି ଅଧୀନରେ ପାଇକ ପଦ ପାଇଲେ । ପଠାଣ ସେନାଙ୍କୁ ଆଗୁଳି ରଖିବା, ଏଥିପାଇଁ ଫଳବାର ଘାଟଠାରେ କାର୍ଯ୍ୟରତ । ବେତନ ସ୍ୱରୂପ ପଇଁଚାଳିଶ ବାଟୀ ଭୂସମ୍ପତ୍ତି, ନିଷ୍କର ସ୍ୱରୂପ ପ୍ରାପ୍ତ ହେଲେ । ହନୁମଲ୍ଲ ପାଇକଙ୍କର ଦଳପତି । ହନୁମଲ୍ଲଙ୍କ ମରହଟ୍ଟା ପଦବୀ ସେନାପତି । ଏଣିକି ମଲ୍ଲ ସଂଜ୍ଞା ବଦଳିଲା । ଶ୍ରାଦ୍ଧ କର୍ମରେ କେବଳ ମଲ୍ଲ ସଂଜ୍ଞା ଉଲ୍ଲେଖ କରାଯାଏ । ସବୁ ସେଇ ଅଦୃଶ୍ୟଙ୍କର ଇଚ୍ଛା । ଫକୀରମୋହନ ହୋଇଥାନ୍ତେ ଫକୀର ମୋହନ ମଲ୍ଲ, ବାସସ୍ଥାନ କେନ୍ଦ୍ରାପଡ଼ା; ମାତ୍ର ସବୁଦିନ ପାଇଁ 'ସେନାପତି' ସଂଜ୍ଞା ରହିଲା, ହେଲେ ବାଲେଶ୍ୱର ବାସିନ୍ଦା ।

୧୮୪୩ ଖ୍ରୀଷ୍ଟାବ୍ଦ, ଜାନୁୟାରୀ ମାସ, ଅଥବା ୧୨୫୦ ସାଲ ମକର ସଂକ୍ରାନ୍ତି ଶୁକ୍ରବାର । ଏ ଦିନଟି ତାଙ୍କର ସ୍ୱନକ୍ଷତ୍ର ଦିବସ । ଗ୍ରାମ ମଲ୍ଲିକାଶପୁର, ଜିଲ୍ଲା- ବାଲେଶ୍ୱର । ପିତୃଦତ୍ତ ନାମ ବ୍ରଜମୋହନ । ପଞ୍ଚଶିଷ୍ୟ ସେ ଦୁଃଖ ଗୁରୁଙ୍କର । ମାତ୍ର ୧ ବର୍ଷ ପାଞ୍ଚମାସ ବୟସ, ହରାଇଲେ ପିତା ଲକ୍ଷ୍ମୀ ଚରଣ ସେନାପତିଙ୍କୁ । ମାତା ତୁଳସୀ ଦେଈ । ସ୍ୱାମୀଙ୍କର ସ୍ୱର୍ଗଯାତ୍ରାର ଏକବର୍ଷ ପରେ ସ୍ୱର୍ଗାରୋହଣ କଲେ । ମା' ବାପା ଛେଉଣ୍ଡ ଶିଶୁ, ରୁଗ୍ଣ, ନିତାନ୍ତ ଅସହାୟ । ତାଙ୍କ ସମବୟସ୍କ, ସୁସ୍ଥ ଶରୀର, ବଳିଷ୍ଠ, ସୌଭାଗ୍ୟବନ୍ତ । ସେମାନଙ୍କ ମଧ୍ୟରୁ ଅନେକ ସ୍ୱର୍ଗରେ । ପିତୃମାତୃହୀନ, ରୋଗୀ ଫକୀରମୋହନ । ବହୁ ଭୟଙ୍କର ବିପଦ-ସଙ୍କୁଳ ସ୍ଥିତି, ଅତିକ୍ରମ କରିଛନ୍ତି । ଜରାଜୀର୍ଣ୍ଣ ଦୁର୍ବଳ ହସ୍ତ, ତନ୍ମଧ୍ୟରେ ନିଜ ଆତ୍ମଚରିତ ଲେଖିପାରିଲେ । ଏହା କାହାର ଆଦେଶ, କାହାର ଅନୁଗ୍ରହ ଅବା ସହାୟତା? ଗୋଟିଏ କ୍ଷୁଦ୍ରତମ ଦୁର୍ବାଦଳର ସୃଷ୍ଟି ମଧ୍ୟ ଉଦ୍ଦେଶ୍ୟ ବିହୀନ ନୁହେଁ । କି ଉଦ୍ଦେଶ୍ୟ ସାଧନ ହେବ, ଭଗବାନ ବଞ୍ଚାଇ ରଖିଛନ୍ତି । ଏ କଥା ସ୍ୱୟଂ ଫକୀରମୋହନ ଉଲ୍ଲେଖ କରିଛନ୍ତି । ବିଭୁ-କରୁଣା, ଈଶ୍ୱରଙ୍କ ଅନୁଗ୍ରହ । ତାହା ନ ହୋଇଥିଲେ ଏ ଜାତି ହରାଇଥାଆନ୍ତା ଜଣେ କଥା ସମ୍ରାଟ, ଦକ୍ଷ ଆଡ଼ମିନିଷ୍ଟ୍ରେଟର, ସମାଜ ସଂସ୍କାରକଙ୍କୁ । ଆଉ ସୁଦକ୍ଷ ସ୍କୁଲ ମାଷ୍ଟ୍ରେଙ୍କୁ ।

ରୁଗ୍ଣ ଫକୀରମୋହନ । ଠାକୁରମା' କୁଟିଳା ଦେଈ । ବଡ଼ବାପାଙ୍କ ଅଣଦେଖା । ଠାକୁରମା ହିଁ ସାହା ଭରସା । ବାଲେଶ୍ୱରର ପୀର ଠାକୁର । ଠାକୁରମା ସେଇ ଠାକୁରଙ୍କୁ ଧରିବସିଲେ । ଫକୀରମୋହନ ବାଲ୍ୟକାଳର ନାମ ବ୍ରଜମୋହନ । ପୀରଙ୍କ ମନତୁଷ୍ଟି ହେବ । ଠାକୁରମା, ଶେଷରେ ପଠାଣିଆ ନାଁ ଦେଲେ ଫକୀର । ପ୍ରତିବର୍ଷ ମହରମ୍ ଆସେ । ଠାକୁରମା' ଆଠଦିନ ସକାଶେ ଫକୀର କରିଦିଅନ୍ତି । ପୋଷାକ ଆଣ୍ଠୁଯାଏଁ ଜଙ୍ଘିଆ, ଦେହରେ ନାନାରଙ୍ଗର କନା ତିଆରି ଚପକନ୍, ମୁଣ୍ଡରେ ଫକୀର ଟୋପି, କାନ୍ଧରେ ନାନାରଙ୍ଗ ମିଶ୍ରିତ ଝୁଲା । ହାତରେ ଜଉମଢ଼ା ଲାଲରଙ୍ଗର ଗୋଟାଏ ବାଡ଼ି । ଫୁଲ ଖଡ଼ି ବୋଳା ମୁହଁ । ଫକୀର ବେଶରେ ବ୍ରଜମୋହନ ଓରଫ ଫକୀରମୋହନ, ସକାଳ ଓଳି, ଉପର ଓଳି ଭିକ ମାଗନ୍ତି । ମଗାଯାଇଥିବା ଚାଉଳ ସନ୍ଧ୍ୟାରେ ବିକ୍ରି କରାଯାଏ । ଏଥିରୁ ଲବ୍ଧ ଅର୍ଥ ପୀରଙ୍କ ସିର୍ନି ପାଇଁ ପଠାଯାଏ । ବ୍ରଜମୋହନ ରୋଗ ଯନ୍ତ୍ରଣାରୁ ଉପଶମ ପାଇଲେ । ନିଜେ ସବୁଦିନେ ଫକୀରମୋହନ ଭାବେ ଖ୍ୟାତ ହେଲେ । ଏ ସେଇ ବିଧିର ନିର୍ଦ୍ଦେଶ ।

ଫକୀରମୋହନଙ୍କ ବାଲ୍ୟକାଳ । ବାଲେଶ୍ୱର ଜାହାଜାତି କାରବାରରେ ନିୟୋଜିତ । ବଡ଼ବାପାଙ୍କ ସିରସ୍ତା ଅଝାଲ ସିଲେଇରେ ଗୁମାସ୍ତାଙ୍କ ମେଟ୍ । ଜାହାଜାତି କାରବାର ବନ୍ଦ ହେଲା । ଗୌରବାବହ ଉତ୍କଳ ନୌବାଣିଜ୍ୟରେ ପୂର୍ଣ୍ଣଚ୍ଛେଦ । ଏଣିକି କଚେରିରେ କାର୍ଯ୍ୟ ଶିକ୍ଷା, ଭାଗ୍ୟରେ ପରିବର୍ତ୍ତନ । ବାରବାଟୀ ସ୍କୁଲର ସଦାଶିବ ବାବୁ ଶିବଚନ୍ଦ୍ର ସୋମ । ଫକୀରମୋହନଙ୍କୁ ଦେଲେ ସ୍କୁଲର ତୃତୀୟ ଶିକ୍ଷକ ପଦବୀ । ମାସକୁ ଅଢ଼େଇଟଙ୍କା କଦରମା । ବାଲେଶ୍ୱର ମିସନ ସ୍କୁଲର ପ୍ରଧାନଶିକ୍ଷକ ପଦ ଖାଲି, ମାସିକ ବେତନ ଦଶଟଙ୍କା । ସ୍କୁଲର ସମ୍ପାଦକ, ରେଭେରେଣ୍ଡ ଏ. ମିଲର । ଫକୀରମୋହନଙ୍କୁ ରଖିଲେ ସେଇ ପଦବୀରେ । ଫକୀରମୋହନଙ୍କ ଭାଗ୍ୟୋଦୟ ହେଲା ।

ଫକୀରମୋହନଙ୍କ ଓଡ଼ିଆ ଭାଷାପ୍ରୀତି ଆକାଶଛୁଆଁ । ସେ ଜଣେ ଖାଣ୍ଟି ଓଡ଼ିଆ; ମାତ୍ର ଇଂରାଜୀ ଭାଷାର ଆବଶ୍ୟକତା ବୁଝିଥିଲେ । ଦକ୍ଷିଣ ପଶ୍ଚିମ ବିଭାଗର ସ୍କୁଲ-ଇନ୍‌ସପେକ୍ଟର ଆର୍.ଏଲ୍. ମାର୍ଟିନ୍ ସାହେବ, ସ୍କୁଲ ପରିଦର୍ଶନରେ । ରହଣି ବାଲେଶ୍ୱରର ସର୍କିଟ ବଙ୍ଗଳାରେ । ସାହେବ ନିଦ୍ରିତ । ଅପେକ୍ଷା କରିବାକୁ ହେଲା । ସାହାବଙ୍କ ଜଣେ ହିନ୍ଦୁସ୍ଥାନୀ ଦରବାନ । ଇଂରାଜୀରେ କଥୋପକଥନ । ଇଂରାଜୀ ସ୍କୁଲର ମାଷ୍ଟର ଭାବିଲା । ଫକୀରମୋହନଙ୍କୁ ଇଂରାଜୀରେ କେତେ କଥା ପଚାରିଲା । କିଛି ବୁଝିଲେନି, ଇଂରାଜୀ ପଢ଼ିନାହାନ୍ତି । ମନେମନେ ଫକୀରମୋହନ ଲଜ୍ଜିତ । ଇଂରାଜୀ ପଢ଼ିବାକୁ ଫକୀରମୋହନ ସଂକଳ୍ପବଦ୍ଧ । ସେତେବେଳେ ଫକୀରମୋହନଙ୍କ ବୟସ ବାଇଶ ତେଇଶି ବର୍ଷ । ସଂସ୍କୃତ କାବ୍ୟ ନାଟକ ପଢ଼ନ୍ତି । ବଙ୍ଗଳାରେ ଲେଖା ପ୍ରାଚୀନ, ନୂତନ ପୁସ୍ତକ - ପଠନରତ । ଏବେ ଇଂରାଜୀ ଶିକ୍ଷା ମୋହ । ବାଲେଶ୍ୱର ମୋତିଗଞ୍ଜ ବଜାରର ଦକ୍ଷିଣ ପାର୍ଶ୍ୱ । ସେଠାରେ ଗଡ଼ଗଡ଼ିଆ ପୋଖରୀ । ତୋଠରେ ଗୋଟାଏ ପ୍ରଶସ୍ତ ପକ୍କା ଘାଟବନ୍ଧ । ପୁଷ୍କରିଣୀଟି ବଟେଶ୍ୱର ମୌଜାର ଅନ୍ତର୍ଗତ । ଗ୍ରୀଷ୍ମଦିନ ଅପରାହ୍ଣ । ଯୁବ କିରାନୀ, ଅମଲା, ସ୍କୁଲ ମାଷ୍ଟ୍ର । ପକ୍କା ପାହାଚରେ ସେମାନଙ୍କ ଉପବେଶନ ତଥା କଥୋପକଥନ । ନିର୍ମଳ ବାୟୁ ସେବନ ମୁଖ୍ୟ ଉଦ୍ଦେଶ୍ୟ । ଫକୀରମୋହନଙ୍କ ଇଂରାଜୀ ପଢ଼ିବା ପାଇଁ ଢେର୍ ଆଗ୍ରହ । ଫାଷ୍ଟ ବୁକ୍‌ଟିଏ ସଂଗ୍ରହ କଲେ । ଉପସ୍ଥିତ ବନ୍ଧୁମାନଙ୍କର ସହଯୋଗ, ଇଂରାଜୀ ପଢ଼ିବା ମୂଳଦୁଆ ପଡ଼ିଲା । ସଂସ୍କୃତ, ବଙ୍ଗଳା କାବ୍ୟକବିତାମାନ ପଠନ ବନ୍ଦ । ଏବେ ନିଷ୍ଠା ଇଂରାଜୀରେ । କୌଣସି ଇଂରାଜୀ ଶିକ୍ଷକ ଚିହ୍ନା ନ ଥିଲେ, ତାଙ୍କ ଜଣେ ବନ୍ଧୁ ଗଭର୍ଣ୍ଣମେଣ୍ଟ ସ୍କୁଲର ସେକେଣ୍ଡ ମାଷ୍ଟର । ସେ କିଛିଦିନ ପଢ଼ାଇଲେ । ଫକୀରମୋହନ ଡିକ୍‌ସିନାରୀ ସାହାଯ୍ୟ ନେଲେ । ଆରବିଆନ୍ ନାଇଟ୍, ରବିନ୍‌ସନ୍ କ୍ରୁଶୋ, ହିଷ୍ଟ୍ରି ଅଫ୍ ବେଙ୍ଗଲ, ରେଭରେଣ୍ଡ ଲାଲବିହାରୀଙ୍କ ଗୋବିନ୍ଦ ସାମନ୍ତ, ବାଇବେଲ, ମେରି ଲମ୍ବଙ୍କ ସେକ୍‌ସପିଅର ଟେଲ୍ ପ୍ରଭୃତି କେତେଖଣ୍ଡ ମାତ୍ର ଇଂରାଜୀ ବହି, ପାଠକଲେ । ତାଙ୍କର ସେଇ ଇଂରାଜୀ ଜ୍ଞାନ । କର୍ମକ୍ଷେତ୍ରରେ ସହାୟକ ହେଲା । ସମୟେ ସମୟେ ବଡ଼ବଡ଼ ହାକିମଙ୍କ ସହ କଥାବାର୍ତ୍ତା । ବିଭିନ୍ନ ମକଦ୍ଦମା ସମ୍ବନ୍ଧରେ ଆଲୋଚନା । ଇଂରାଜୀ ଜ୍ଞାନ ନ ଥିଲେ ସମ୍ଭବ ହୋଇ ନ ଥାଆନ୍ତା । ଏ କଥାଟି ଫକୀରମୋହନ ମୁକ୍ତକଣ୍ଠରେ ସ୍ୱୀକାର କଲେ ।

ପୁନଶ୍ଚ ଚାକିରିରେ ନୂଆ ସୁଯୋଗ । କଟକ ନର୍ମାଲ ସ୍କୁଲରେ ପଣ୍ଡିତ କର୍ମ । ବେତନ ମାସକୁ ତିରିଶି ଟଙ୍କା । ବଙ୍ଗଳା ଦକ୍ଷିଣ-ପଶ୍ଚିମ ଇନ୍‌ସପେକ୍ଟର ଆର୍.ଏଲ୍. ମାର୍ଟିନ୍ ସାହେବ । ତାଙ୍କ କାର୍ଯ୍ୟାଳୟ ମେଦିନାପୁରରେ । ମହାଶୟ ପରିଦର୍ଶନରେ ଆସିଲେ । କଟକ ନର୍ମାଲ ସ୍କୁଲରେ ଦ୍ୱିତୀୟ ଶିକ୍ଷକ ପଦବୀ ଖାଲି । ଫକୀରମୋହନଙ୍କୁ ସେଠାରେ ନିଯୁକ୍ତି ଦେବାର ଇଚ୍ଛାପ୍ରକଟ କଲେ । ଏ ମର୍ମରେ ଚିଠିଟିଏ । ଚାକିରି ହେଲେ କଟକ ଯିବାକୁ ପଡ଼ିବ । ଏ ସମ୍ପର୍କରେ ଫକୀରମୋହନଙ୍କ ମତାମତ କ'ଣ ? ଏ ଥିଲା ଚିଠିର ମୁଖ୍ୟ ବିଷୟ । ମିସନ ସ୍କୁଲର ସମ୍ପାଦକ ରେଭରେଣ୍ଡ ଇ.ସି.ବି. ହାଲ୍‌ସ ସାହେବ । ତାଙ୍କ ସହ ବିଚାର ଆଲୋଚନା । ସାହେବ ଫକୀରମୋହନଙ୍କ ଦରମା ତିରିଶିଟଙ୍କା କରିଦେଲେ । ତାଙ୍କୁ ଆଉ କଟକ ନର୍ମାଲ ସ୍କୁଲକୁ ଯିବାକୁ ପଡ଼ିଲାନି । ଦାରିଦ୍ର୍ୟ ବି ଦୂର ହେଲା । ସବୁ ସେଇ ଅଦୃଶ୍ୟ କୁମ୍ଭାରର ଇଚ୍ଛା ।

# ଭାରତବର୍ଷ ଓ ବିଶ୍ୱଗୁରୁ ହେବାର ତଥା-କଥା



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:
୯୪୩୮୪୮୫୦୯୪

ଭାରତ ବର୍ଷ ଏମିତି ଏକ ଦେଶ ଯାହାର ସଂସ୍କୃତି ଅନ୍ୟ କେଉଁ ଦେଶରେ ଦେଖିବାକୁ ମିଳେନାହିଁ । ଏହି ସଂସ୍କୃତି କାରଣରୁ ସାରା ବିଶ୍ୱ ଭାରତକୁ ଗୁରୁତ୍ୱ ଦେଇ ଆସିଥିଲେ । ବିଦେଶୀ ଆକ୍ରାନ୍ତାଙ୍କ ଆକ୍ରମଣ ଓ ଇଂରେଜଙ୍କ ଶାସନ କାରଣରୁ ଯଦିଓ କିଛି ବିଦେଶୀ ପ୍ରଭାବ ଭାରତବର୍ଷ ଉପରେ ପଡିଛି କିନ୍ତୁ ଏବେବି ଭାରତବର୍ଷ ବିଶ୍ୱକୁ ସକ୍ଷମ ସାଂସ୍କୃତିକ ନେତୃତ୍ୱ ଦେବା ଅବସ୍ଥାରେ ଅଛି । ଭାରତବର୍ଷ ଏଭଳି ଏକ ଦେଶ ଯିଏ ଶହ ଶହ ବର୍ଷ ପୁର୍ବରୁ ଓ ଏବେବି ସାରା ବିଶ୍ୱକୁ ଜ୍ଞାନ, ସଂସ୍କୃତି, ବିଜ୍ଞାନ ଏବଂ ନୈତିକତାର ସନ୍ଦେଶ ଦେଇ ଆସୁଛି । ଅନେକ ସମୟରେ ଆମ ନେତାମାନେ ଭାରତବର୍ଷ ବିଶ୍ୱଗୁରୁ ହେବାକୁ ଯାଉଛି ବୋଲି କହୁଛନ୍ତି । କିନ୍ତୁ ପ୍ରକୃତ କଥା ହେଉଛି ଭାରତବର୍ଷ ଶହ ଶହ ବର୍ଷ ପୂର୍ବରୁ ମଧ୍ୟ ବିଶ୍ୱଗୁରୁ ଥିଲା । ବିଶ୍ୱଗୁରୁ ହେବାର ଅର୍ଥ କେବଳ ସାମରିକ ଶକ୍ତି ବା ଅର୍ଥ (ଡ଼ଲାର) ନୁହେଁ, ବରଂ ଜ୍ଞାନ, ସଂସ୍କୃତି ଏବଂ ନୈତିକ ନେତୃତ୍ୱରେ ଦୁନିଆଁ ପାଇଁ ଉଦାହରଣ ସୃଷ୍ଟି କରିବା । ଏସବୁ କଥା ଭାରତ ପ୍ରାଚୀନ କାଳରୁ ଅଦ୍ୟାବଧି ହାସଲ କରିବାର ଉଦ୍ୟମ କରିଆସିଛି । ପ୍ରାଚୀନ ଭାରତରେ ଶିକ୍ଷା ଏବଂ ବିଜ୍ଞାନର ସ୍ତର ଅତି ଉପରେ ଥିଲା । ଏଠି ବେଦ ଏବଂ ଉପନିଷଦରେ ଥିବା ଜୀବନ, ବ୍ରହ୍ମାଣ୍ଡ ଏବଂ ମାନବ ଚେତନାର ରହସ୍ୟର ଅଧ୍ୟୟନ କରାଯାଏ । ଗାଣିତୀୟ ଜ୍ଞାନର ପ୍ରାରମ୍ଭ ଏହିଠାରୁ ହୋଇଥିଲା । ଆର୍ଯ୍ୟଭଟ୍ଟ ଏବଂ ବରାହମିହିରଙ୍କର ଖଗୋଳ ବିଜ୍ଞାନ ଏବଂ ଗଣିତ କ୍ଷେତ୍ରରେ ଅଦ୍ୱିତୀୟ ଯୋଗଦାନ ଥିଲା । ସୁଶ୍ରୁତ ଏବଂ ଚରକ ଆୟୁର୍ବେଦ ଏବଂ ଶଲ୍ୟ ଚିକିତ୍ସାରେ ଏଭଳି ଉଦ୍‌ଭାବନ କରିଥିଲେ ଯାହା ଆଜିବି ବିଶ୍ୱରେ ମାନ୍ୟ ଅଟେ । ଯୋଗ ଏବଂ ଧ୍ୟାନ ହିଁ ମାନସିକ ଏବଂ ଶାରିରୀକ ସୁସ୍ଥତା ପାଇଁ ଅପରିହାର୍ଯ୍ୟ ବୋଲି ସ୍ୱାସ୍ଥ୍ୟ ବିଜ୍ଞାନ ପ୍ରସ୍ତୁତ କରାଯାଇଛି ।

ଧର୍ମ ଏବଂ ଦର୍ଶନ କ୍ଷେତ୍ରରେ ଭାରତ ମଧ୍ୟ ବିଶ୍ୱକୁ ଦିଗ୍ ଦର୍ଶନ ଦେଇଛି । ବୌଦ୍ଧ ଧର୍ମ ଏବଂ ଜୈନ ଧର୍ମ ସାରା ବିଶ୍ୱରେ ଅହିଂସା ଏବଂ ନୈତିକତାର ସନ୍ଦେଶର ବାର୍ତ୍ତା ପ୍ରଚାର କରିଛନ୍ତି । ରାମାୟଣ ଏବଂ ମହାଭାରତ ଭଳି ଗ୍ରନ୍ଥ ଜୀବନ, ନୈତିକତା ଏବଂ ଭୁଲ ଠିକ୍‌କୁ ଚିହ୍ନିବାର ଏବଂ ଏସବୁ ସହ ପରିଚିତ ହେବାର ମାର୍ଗ ଦେଖାଇଛନ୍ତି । ଭାରତୀୟ ସଙ୍ଗୀତ, ନୃତ୍ୟ, କଳା ଏବଂ ବାସ୍ତୁକଳା ସାରା ବିଶ୍ୱରେ ଭାରତବର୍ଷର ସାଂସ୍କୃତିକ ପରିଚୟ ସୃଷ୍ଟି କରାଇ ପାରିଛନ୍ତି । ପ୍ରାକ୍ କାଳରେ ଭାରତ କେବଳ ଶକ୍ତିର କେନ୍ଦ୍ର ନଥିଲା ବରଂ ଜ୍ଞାନ ଏବଂ ସଂସ୍କୃତିର ମାର୍ଗଦର୍ଶକ ଥିଲା । ମଧ୍ୟକାଳରେ ଯେତେବେଳେ ରାଜନୈତିକ ସ୍ଥିତି ଅସ୍ଥିର ଥିଲା ଏବଂ ଅନେକବାର ବିଦେଶୀଙ୍କ ଆକ୍ରମଣ ହୋଇଥିଲା ସେତେବେଳେ ମଧ୍ୟ ଭାରତବର୍ଷର ସଂସ୍କୃତି ଏବଂ ଶିକ୍ଷା ବଞ୍ଚି ରହିଥିଲା । ସଂସ୍କୃତ ସାହିତ୍ୟ, ଆୟୁର୍ବେଦ, ଜ୍ୟୋତିଷ ଏବଂ ତନ୍ତ୍ରର ଅଧ୍ୟୟନ ଜାରି ରହିଥିଲା, ଖଗୋଳ ବିଜ୍ଞାନ ଏବଂ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ମଧ୍ୟ ପ୍ରଗତି ହୋଇଥିଲା । ସେ ସମୟରେ ଭାରତବର୍ଷ ତାର ଶକ୍ତି ପାଇଁ ନୁହେଁ ବରଂ ଜ୍ଞାନ ଏବଂ ସଂସ୍କୃତି ପାଇଁ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା ।

ବ୍ରିଟିଶ (ଇଂରେଜ) ଶାସନ କାଳରେ ଭାରତବର୍ଷର ରାଜନୈତିକ ସ୍ୱାଧିନତା ଏବଂ ଆର୍ଥିକ ଶକ୍ତି ସୀମିତ ହୋଇଯାଇଥିଲା କିନ୍ତୁ ଜ୍ଞାନ ଏବଂ ସଂସ୍କୃତିର ଗୁରୁତ୍ୱ କମିନଥିଲା । ରାଜା ରାମମୋହନ ରାୟ ଏବଂ ସ୍ୱାମୀ ବିବେକାନନ୍ଦ ଭାରତୀୟ ସଂସ୍କୃତିକୁ ସାରାବିଶ୍ୱରେ ପରିଚୟ କରାଇଥିଲେ । ମହାତ୍ମାଗାନ୍ଧୀ ସତ୍ୟ ଓ ଅହିଁସାର ମାର୍ଗରେ ସାରା ବିଶ୍ୱପାଇଁ ନେତୃତ୍ୱର ଏକ ନୂଆ ଉଦାହରଣ ସୃଷ୍ଟି କରିଥିଲେ । ଏହି ସମୟରେ ଜଗଦୀଶ ଚନ୍ଦ୍ର ବୋଷ ଏବଂ ସି ଭି ରମଣଙ୍କ ଭଳି ବୈଜ୍ଞାନିକ ମାନେ ଆନ୍ତର୍ଜାତୀୟ ସ୍ତରରେ ଭାରତବର୍ଷର ନାମକୁ ଚମକାଇଥିଲେ । ସ୍ୱାଧିନତା ପରେ ଭାରତବର୍ଷ ଆଧୁନିକ ବିଜ୍ଞାନ, ବୈଷୟିକ ଜ୍ଞାନ କୌଶଳ, ଅର୍ଥବ୍ୟବସ୍ଥା ଏପରିକି ସଂସ୍କୃତି କ୍ଷେତ୍ରରେ ଅଧିକ ପ୍ରଗତି କରିପାରିଛି । ଆଇଟି ଏବଂ ଡ଼ିଜିଟାଲ ଇଣ୍ଡିଆ ଦେଶକୁ ବିଶ୍ୱସ୍ତରରେ ନୂଆ ପରିଚୟ ଦେଇଛି । ଚନ୍ଦ୍ରଯାନ ଏବଂ ମଙ୍ଗଳଯାନ ଅଭିଯାନ ସାରା ବିଶ୍ୱକୁ ସନ୍ଦେଶ ଦେଇଛି ଯେ ଭାରତ ମହାକାଶ ଅନୁସନ୍ଧାନରେ ମଧ୍ୟ ଅଗ୍ରଣୀ ଅଟେ । ଫାର୍ମସ୍ୟୁଟିକାଲାସ ଏବଂ ବାୟୋଟିକ କ୍ଷେତ୍ରରେ ଭାରତ ଏବେ ଶୀର୍ଷସ୍ଥାନରେ ରହିଛି ଏବଂ ବିଶ୍ୱର ଅନେକ ଦେଶକୁ ଔଷଧ ଯୋଗାଉଛି । ଯୋଗ ଏବଂ ଆୟୁର୍ବେଦର ପ୍ରଚାର, ଭାରତୀୟ ସଙ୍ଗୀତର ପ୍ରସାର ସର୍ବୋପରି ଜାତିସଂଘ ଭଳି ମଞ୍ଚରେ ଭାରତର ସକ୍ରିୟ ଭାଗିଦାରୀ ଭାରତବର୍ଷକୁ ବିଶ୍ୱଗୁରୁ ହେବା ଦିଗରେ ରାସ୍ତା ପ୍ରଶସ୍ତ କରି ଦେଇଛି । ଭାରତବର୍ଷ ପାଇଁ ଅନେକ ଚାଲେଞ୍ଜ ମଧ୍ୟ ରହିଛି । ଦେଶରେ ଦାରିଦ୍ର୍ୟ, ଅସମାନତା, ଶିକ୍ଷା ଏବଂ ଅନୁସନ୍ଧାନ କ୍ଷେତ୍ରକୁ ସୁଧାରିବାର ଆବଶ୍ୟକତା ରହିଛି । ଏପରିକି ବୈଶ୍ୱିକ ରାଜନୀତିରେ ସନ୍ତୁଳନ ବଜାୟ ରଖିବା ମଧ୍ୟ ଜରୁରୀ । କିନ୍ତୁ ସୁଯୋଗ ଅନେକ ରହିଛି । ଜ୍ଞାନ, ନୈତିକତା ଏବଂ ସଂସ୍କୃତିର ସଠିକ୍ ଉପଯୋଗ କରାଯାଇପାରିଲେ ଭାରତବର୍ଷ ବିଶ୍ୱ ପାଇଁ ପ୍ରେରଣା ପାଲଟିଯାଇପାରିବ । ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କୌଶଳଠାରୁ ଆଗକୁଯାଇ ପରିବେଶ ଏବଂ ସତତ ବିକାଶ ଦିଗରେ ଉଦ୍ୟମ ମଧ୍ୟ କରାଯିବାର ଆବଶ୍ୟକତା ରହିଛି ।

ଭାରତବର୍ଷ ସବୁବେଳେ ସବୁ ଯୁଗରେ ଶିକ୍ଷା ଦେଇ ଆସିଛି ଯେ ପ୍ରାୟାସ ଏବଂ ଦୂରଦୃଷ୍ଟି ଯଦି ଠିକ୍ ତେବେ ସବୁକିଛି ସମ୍ଭବ ହୋଇପାରିବ । ପ୍ରାଚୀନ କାଳରେ ଜ୍ଞାନ ଏବଂ ସଂସ୍କୃତି ମାଧ୍ୟମରେ, ମଧ୍ୟକାଳରେ ସଂରକ୍ଷଣ ଏବଂ ଅନୁକୂଳନ ଦ୍ୱାରା, ଔପନିବେଶିକ କାଳରେ ପୁନରୁତ୍‌ଥାନ ଏବଂ ଦେଶ ସ୍ୱାଧିନ ହେବାପରେ ବୈଷୟିକ ଜ୍ଞାନ କୌଶଳ, ଅର୍ଥବ୍ୟବସ୍ଥା ଏବଂ ସଂସ୍କୃତିର ସଂଯୋଜନ କାରଣରୁ ଭାରତବର୍ଷ ବିଶ୍ୱରେ ନୂତନ ପରିଚୟ ସୃଷ୍ଟି କରିପାରିଛି । ଭାରତବର୍ଷର ବିଶ୍ୱଗୁରୁ ହେବା କଥାକୁ କେବଳ ଶକ୍ତି ବା ସମ୍ପତ୍ତିରେ ମପାଯାଇ ପାରିବ ନାହିଁ ବରଂ ଜ୍ଞାନ, ସଂସ୍କୃତି, ଆଧାତ୍ମିକତା ଏବଂ ନୈତିକତାର ସନ୍ତୁଳନରେ ମପାଯିବ । ଯଦି ଆମେ ଏସବୁ କଥାକୁ ନେଇ ଚାଲିବା ତେବେ ଭାରତବର୍ଷ ବିଶ୍ୱଗୁରୁ ହେବାର ଯେଉଁ ସ୍ୱପ୍ନ ଆମେ ଦେଖୁଛେ ତାହା ନିଶ୍ଚୟ ସାକାର ହେବ । ଭାରତବର୍ଷ ପୁନଃ ବିଶ୍ୱଗୁରୁ ହୋଇପାରିବ କେବଳ ଇତିହାସ ପାଇଁ ନୁହେଁ ବରଂ ଆମର ଶ୍ରମ ଓ ଆଗାମୀ ପିଢ଼ୀର ଦୂରଦୃଷ୍ଟି (ଚିନ୍ତାଧାରା) କାରଣରୁ ।

# ଭଲ ସମୟ ଖରାପ ସମୟ



ଧ୍ରୁବ ଚରଣ ଘିବେଲା
ବଉଦରାଜ -୭୬୨୦୧୪,
ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

ବାସ୍ତବରେ ସମୟ କେବେ ଭଲ କି ଖରାପ ନ ଥାଏ । ଯେଉଁ ସମୟରେ ନିଜ ସହ ଭଲ ଫଳ, ଭାଗ୍ୟ ଯୋଡ଼ି ହୁଏ ସେତେବେଳର ସମୟକୁ ସମ୍ପୃକ୍ତ ବ୍ୟକ୍ତି ଚିତ୍ରଣ କରି କହିଥାନ୍ତି ଭଲ ସମୟ । ଠିକ ସେମିତି ଖରାପ ଫଳ ପ୍ରାପ୍ତିରେ କହନ୍ତି ଖରାପ ବେଳା ପଡ଼ିଛି । ଏବେ ସମୟ ଭଲ ନାହିଁ । ଅସଲକୁ ସମୟ ଭଲ କି ଖରାପ ନ ଥାଏ ଓ ଘଟଣା ଅଘଟଣରେ ସମୟକୁ ଭଲ ଖରାପ କୁହାଯାଇ ଚିତ୍ରିତ କରାଯାଇଥାଏ ଯାହା । କେତେ କେତେ ଘଟଣା ଅଘଟଣ ପ୍ରତି ମୁହୂର୍ତ୍ତରେ ଏ ଦୁନିଆରେ ସଂଘଟିତ ହୋଇଚାଲିଛି ଅହରହ କି ଦିନ କି ରାତି । ସ୍ଥାନ କାଳ ପାତ୍ର ବିଚାର ଊର୍ଦ୍ଧ୍ୱରେ । ସବୁ ଦେଶରେ, ଏ ବିରାଟ ବିଶ୍ୱର କୋଣାନୁକୋଣରେ ସବୁଠି କେତେ କେତେ ଘଟଣା ଘଟି ଚାଲେ, ଘଟି ଚାଲିଥାଏ ଅନବରତ ସବୁବେଳେ । ଆମ ପାଇଁ ଭଲ ଘଟିଲେ ଭଲ କହୁ । ଆମ ପାଇଁ ବିଷମ ସ୍ଥିତି ଆଣିଲେ ଖରାପ ଆଖ୍ୟାୟିତ କରୁ । ଆମକୁ ସୁହାଇଲେ ସୁଖ ବିଚାର କରୁ । ଆମକୁ ନ ସୁହାଇଲେ ଖରାପ କହୁ ଓ ଦୁଃଖ ଅନୁଭବ କରିଥାଉ । ସେଇ ସମାନ କାର୍ଯ୍ୟ କାରଣ ନେଇ ଥୋକାଏ ସୁଖ ସନ୍ତୋଷ ବ୍ୟକ୍ତ କଲା ବେଳକୁ ସେଇ ସମାନ କାମକୁ କେହି କେହି କହନ୍ତି ଦୁଃଖଦ ଓ ତହିଁରେ ପୁଣି ବ୍ୟକ୍ତ କରନ୍ତି ଗଭୀର ଅସନ୍ତୋଷ ।

ତେବେ ସମାନ କାର୍ଯ୍ୟ କାରଣ କାହାକୁ ସନ୍ତୋଷ ଦିଏ ତ କାହା ପାଇଁ ଅସନ୍ତୋଷ ଜନ୍ମାଏ । ତେଣୁ ସମୟ ସବୁବେଳେ ଥାଏ ସମାନ । ଦିନ ରାତି ମିଶି ଚବିଶ ଘଣ୍ଟା । ହଁ, ଋତୁ ନେଇ ଦିନ ଓ ରାତିର ଦୀର୍ଘତା ଭିନ୍ନ ଭିନ୍ନ ରହେ । ଖରାଦିନେ ଦିନ ବଡ଼ ଓ ଶୀତକାଳେ ରାତି ବଡ଼ । ବିଶ୍ୱରେ ବିଚିତ୍ରତା ଏହା, କେଉଁଠି ଦିନ ହେଲା ବେଳକୁ ସେଇ ସମୟରେ ଆଉ କେଉଁଠି ନିଶା ରାତି ଗର୍ଜୁଥାଏ । ପୃଥିବୀର ଦୈନିକ ଗତି ଯୋଗୁଁ ଯେଉଁ ପାର୍ଶ୍ୱ ସୂର୍ଯ୍ୟ ଆଡ଼କୁ ରହେ ସେଇ ପାର୍ଶ୍ୱରେ ଦିନ ହୁଏ ଓ ପୃଥିବୀର ଅପର ପାର୍ଶ୍ୱରେ ଘନଘୋର ଅନ୍ଧକାର ଘୋଟି ରାତି ହୋଇଥାଏ । ଯେଉଁଠି ଦିନ, ସେଇ ଅଞ୍ଚଳରେ ସଭିଏଁ ରହିଥାନ୍ତି ଜାଗ୍ରତ, ନିଜ ନିଜ କାର୍ଯ୍ୟରେ କର୍ମଚଞ୍ଚଳ । ସମାନ ସମୟରେ ଦୁଇ ବିପରୀତ ସ୍ଥାନରେ ଦୁଇଟି ଭିନ୍ନ ଭିନ୍ନ ସ୍ଥିତି ନେଇ ବିଭିନ୍ନ କ୍ରିୟା ପ୍ରକ୍ରିୟା କାର୍ଯ୍ୟକାରୀ ହୋଇଥାଏ । କେଉଁଠି ରାତି ହୋଇ ଲୋକେ ବିଶ୍ରାମ ନେଇ ଶୋଇ ଯାଇଥାନ୍ତି ତ ବିପରୀତ ସ୍ଥିତି ସ୍ଥାନର ଲୋକେ ଦିନ ବେଳେ ଥାଆନ୍ତି ବେଶ କର୍ମଚଞ୍ଚଳ କର୍ମତତ୍ପର । ପୃଥିବୀର ଗୋଟିଏ ଗୋଲାର୍ଦ୍ଧ ଯେଉଁଠି ଦିନ ଥାଏ, ସେଠାକାର କଥା ଯଦି ଦେଖିବା ବିଚାରିବା, ସେଇଠି ସଭିଏଁ କର୍ମସଂସ୍କୃତିରେ ରହିଥିଲେ ହେଁ କର୍ମ ଅନୁଭବର ବିଚାର ସମସ୍ତଙ୍କ ସମାନ ରହିନଥାଏ । ଯେମିତି ଅନୁଭବ ସେମିତି ବିଚାର ରହେ । କର୍ମଫଳ ସୁଖଦାୟୀ ହୁଏ ସୁଖ ଅନୁଭବ ଆଧାରରେ । ଦୁଃଖଦ ଅନୁଭବ ଦୁଃଖ ହିଁ ଦିଏ । ସୁତରାଂ, କର୍ମ ନେଇ ଫଳ ମିଳେ । ରାଶି ଭାଗ୍ୟ ନେଇ ଫଳ ମିଳେନି । ରାମ ଓ ରାବଣ ଉଭୟଙ୍କ ରାଶି ତ ସମାନ ଥିଲା । ରାବଣ କାହିଁକି ରାମଙ୍କ ହାତରେ ନିଧନ ହେଲା ? କର୍ମଫଳ ରାବଣ ଭୋଗିଲା । ସୀତା ହରଣ, ରାବଣ ମରଣ - ରାବଣର ସୀତା ହରଣ ଭଳି ମନ୍ଦ କାମ ଯୋଗୁଁ ରାବଣ ଭୋଗିଲା ପରାଭବ । ଶେଷକୁ ରାବଣ ମଲା ରାମଙ୍କ ହାତରେ । ଭଗବାନ ରାମଙ୍କ ମଧ୍ୟ ଶେଷ ସମୟ ଉପଗତ ହୋଇଥିଲା । ସରଜୁ ନଦୀରେ ଆତ୍ମ ବିସର୍ଜନ କରିଥିଲେ ପ୍ରଭୁ ରାମଚନ୍ଦ୍ର ।

କର୍ଣ୍ଣ ଯେମିତି ମହାଦାନୀ ଥିଲେ ସେମିତି ମହାନ ଯୋଦ୍ଧା ବି ଥିଲେ । ହେଲେ ସମୟର ପ୍ରତିକୂଳତାରେ କର୍ଣ୍ଣଙ୍କ ଜୀବନ ରହିଥିଲା ସର୍ବଦା ଗତିଶୀଳ ରହିଥିଲା । ଭଗବାନ ଶ୍ରୀକୃଷ୍ଣଙ୍କୁ କର୍ଣ୍ଣ ପଚାରିଥିଲେ ମୋ' ସହିତ କାହିଁକି ଏମିତି ହେଉଥିଲା । ମୁଁ ଯାହାଠୁ ଜନ୍ମ ନେଲି ତାର ପୁଅ ହୋଇପାରିଲି ନାହିଁ, ଦ୍ରୌପଦୀ ସୟମ୍ବରରେ ମୋତେ ଭାଗ ନେବାକୁ ସୁଯୋଗ ମିଳିଲାନି, ଯାହାଙ୍କୁ ଗୁରୁ କଲି ସେ ଅଭିଶାପ ଦେଲେ, ତେବେ ମୋ'ଠି କାହିଁକି ଏମିତି ଅନ୍ୟାୟ ହୋଇଥିଲା ? କର୍ଣ୍ଣଙ୍କୁ ଶୁଣିଲା ପରେ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ମୁଁ ଜନ୍ମ ନେଇଥିଲି କାରାଗାରରେ । ମୁଁ ତ ଜନ୍ମ ହେଉ ହେଉ ବାପାମାଆଠୁ ଦୂରେଇ ରହିଲି, ଭରା ଯମୁନା ପାରି ହୋଇ ବାପା ମୋତେ ନେଇ ନନ୍ଦ ଘରେ ଛାଡ଼ି ଦେଇ ଆସିଥିଲେ, ମୁଁ ସବୁବେଳେ ପିଲାଦିନୁ ଶତ୍ରୁମାନଙ୍କ ଟାର୍ଗେଟରେ ରହିଆସିଥିଲି, ଜରାସନ୍ଧର ଦୌରାତ୍ମ୍ୟରେ ଦ୍ୱାରକା ଗଲି ସେଠୁ ପୁଣି ମୋତେ ଯିବାକୁ ପଡ଼ିଥିଲା ସମୁଦ୍ର ଭିତରକୁ ବେଟ ଦ୍ୱାରକାକୁ । ସବୁ ପରିସ୍ଥିତିକୁ ମୁଁ ଧୈର୍ଯ୍ୟର ସହିତ ମୁକାବିଲା କରିଛି । ଅନେକ ଦୁଃଖକଷ୍ଟ ସହିଛି । କର୍ଣ୍ଣ ତୁମର ଧୈର୍ଯ୍ୟ ନ ଥିଲା । ପରିସ୍ଥିତିକୁ ତୁମେ ସାମ୍ନା କରିପାରିନଥିଲ । ଶ୍ରୀକୃଷ୍ଣଙ୍କ କଥା ଶୁଣି କର୍ଣ୍ଣ ନିରବି ଯାଇଥିଲେ ।

କଥା ହେଉଛି, ସମୟର ଦୋଷ କେବେ ନଥାଏ । ଆମେ ଖାଲି କଥା ପଡ଼ିଲେ ଯାହା କହିଥାଉ ଭଲ ସମୟ ବା ଖରାପ ସମୟ କଥା । ହେଲେ ସମୟ ସହିତ ସଭିଏଁ ଯୋଡ଼ି ହୁଅନ୍ତି । ତଥାପି ସମୟ କାହାର ହୋଇନଥାଏ । ସମୟ ସର୍ବଦା ବଡ଼ ବଳବାନ । ସମୟଠୁ ଊର୍ଦ୍ଧ୍ୱରେ କେହି ନ ଥାନ୍ତି । ପୁଣି ସମୟର ମୂଲ୍ୟ ବୁଝି ସମୟର ସଦୁପଯୋଗ ଯିଏ କରନ୍ତି ଓ କର୍ମଯୋଗୀ ଥାଆନ୍ତି, ସିଏ ମହାନ ହୁଅନ୍ତି । ଭାଗ୍ୟବାନ ସାଜନ୍ତି । କର୍ମ ସହିତ ଭାଗ୍ୟ ଯୋଡ଼ି ହୋଇ କେତେବେଳେ କିଏ ଭାଗ୍ୟବାନ ସାଜନ୍ତି ତ କିଏ ହୁଏ ହତଭାଗା । ଭଲ ହେଉ ବା ମନ୍ଦ, କର୍ମଫଳ ସଭିଏଁ ଭୋଗିଥାନ୍ତି । ଯାହା ସହିତ ଯେତେବେଳେ ମନ୍ଦ ବା ଖରାପ ଘଟେ, ସେ ସମୟ ତା' ପାଇଁ ହୁଏ ଖରାପ । ଭଲ କର୍ମଫଳ ଯେଉଁ ସମୟରେ ପାଆନ୍ତି, ସେ ସମୟକୁ କହନ୍ତି ଭଲ ସମୟ । ଏବଂ ସମୟ ପିଠିରେ ସେମାନେ ସେମାନଙ୍କ ସଫଳତାର ପାଦଚିହ୍ନ ଥାପିବାକୁ ସମର୍ଥ ହୁଅନ୍ତି । ସମୟ ନିରପେକ୍ଷ । କାହାର ପକ୍ଷ ହୁଏନି । ତେବେ ଭଲ ସମୟ ଖରାପ ସମୟ ସେମିତି କିଛି ନ ଥାଏ । ସମୟ ସେ ଅବ୍ୟକ୍ତ, ସେ ଅନନ୍ତ, ସେ ଅସୀମ । କାଳଖଣ୍ଡ ବିଭାଜନରେ ସମୟକୁ ଯାହା ସେକେଣ୍ଡ, ମିନିଟ, ଘଣ୍ଟା, ଦିନ, ମାସ, ଋତୁ, ବର୍ଷ, ଦଶନ୍ଧି, ଶତାବ୍ଦୀ ଆଦିରେ କାଳ ଗଣନା କରାଯାଇଥାଏ । ଜନ୍ମ ଓ ମୃତ୍ୟୁ ଆଧାରରେ ମଣିଷ ଯୋଡ଼ିହୁଏ ସମୟ ସହିତ । ସାଧାରଣ ମଣିଷ ସମସ୍ତଙ୍କ ପରିଚୟ ବଳୟକୁ କେବେ ଆସିପାରିନଥାନ୍ତି । ଯୋଗଜନ୍ମା ଯୁଗଜନ୍ମା ମହାପୁରୁଷଙ୍କୁ ସମୟ ଯାହା ମନେରଖେ କାଳ କାଳକୁ ତାଙ୍କ ଦେଶ ବା ବିଶ୍ୱ କଲ୍ୟାଣ ପାଇଁ କରିଯାଇଥିବା କୃତିକୀର୍ତ୍ତି ସମୂହକୁ ସ୍ମରଣ କରି । ସେମାନଙ୍କ ଭିତରୁ କେହି କେହି ରହିପାରନ୍ତି ନିତ୍ୟ ପ୍ରାତଃସ୍ମରଣୀୟ । ଯେଉଁମାନଙ୍କ ପଦପାଦ ତଳେ ସ୍ୱତଃ ମୁଣ୍ଡ ନଇଁପଡ଼ିଥାଏ ଶତ ସହସ୍ର ଶ୍ରଦ୍ଧାରେ ଓ ଭାବଭକ୍ତିରେ । ସେମାନେ ସମ୍ମାନନୀୟ, ଚିର ବନ୍ଦନୀୟ, ସର୍ବୋପରି ସେମାନେ ଥାନ୍ତି ଜାତିସ୍ମର ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ଚାଷୀମାନଙ୍କ ସମସ୍ୟା ସମାଧାନ ନିମନ୍ତେ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଗତ ୨୧ ତାରିଖ ଦିନ ସୁନ୍ଦରଗଡ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ସ୍ଥାନୀୟ ବିକାଶ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡ଼ା. ଶୁଭଙ୍କର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ଏହି ବୈଠକରେ ଉପ - ବାଚସ୍ପତି, ଓଡ଼ିଶା ବିଧାନସଭା ତଥା ବିଧାୟକ ତଳସରା, ଭବାନୀ ଶଙ୍କର ଭୋଇ, ସଦର ବିଧାୟକ ଯୋଗେଶ କୁମାର ସିଂ, ରାଜଗାଙ୍ଗପୁର ବିଧାୟକ ଡା. ସି.ଏସ୍. ରାଜେନ ଏକ୍କା, ବିଧାୟକ, ବଣାଇ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ଜିଲ୍ଲାର ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଅତିଥିମାନେ କିଭଳି ଜିଲ୍ଲାରେ ସୁରୁଖୁରୁରେ ଧାନ ସଂଗ୍ରହ ହୋଇପାରିବ ଏବଂ ଚାଷୀମାନେ କିଭଳି ବିନା ଅସୁବିଧାରେ ନିଜର ଧାନ ବିକ୍ରୟ କରିପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଏହି ପ୍ରକ୍ରିୟାରେ ଚାଷୀ, ମିଲର୍ସ ତଥା ଅଧିକାରୀ ମାନଙ୍କ ଆପୋଷ ବୁଝାମଣା ତଥା ସହଯୋଗ ଆବଶ୍ୟକ ବୋଲି କହିଥିଲେ । ସେହିଭଳି ଚାଷୀ ମାନଙ୍କର ସମସ୍ତ ସମସ୍ୟା ଗୁଡ଼ିକର ଦୂରୀକରଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାରେ ଖରିଫ ଧାନ ସଂଗ୍ରହ, ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଯୋଗାଇ ଦେବା, ତ୍ରୁଟି ବିହୀନ ଧାନ ସଂଗ୍ରହ ପ୍ରକ୍ରିୟା ଆଦି ଲକ୍ଷ୍ୟ ନେଇ ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ନିମନ୍ତେ ତାରିଖ ଧାର୍ଯ୍ୟ କରାଯାଇଛି । ବୈଠକରେ ବଣାଇ ଉପଖଣ୍ଡ ଅଞ୍ଚଳରେ ଡିସେମ୍ବର ମାସ ୧୫ ତାରିଖ ଏବଂ ସୁନ୍ଦରଗଡ଼ ଓ ପାନପୋଷ ଉପଖଣ୍ଡରେ ଧାନ ସଂଗ୍ରହ ନିମନ୍ତେ ଡିସେମ୍ବର ୨୦ ତାରିଖକୁ ଧାର୍ଯ୍ୟ କରାଯାଇଛି । ଧାନ ସଂଗ୍ରହ ନିମନ୍ତେ ଜିଲ୍ଲାରେ ୧୩୩ ଗୋଟି ଧାନ ସଂଗ୍ରହ କେନ୍ଦ୍ର ଖୋଲାଯିବାର ଲକ୍ଷ୍ୟ ରଖାଯାଇଛି, ଯେଉଁଥିରେ କି ୬ ଗୋଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ୪୭ଟି ଲାମ୍ପସ ଭାଗ ନେବେ । ସେହିଭଳି ଏଥର ନୂତନ ଭାବେ ୨୫ ଗୋଟି ଲାମ୍ପସ ଏହି ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେବେ । ସେହିଭଳି ମଣ୍ଡି ଗୁଡ଼ିକର ସୁପରିଚାଳନା ନିମନ୍ତେ ମଧ୍ୟ ବିଭିନ୍ନ ପଦକ୍ଷେପ ମାନ ଗ୍ରହଣ କରାଯାଇଛି, ଯେପରିକି - ଧାନର ଅନୈତିକ କାରବାର ବା ଚୋରା ଚାଲାଣ





ରୋକିବା ନିମନ୍ତେ ସିସିଟିଭି ବ୍ୟବସ୍ଥା, ମଣ୍ଡି ମାନଙ୍କରେ ଛାୟା ବ୍ୟବସ୍ଥା, ପାନୀୟ ଜଳ, ଶୌଚାଳୟ ବ୍ୟବସ୍ଥା ଆଦି ମଧ୍ୟ ରହିବ । ଏହାର ସୁପରିଚାଳନା ନିମନ୍ତେ ଜିଲ୍ଲାରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍, ଟୋଲ୍ ଫ୍ରି ନମ୍ବର ୧୮୦୦୪୩୫୭୪୬୧ ଏବଂ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟର ଟୋଲ୍ ଫ୍ରି ନମ୍ବର ୦୬୬୨୨୩୧୩୫୪୩ ରହିଛି । ଚଳିତ ବର୍ଷ ପଞ୍ଜିକୃତ ହୋଇଥିବା ୬୧୯୭୭ ଜଣ ଚାଷୀଙ୍କ ଠାରୁ ପ୍ରଥମ ପର୍ଯ୍ୟାୟରେ ୧୪୬୧୦୦ ମେଟ୍ରିକ୍ ଟନ୍ ଧାନ କିଣାଯିବାର ଲକ୍ଷ୍ୟ ରହିଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ, ସଦର ଉପଜିଲ୍ଲାପାଳ ସୁଶ୍ରୀ ତେଜସ୍ୱିନୀ ବେହେରା, ପାନପୋଷ ଉପ ଜିଲ୍ଲାପାଳ ବିଜୟ କୁମାର ନାୟକ, ମୁଖ୍ୟ ଯୋଗାଣ ଅଧିକାରୀ ଅଜୟ କୁମାର ରଥ, ଜିଲ୍ଲା ଯୋଗାଣ ଅଧିକାରୀ ସଞ୍ଜୟ କୁମାର ସାହୁ, ଡିଆର୍‌ସିଏସ୍ ରଶ୍ମିଲତା ବେହେରା, ଅତିରିକ୍ତ ଯୋଗାଣ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବହୁ ସଂଖ୍ୟାରେ ଚାଷୀ ଏବଂ ମିଲର୍ସମାନେ ଯୋଗଦେଇ ବୈଠକରେ ଧାନ ସଂଗ୍ରହ କିଭଳି ସୁରୁଖୁରୁରେ ହୋଇପାରିବ ସେଥିନିମନ୍ତେ ନିଜ ନିଜର ମତାମତ ରଖିଥିଲେ ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ହେଲା ସ୍ୱତନ୍ତ୍ର ମାର୍ଗଦର୍ଶିକା

# ଦଣ୍ଡ ନାଚରେ ଦ୍ୱିଅର୍ଥବୋଧକ ଶବ୍ଦକୁ ନା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମର ଗଣପର୍ବ ଦଣ୍ଡ ନାଚରେ କ୍ରମଶଃ ଅଶ୍ଳୀଳତା ଓ ଅପସଂସ୍କୃତି ପ୍ରବେଶ କରୁଛି । ଏହା ଲୋକଙ୍କ ଧାର୍ମିକ ଭାବନାକୁ କୁଠାରଘାତ କରୁଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ଏହା ବିରୋଧରେ ପ୍ରଶାସନିକ ସ୍ତରରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଆସୁଥିବା ବେଳେ ବର୍ତ୍ତମାନ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇ ତତ୍ପରତା ପ୍ରକାଶ ପାଇଛି । ଦଣ୍ଡ ନାଚରେ ଅଶ୍ଳୀଳତା, ଅପସଂସ୍କୃତି ଓ ଅସାମାଜିକ ତତ୍ୱର ନିରାକରଣ ସକାଶେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି । ଧୂଳିଦଣ୍ଡ ସମୟରେ ପାରମ୍ପରିକ ଢ଼ଗଢ଼ମାଳି ଓ ଲୋକସଙ୍ଗୀତର ବ୍ୟବହାରକୁ ଯଦିଓ ଅନୁମତି ମିଳିଛି, ଦ୍ୱିଅର୍ଥବୋଧକ ଶବ୍ଦର ପ୍ରୟୋଗକୁ ନିଷିଦ୍ଧ କରାଯାଇଛି । ରାତି ସମୟରେ ଆୟୋଜିତ ସାଂସ୍କୃତିକ ମଞ୍ଚରେ କେବଳ ପାରମ୍ପରିକ କଳାକୁ ଅନୁମତି ଦିଆଯାଇଛି । ବ୍ଲକ/ମହାନଗର ନିଗମ ସ୍ତରରେ କମିଶନର, ତହସିଲଦାର, ବିଡ଼ିଓ, ଥାନା ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ କଳା ସଂସ୍କୃତି ସଂଘକୁ ନେଇ ଏକ କମିଟି ଗଠନ କରାଯିବ । ପ୍ରତିବର୍ଷ ଦଣ୍ଡନାଚ ଆରମ୍ଭ ପୂର୍ବରୁ ଦଣ୍ଡନାଚର ମୁଖ୍ୟ ପରିଚାଳକଙ୍କୁ ନେଇ ବୈଠକ କରାଯାଇ ପ୍ରଶାସନ ପକ୍ଷରୁ ଜାରି ଦଣ୍ଡନାଚ ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ ନେଇ ଆଲୋଚନା କରାଯିବ । ଦଣ୍ଡନାଚର ମୁଖ୍ୟ ପରିଚାଳକ ଦଣ୍ଡନାଚ ପୂର୍ବରୁ ଆବଶ୍ୟକ ସର୍ତ୍ତ ପୂରଣ କରି ସ୍ଥାନୀୟ ଥାନା ଅଧିକାରୀଙ୍କ ଠାରୁ ଅନୁମତି ନେବେ । ଅନୁମତିପତ୍ରରେ ଦଣ୍ଡନାଚର ସବିଶେଷ ତଥ୍ୟ ଯଥା ନାଟକ ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ, କଳାକାରଙ୍କ ନାମ ଓ ଠିକଣା, କେତେଦିନ ଓ କେଉଁ ସ୍ଥାନରେ ଦଣ୍ଡନାଚ ପରିବେଷଣ କରାଯିବ ସେନେଇ ମଧ୍ୟ ତଥ୍ୟ ପ୍ରଦାନ କରିବାକୁ ହେବ । ଦଣ୍ଡନାଚ ପରିବେଷଣ ସମୟରେ ମାର୍ଗଦର୍ଶିକାର ଉଲ୍ଲଂଘନ ହେଲେ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ସ୍ପଷ୍ଟ ଉଲ୍ଲେଖ କରାଯାଇଛି । ପ୍ରଶାସନ ପକ୍ଷରୁ ନିଆଯାଇଥିବା ଏଭଳି ପଦକ୍ଷେପକୁ କଳା ଓ ସଂସ୍କୃତି ପ୍ରେମୀଙ୍କ ସହିତ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

# ସମାଜରେ ବରିଷ୍ଠ ନାଗରିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ନୂଆସାହି ସ୍ଥିତ ବରିଷ୍ଠ ନାଗରିକ ସଂଘର ୨ୟ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଲଗ୍ନ ମଣ୍ଡପ ପରିସରରେ ସଂଘର ସଭାପତି ଆଦିକନ୍ଦ ବିହାରୀଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ବରିଷ୍ଠ ନାଗରିକ ଆଗାମୀ ଯୁବପିଢି ମାନଙ୍କ ପାଇଁ ମାର୍ଗଦର୍ଶକ ବୋଲି ମତବ୍ୟକ୍ତ କରିଥିଲେ । କଟକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, କାଉନସିଲର ଆଶୁତୋଷ ଦାସ, ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ, ଇଙ୍ଗ୍। ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆ ପ୍ରମୁଖ ଯୋଗଦେଇ ସମାଜରେ ବରିଷ୍ଠ ନାଗିରକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କୁ ସମ୍ମାନ ଜଣାଇ ତାଙ୍କର ଉପଦେଶ ମାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଖବରଦାତା ଓ ଅନ୍ୟାନ୍ୟ ସଂଗଠନରୁ ଆସିଥିବା ବରିଷ୍ଠ ନାଗରିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କ୍ଲବ ଉପସଭାପତି ରଘୁନାଥ ସ୍ୱାଇଁ, ବୈକୁଣ୍ଠ ନାଥ ତାରେଣିଆ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୁରେନ୍ଦ୍ର ନାଥ ବାରିକ, ସୁବାଷ ଖୁଣ୍ଟିଆ, ଅଲେଖ ବେହେରାଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଂଘ ସମ୍ପାଦକ ବିଭୁଦାସ ବର୍ଦ୍ଧନ ଓ କୋଷାଧ୍ୟକ୍ଷ ନିକୁଞ୍ଜ ବିହାରୀ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଚୌଦ୍ୱାର ରୋଟାରୀ କ୍ଲବ, ଅବସରପ୍ରାପ୍ତ ଶିକ୍ଷକ ସଂଘ, ଚୌଦ୍ୱାର ବରିଷ୍ଠ ନାଗରିକ କ୍ଲବର ସଦସ୍ୟ ଓ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ । ଏହି ଅବସରରେ ସଂଘ ତରଫରୁ ସ୍ଥାନୀୟ ସ୍ୱାଗତିକା ବୃଦ୍ଧାଶ୍ରମର ଅନ୍ତେବାସୀ ମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା ।

# ଡିସେମ୍ବର ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ସ୍ତରୀୟ ଓ ତାଲୁକ ସ୍ତରୀୟ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଡିସେମ୍ବର ମାସ ୧୩ ତାରିଖରେ ସମସ୍ତ ଅଦାଲତ, ସ୍ଥାନୀୟ ପୌରପରିଷଦ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ସମସ୍ତ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମୋକଦ୍ଦମା ଯଥା ଫୌଜଦାରୀ (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ ମାମଲା, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସର କାଳୀନ ପ୍ରାପ୍ୟ), ମୋଟର ଯାନ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ, କେବଳ ବିଚାରାଧିନ ମୋକଦ୍ଦମା ନୁହେଁ ପ୍ରାକ୍ ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା), ଚେକ୍ ବାଉନ୍ସ ମାମଲା, ବି.ଏସ୍.ଏନ୍.ଏଲ୍, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଲୋକ ଅଦାଲତରେ ମୋକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୁଡାନ୍ତ ଏବଂ ଅମଳ ଯୋଗ୍ୟ, ଯଦି କୌଣସି ବିଚାରାଧିନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ । ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଜଗତସିଂହପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ତରଫରୁ ସୂଚନା ପ୍ରଦାନ କରାଯାଇଛି ।



# କିଶୋର କିଶୋରୀ ମାନଙ୍କ ଆନ୍ତଃଜିଲ୍ଲା ଅନୁଭବ ଯାତ୍ରା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସମାଜମଙ୍ଗଳ ବିଭାଗର ଆଦଭିକା ଯୋଜନାରେ କିଶୋର କିଶୋରୀ ମାନଙ୍କ ଆନ୍ତଃଜିଲ୍ଲା ପରିଦର୍ଶନ ଅନୁଭବ ଯାତ୍ରା -୨୦୨୫ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ସୁଷୁମା ମହାନ୍ତଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୧୬ଜଣ କିଶୋର କିଶୋରୀ ହବ୍‌ର ଷ୍ଟାଫ୍‌କର୍ମକର୍ତ୍ତାଙ୍କ ସହିତ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ କରିଥିଲେ । ଏହି ଅନୁଷ୍ଠାନ ମଧ୍ୟରୁ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ଜିଲ୍ଲାକାର୍ଯ୍ୟାଳୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷଙ୍କ କାର୍ଯ୍ୟାଳୟ, ଜିଲ୍ଲାମୁଖ୍ୟ ଡାକଘର, ଜଝାଙ୍ଗ ସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ରଘୁରାମ୍ ଆର୍.ଆଇ.ଆର୍ କିଶୋର କିଶୋରୀମାନଙ୍କୁ ଉତ୍ସାହିତ କରିବା ପାଇଁ ପାଠପଢା, ନିଜ ୀବନର ପ୍ରଥମ ପାଥେୟ କରି କିପରି ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ନିଜର ଅନୁଭବ ଓ ଅଭିଜ୍ଞତା ପ୍ରକାଶ କରିଥିଲେ । ଏଥିସହିତ ଜିଲ୍ଲା ଏସ୍‌ପି କାର୍ଯ୍ୟାଳୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, କିଶୋର କିଶୋରୀମାନଙ୍କୁ ପୋଲିସର କାର୍ଯ୍ୟକଳାପ ସମ୍ପର୍କରେ ବୁଝାଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ହବ୍‌ର ଜିଲ୍ଲା ସଂଯୋଜକ ଲଲାଟେନ୍ଦୁ ଭୋଇଙ୍କ ସମେତ ସୁଶାନ୍ତ ବାରିକ, ବର୍ଷା ମଲ୍ଲିକ, ସୁନିଲ୍ କୁମାର ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ ।

# ସିଲିକୋସିସ୍ କବଳରେ ଖଣିବାସିନ୍ଦା: ୫ ବର୍ଷରେ ୭୨ ହଜାର ଆକ୍ରାନ୍ତ

**ସୁନ୍ଦରଗଡ଼, ନ୍ୟୁଜ୍ ବ୍ୟୁରୋ**

ଚିନ୍ତା ବଢ଼ାଉଛି ସିଲିକୋସିସ୍ ରୋଗ । ସୁନ୍ଦରଗଡ଼ ଜିଲ୍ଲାରେ କ୍ରମାଗତ ଭାବେ ରୋଗୀଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବାବେଳେ ଏହାର ଚିକିତ୍ସା ହୋଇନପାରିବା ଚିନ୍ତାର କାରଣ ହୋଇଛି । ରାଉରକେଲା ପୁରୁଣା ଜଲଦାର ଅଜୟ ଗିରି ଏକ ପଥର କ୍ରସର୍‌ରେ ୨୩ ବର୍ଷ ଧରି କାମ କରୁଥିଲେ । ଫୁସ୍‌ଫୁସ୍‌ଜନିତ ରୋଗରେ ଆକ୍ରାନ୍ତ ଅଜୟ ବୁର୍ଲା ବୀର ସୁରେନ୍ଦ୍ରସାଏ ଡାକ୍ତରଖାନାରେ ପରୀକ୍ଷା କରାଇବା ପରେ ତାଙ୍କୁ ସିଲିକୋସିସ୍ ରୋଗ ହୋଇଥିବା ଜଣାପଡ଼ିଥିଲା । ସିଲିକୋସିସ୍ ରୋଗର ଚିକିତ୍ସା ନଥିବା କହି ତାଙ୍କୁ କେବଳ ଫୁସ୍‌ଫୁସ୍ ରୋଗର ଚିକିତ୍ସା କରି ଘରକୁ ପଠାଇ ଦିଆଗଲା । ଖଣି ଅଞ୍ଚଳରୁ ଉତ୍ପନ୍ନ ମାରାତ୍ମକ ସିଲିକୋସିସ୍ ରୋଗ ଯକ୍ଷ୍ମା ଓ ଆଜମା ଭିତରେ ଲୁଚି ଯାଉଛି । ଏହି ରୋଗ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର କୌଣସି ଅଧ୍ୟୟନ ନାହିଁ । ସଚେତନତା ଅଭାବରୁ ଏ ରୋଗ ଦିନକୁ ଦିନ ବଢ଼ିଚାଲିଛି । ସିଲିକୋସିସ୍ ସଂକ୍ରାନ୍ତରେ ଖଣିବହୁଳ ସୁନ୍ଦରଗଡ଼ ଜିଲ୍ଲାରୁ ଚମକାଇ ଦେଲା ଭଳି ତଥ୍ୟ ସାମ୍ନାକୁ ଆସିଛି । ୨୦୧୫ରୁ ୨୦୧୯, ୫ ବର୍ଷ ମଧ୍ୟରେ ଜିଲ୍ଲାରେ ଏହି ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ୭୨୬୯୫ ଥିବା ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ କହୁଛି । ତଥ୍ୟାନୁସାରେ, ୨୦୧୫ରେ ବହିର୍ବିଭାଗରେ ୧୦୯୯୭, ୨୦୧୬ରେ ୧୩୧୨୪, ୨୦୧୭ରେ ୧୭୦୮୪, ୨୦୧୮ରେ ୨୦୭୫୦, ୨୦୧୯ରେ ୧୦୭୪୦ ସିଲିକୋସିସ୍ ଲକ୍ଷଣ ଥିବା ରୋଗୀ ଆସିଥିଲେ । ସେହିପରି ଜିଲ୍ଲାର ଡାକ୍ତରଖାନା ଗୁଡ଼ିକରେ ୫ ବର୍ଷରେ ୨୬୩ ଜଣ ରୋଗୀ ଚିକିତ୍ସିତ ହୋଇଥିବା ତଥ୍ୟ ରହିଛି । ୨୦୧୫ରେ ୨୯, ୨୦୧୬ରେ ୩୯, ୨୦୧୭ରେ ୧୨୨, ୨୦୧୮ରେ ୬୩ ଓ ୨୦୧୯ରେ ୧୦ ଜଣ ରୋଗୀ ଚିକିତ୍ସିତ ହୋଇଥିଲେ । ତେବେ ଆଶ୍ଚର୍ଯ୍ୟଜନକ ଭାବେ ତା' ପରବର୍ଷ ଅର୍ଥାତ୍ ୨୦୨୦ ରିପୋର୍ଟରେ ରୋଗୀ ସଂଖ୍ୟା ଶୂନ ରହିଛି । ସିଲିକା ନାମକ ଏକ ଗୁଣ୍ଡ ଯୋଗୁ ହେଉଥିବା ସିଲିକୋସିସ୍ ରୋଗ ଫୁସଫୁସକୁ ଆକ୍ରାନ୍ତ କରିଥାଏ । ବିଶେଷ କରି ପଥର, ସୁନାଖଣି, ଚୂନପଥର, କାଚ, କୋଇଲା ଖଣି ସମେତ ସିମେଣ୍ଟ କାରଖାନାର ଶ୍ରମିକମାନେ ଏଥିରେ ଆକ୍ରାନ୍ତ ହୋଇଥାନ୍ତି । ସୁନ୍ଦରଗଡ଼ରେ ଉପରୋକ୍ତ ଖଣି କାରଖାନା ରହିଥିବାରୁ ସିଲିକୋସିସ୍ ଆକ୍ରାନ୍ତଙ୍କ ସଂଖ୍ୟା ଏଠାରେ ଅଧିକ । କିନ୍ତୁ ସ୍ୱାସ୍ଥ୍ୟ ବିଭାଗ ଏହାକୁ ସେତେଟା ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସୁରେଶଚନ୍ଦ୍ର ମହାନ୍ତି କହିଛନ୍ତି ସିଲିକୋସିସ୍ ରୋଗ ଚିହ୍ନଟ ବା ଚିକିତ୍ସା ବ୍ୟବସ୍ଥା ନଥିବାରୁ ଏ ସମ୍ପର୍କରେ ଜାଣିବା ମୁସ୍କିଲ୍ ।

# ସୋଆ କୃଷି ମହାବିଦ୍ୟାଳୟରେ ପଦ୍ମଚାଷ ଗବେଷଣା ଏବଂ ନୂତନ କିସମ୍ ଉଦ୍‌ଭାବନର ଶୁଭାରମ୍ଭ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭାରତର ଜାତୀୟ ଫୁଲ ପଦ୍ମ ସହିତ ଦେଶବାସୀଙ୍କ ଭାବଗତ ସମ୍ପର୍କ ଅତି ନିବିଡ଼ ଏବଂ ପୁରାତନ । ଏହି ଫୁଲର ଚାଷ, ଏହା ଉପରେ ଗବେଷଣା ଓ ନୂଆ କିସମ ଉଦ୍‌ଭାବନ କରି ଚାଷ ନିମନ୍ତେ ବିଧିବଦ୍ଧ ଭାବେ ଗୁରୁବାର ଛତାବର ସ୍ଥିତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ କୃଷି ମହାବିଦ୍ୟାଳୟର କୃଷି ଗବେଷଣା କେନ୍ଦ୍ର ଦ୍ୱାରା ଏକ 'ପଦ୍ମ ଜିନ ବ୍ୟାଙ୍କ' ଉଦ୍‌ଘାଟନ କରାଯାଇଛି । କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏବଂ ସୋଆ କୃଷି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ତଥା ଉଦ୍ଭିଦ ଶରୀରତତ୍ୱ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ସରୋଜ କୁମାର ମହାନ୍ତିଙ୍କ ଦ୍ୱାରା ଏହି 'ପଦ୍ମ ଜିନ ବ୍ୟାଙ୍କ' ଉଦ୍‌ଘାଟନ କରାଯାଇଛି । ପଦ୍ମ ଫୁଲର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । କିନ୍ତୁ ବୈଜ୍ଞାନିକ ପ୍ରଣାଳୀରେ ଓ ବ୍ୟବସାୟିକ ଭିତିରେ ଏହାର କୃଷି, ନୂତନ



କିସମ ଉଦ୍‌ଭାବନ, ଖାଦ୍ୟ ତଥା ପାଣିର ପରିଚାଳନା ଏବଂ ଏହାର ମଞ୍ଜି, ଫୁଲ ଓ ଫଳର ଔଷଧୀୟ ଓ ଶିଳ୍ପ ଭିତ୍ତିକ ଗୁଣ ସମ୍ପର୍କରେ ଖୁବ୍ କମ୍ ଗବେଷଣା କରାଯାଇଛି । ଏହାକୁ ଆଖିରେ ରଖି ପଦ୍ମ ଉପରେ ଗବେଷଣା କରିବା ନିତାନ୍ତ ଜରୁରୀ ବୋଲି ପ୍ରଫେସର ରାଉତ କହିଛନ୍ତି । ପ୍ରଫେସର ରାଉତ ପଦ୍ମର ଭିନ୍ନ ଭିନ୍ନ ଅଂଶର ମାନ ନିର୍ଦ୍ଧାରଣ କରି ଏହାକୁ ନେଇ କିପରି ଏକ ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ ସେ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି ପଦ୍ମ ଜିନ ବ୍ୟାଙ୍କରେ ଓଡ଼ିଶାର ୨୪ ପ୍ରକାରର ନିଜସ୍ୱ ଜିନୋଟାଇପ୍ ସହ ଅନ୍ୟ ରାଜ୍ୟ ତଥା ଦେଶ ବିଦେଶର କିସମ ଉପରେ ଗବେଷଣା କରାଯିବ । ଓଡ଼ିଶା ମାଟି ଓ ପବନ ପାଇଁ ଅଧିକ କିସମ ତଥା ରୋଗ, ପୋକ ପ୍ରତିରୋଧକ କିସମ ଚିହ୍ନଟ ଏବଂ ତା'ର ଶଙ୍କରୀକରଣ କରି ନୂତନ କିସମ ଉଦ୍‌ଭାବନ କରାଯିବ । ଏହି କିସମ ମାନଙ୍କର ଚାଷ ନିମନ୍ତେ ଖାଦ୍ୟ, ସାର, ପାଣିର ସୁପରିଚାଳନା, ରୋଗ ନିୟନ୍ତ୍ରଣ, ଅମଳ ପରବର୍ତ୍ତୀ ଯତ୍ନ ଏବଂ ପଦ୍ମର ଅଂଶ ବିଶେଷ ସବୁର ଗୁଣାତ୍ମକ ମାନ ଉପରେ ଗବେଷଣା କରାଯିବା ସହ ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡ କିପରି ପଦ୍ମ ଚାଷ ଦ୍ୱାରା ସୁଦୃଢ଼ ହୋଇପାରିବ ସେ ବିଷୟରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ । ଏହି ଲକ୍ଷ୍ୟ ନେଇ ସୋଆର ପଦ୍ମ ଜିନ୍ ବ୍ୟାଙ୍କ ଆଗକୁ କାର୍ଯ୍ୟ କରିବ ବୋଲି ପୁଷ୍ପ ଓ ଭୂପୃଷ୍ଠ ଦୃଶ୍ୟ ଉଦ୍ୟାନ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ଶଶୀକଳା ବେଉରା ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଡକ୍ଟର ବେଉରାଙ୍କ ବ୍ୟତୀତ ପ୍ରଫେସର ଫାର୍ମ ଡକ୍ଟର ମଧୁସୂଦନ ବେହେରା, ସହଯୋଗୀ ପ୍ରଫେସର ଡକ୍ଟର ଶୈଳନ୍ଦ୍ରୀ କୁମାରୀ ପାତ୍ର, ସହକାରୀ ପ୍ରଫେସର ଡକ୍ଟର ଅଭିନାଶ ପଟ୍ଟନାୟକ, ଲକ୍ଷ୍ମୀ ପ୍ରସନ୍ନା, ଡକ୍ଟର ସୁବ୍ରତ କୁମାର ସେନାପତି, ସୁକିର୍ତୀ ମହାନ୍ତି, ଡକ୍ଟର ରୁଚିତା ପଣ୍ଡା ଓ ରିସର୍ଚ୍ଚ ଆସିଷ୍ଟାଣ୍ଟ ଶୁଭେନ୍ଦୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶାର ବିକାଶ ନିମନ୍ତେ ହରେକୃଷ୍ଣ ମହତାବଙ୍କ ଅବଦାନ ଚୀର ସ୍ମରଣୀୟ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ମହାନ୍ ସଂଗ୍ରମୀ, ପ୍ରତିଷ୍ଠିତ ରାଜନେତା, ଐତିହାସିକ, ନବ ଉତ୍କଳର ନବ ନିର୍ମାତା, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରଜାତନ୍ତ୍ର ପ୍ରଚାର ସମିତିର ପ୍ରତିଷ୍ଠାତା ଉତ୍କଳ କେଶରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଚୌଦ୍ୱାର ପ୍ରେସ୍ କ୍ଲବ୍ ଆନୁକୁଲ୍ୟରେ କ୍ଲବ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ତଥା ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଡ. ମହତାବଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରି ଓଡ଼ିଶାର ସର୍ବାଙ୍ଗୀନ ବିକାଶରେ ମହତାବଙ୍କ ମହତ୍ ଅବଦାନ ତାଙ୍କୁ ଚୀର ସ୍ମରଣୀୟ କରି ରଖିବ ବୋଲି ମତବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସାମ୍ବାଦିକ ତଥା ହିନ୍ଦ୍ ସେବକ ସଂଘର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ବରିଷ୍ଠ ଉପଦେଷ୍ଟା ଅଧାପକ ସୌରେନ୍ଦ୍ର ପଣ୍ଡା, ଶିକ୍ଷାବିତ୍ ଶିବ ପ୍ରସାଦ ପତି, ସାମ୍ବାଦିକ ଆଶୁତୋଷ ଦାସ, ପ୍ରକାଶ କୁମାର ନାୟକ, ଅଜିତ୍ କୁମାର ସ୍ୱାଇଁ, ବିଶ୍ୱଜିତ୍ ଭଞ୍ଜ, ସୁଧାକର ସାମନ୍ତରାୟ, ବିମଳ କୁମାର ବେଉରା, ବିଭୂପ୍ରସାଦ ମହାନ୍ତି, ଭାସ୍କର ଚନ୍ଦ୍ର ପ୍ରଧାନ, ସେକ୍ ଗୁଲଫାମ୍, ସେକ୍ ମୁଜାମେଲ, ସାଗର ସାହୁ ପ୍ରମୁଖ ଡ. ମହତାବଙ୍କ ଜୀବନୀ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶିଶୁ ସଦନରେ ଆୟୋଜିତ ଜୟନ୍ତୀ କାର୍ଯ୍ୟକ୍ରମରେ ଶିଶୁ ସଦନର ମୁଖ୍ୟ ଦାମୋଦର ସାହୁ ରାଷ୍ଟ୍ର ଗଠନ ଓ ସାହିତ୍ୟ, ସଂସ୍କୃତି, ସାମାଜିକ ଜୀବନଧାରା, ଇତିହାସ, ସାମାଜିକ ଆଦି କ୍ଷେତ୍ରରେ ଉତ୍କଳ କେଶରୀଙ୍କ ଅବଦାନ ଓ କୃତି ସମ୍ପର୍କରେ ଶିଶୁ ସଦନ ଅନ୍ତେବାସୀ ମାନଙ୍କ ଅବଗତ କରାଇ ତାଙ୍କ ପଦାଙ୍କ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପିଲାମାନଙ୍କ ଦ୍ୱାରା ସମୁହ ବେଦ ଆବୃତ୍ତି, ଗୀତାପାଠ, ସର୍ବଧର୍ମ ପ୍ରାର୍ଥନା, ଭଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଶିଶୁମାନଙ୍କ ବୈଜ୍ଞାନିକ ଭାବନାର ବିକାଶ ପାଇଁ ଗୁରୁତ୍ୱାରୋପ





**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନୀକ ପ୍ରଦର୍ଶନୀ ଓ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା କନ୍ଦାଗାଡ଼ ଉଚ୍ଚ ବିଦ୍ୟାଳୟ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷାଧିକାରୀ ଗଣେଶ କିଷାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ମାନଙ୍କ ବୈଜ୍ଞାନିକ ଭାବନାର ବିକାଶରେ ଶିଶୁ ବୈଜ୍ଞାନୀକ ପ୍ରଦର୍ଶନୀ ଓ ବିଜ୍ଞାନ କୁଇଜ୍ ପ୍ରତିଯୋଗିତାର ଭୂମିକାକୁ ପ୍ରସଂଶା କରିଥିଲେ । ପଞ୍ଚାୟତ ମହାବିଦ୍ୟାଳୟ ବରଗଡ଼ର ପ୍ରଫେସର ଶାନ୍ତନୁ ସୁନା, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରାଜକିଶୋର ପଧାନ, ପୂର୍ବତନ ସଭାପତି ବାସୁଦେବ ନାଏକ, ଅତିରିକ୍ତ ଶିକ୍ଷାଧିକାରୀ ଜଗତ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପାଣ୍ଡେ, ବାଙ୍କୀପାଲି ସିଆରସିସି ସୁନୀଲ ସେଟ, ସ୍ଥାନୀୟ ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଫିତା କାଟି ଉଦ୍‌ଘାଟନ କରିବା ସହ ନିଜ ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଡୁଙ୍ଗୁରିପାଲି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ବୈଶାଖୁ ପଧାନ, ନରେନ୍ଦ୍ର ସାହୁ, ଚତୁର୍ଭୁଜ ସାହୁଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ବ୍ଲକ ଶିକ୍ଷାଧିକାରୀ ଗଣେଶ କିଷାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଉପାଧକ୍ଷ ମକରଧ୍ୱଜ ସାହୁ ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପାଣ୍ଡେ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରାଜକିଶୋର ପଧାନ, ପୂର୍ବତନ ସଭାପତି ବାସୁଦେବ ନାଏକ, ଅତିରିକ୍ତ ଶିକ୍ଷାଧିକାରୀ ଗଞ୍ଜଲୁ ମିର୍ଧା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆସନ୍ତା ୨୭ ନଭେମ୍ବରରେ ମହାରାଜା ଉଚ୍ଚ ବିଦ୍ୟାଳୟ ସୋନପୁରରେ ଅନୁଷ୍ଠିତ ହେବାକୁଥିବା ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଚୟନୀତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ସହ ପୁରସ୍କୃତ କରିଥିଲେ । ବ୍ଲକର ୧୫ଟି କ୍ଲଷ୍ଟରରୁ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଏନ୍‌ସିଟିଏସ୍ ରାଜ୍ୟ ନିର୍ଦ୍ଦେଶକ ବୋର୍ଡ ସଦସ୍ୟ ପ୍ରାଣବନ୍ଧୁ ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ବୈଜ୍ଞାନିକ ମନୋବୃତ୍ତିର ବିକାଶ ପାଇଁ ତତ୍ପର ରହିବା ଉଚିତ୍ ବୋଲି ପରାମର୍ଶ ଦେଇଥିଲେ । ଶିକ୍ଷକ ସଂଜୀବ କୁମାର ସାହୁ ଓ ପଞ୍ଚାନନ ବାରିକ ସଭା ପରିଚାଳନା କରିଥିଲେ । ବିଜ୍ଞାନ ଶିକ୍ଷକ ବିଜୟ କୁମାର ପଣ୍ଡା, ରୋହିତ ଦଣ୍ଡସେନା, ସଚିଦାନନ୍ଦ ବରିହା, ମାନସ ରଞ୍ଜନ ପୂଜାରୀ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ । ବିକଶିତ ଓ ଆତ୍ମନିର୍ଭର ଭାରତ ପାଇଁ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ପରିବେଶ ଓ ଗଣିତ ପ୍ରସଙ୍ଗରେ ସ୍ଥାୟୀ କୃଷି, ଆବର୍ଜନା ବିନିଯୋଗ ଓ ପ୍ଲାଷ୍ଟିକ୍‌ର ବିକଳ୍ପ, ସବୁଜ ଶକ୍ତି, ଉନ୍ନତ ପ୍ରଯୁକ୍ତି ବିଦ୍ୟା, ସୃଜନଶୀଳ ଗଣିତ ପ୍ରତିକୃତି, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା, ଜଳ ସଂରକ୍ଷଣ ଓ ପରିଚାଳନା ପରି ସାତଟି ଉପ ପ୍ରସଙ୍ଗ ଆଧାରିତ ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ୧୨୦ଟି ପ୍ରକଳ୍ପ ଓ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ୨୧ଟି ପ୍ରକଳ୍ପ ସ୍ଥାନ ପାଇଥିଲା ।

# ପଦଯାତ୍ରା ମାଧ୍ୟମରେ ଦେଶପ୍ରେମ ଓ ଏକତାର ବାର୍ତ୍ତା ବାଣ୍ଟିଲେ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଏକତା ପଦଯାତ୍ରା ଆୟୋଜନ ହୋଇଯାଇଛି । ଯାଜପୁର ଜିଲ୍ଲାରେ ଏକତା ଏବଂ ଦେଶପ୍ରେମର ବାର୍ତ୍ତା ବାଣ୍ଟିବାକୁ ଆୟୋଜିତ ଏହି ପଦଯାତ୍ରାଟି ସୁକିନ୍ଦା ପୋଲିସ ଷ୍ଟେସନ୍ ଠାରୁ ଅତ୍ୟନ୍ତ ଉତ୍ସାହର ସହିତ ଆରମ୍ଭ ହୋଇ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ଠାରେ ଶେଷ ହୋଇଥିଲା । ଉକ୍ତ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ହସ୍ତଶିଳ୍ପ ପ୍ରଦୀପ ବଳ ସାମନ୍ତ ସମସ୍ତଙ୍କୁ ଏହି ଏକତା ଦୌଡ ପଦଯାତ୍ରାର ଶୁଭେଚ୍ଛା ଜଣାଇବା ସହ କହିଲେ ଏହି ପଦଯାତ୍ରାର ଏକତା ଦୌଡ଼ରେ ମୁଁ ଯୋଗଦେଇ ଅତ୍ୟନ୍ତ ଆନନ୍ଦିତ । ଭାରତର ସ୍ୱାଧୀନତା ଆନ୍ଦୋଳନର କର୍ଣ୍ଣଧାର ଜଣେ ପ୍ରକୃତ ଦେଶ ପ୍ରେମୀ ଓ ସ୍ୱାଧୀନତା ସଂଗ୍ରାମୀ ଭାରତର ଏକତ୍ରିକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତି ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି । ତାଙ୍କର ନେତୃତ୍ୱ ଓ ପ୍ରତିବଦ୍ଧତା ଯୋଗୁଁ ଆଜି ଅଖଣ୍ଡ ଭାରତ ଗଠନ ସମ୍ଭବ ହୋଇଛି । ସ୍ୱାଧୀନତା ସମୟରେ ୫୬୨ଟି ଗଡ଼ଜାତ



ରାଜ୍ୟକୁ ଭାରତରେ ସାମିଲ୍ କରି ଏକ ରାଷ୍ଟ୍ରରେ ପରିଣତ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସର୍ଦ୍ଦାର ପଟେଲ ଜଣେ ବିଜ୍ଞ ଓକିଲ ଥିଲେ । ପରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ଓକିଲାତି ଛାଡ଼ି ସେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ସେ ଏକ ସାଧାରଣ ଜୀବନରୁ ଉଠି ଭାରତର ଲୌହ ମାନବ ଭାବେ ପରିଚିତ ହୋଇପାରିଥିଲେ । ତାଙ୍କର ଅସାଧାରଣ ନେତୃତ୍ୱ ଦକ୍ଷତା ଓ ଜନସାଧାରଣଙ୍କୁ ସଂଗଠିତ କରିବାର କ୍ଷମତା ତାଙ୍କୁ ସର୍ଦ୍ଦାର ଉପାଧି ପ୍ରଦାନ କରିଥିଲା । ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେବା ପରେ ଏହା ସଶକ୍ତ ଓ ସମୃଦ୍ଧ ଭାରତ ଗଢିବାରେ ସର୍ଦ୍ଦାର ପଟେଲଙ୍କ ଅବଦାନ ଥିଲା ଅତୁଳନୀୟ । ତାଙ୍କର ପ୍ରୟାସ ଭାରତର ବିଖଣ୍ଡନକୁ ରୋକିଥିଲା । ସର୍ଦ୍ଦାର ପଟେଲଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଅକ୍ଟୋବର ୩୧ରୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଉଛି । ଏହି ଦିବସ ଅବସରରେ ତାଙ୍କ ଅବଦାନକୁ ମନେ ରଖି ଜାତୀୟ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାକୁ ମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏହି ଦିବସରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂସଦ ଯାଜପୁର ଡ଼ା. ରବୀନ୍ଦ୍ର ନାରାୟଣ ବେହେରା କହିଲେ ଏହି ପବିତ୍ର ଅବସରରେ ଆମେ ସମସ୍ତେ ଏକତ୍ର ହୋଇଛୁ-ଭାରତର ଲୌହ ମାନବ ରାଷ୍ଟ୍ର ଏକତାର ଶିଳ୍ପି, ସ୍ୱତନ୍ତ୍ର ଭାରତର ସଂଘଠନ ରୂପକର୍ତ୍ତା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମବାର୍ଷିକୀ ପାଳନ କରିବାକୁ । ସୁକିନ୍ଦାର ଏହି ଐତିହାସିକ ଧରିତ୍ରୀରେ ହୋଇଥିବା ଏକତା ପଦଯାତ୍ରା ଆଜି ମାତ୍ର ଏକ କାର୍ଯ୍ୟକ୍ରମ ନୁହେଁ-ଏହା ହେଉଛି ଆମ ଜାତୀୟ ଏକତାର ସନ୍ଦେଶ, ଆମ ପିଢିପିଢିର ପ୍ରେରଣା । ତାଙ୍କର ଦୃଢତା ଓ ଜାତୀୟତାର ଆଗ୍ନେୟ ଶକ୍ତିକୁ ଆଜିର ପଦଯାତ୍ରା ଆମକୁ ପୁନଃ ସ୍ମରଣ କରାଉଛି । ସୁକିନ୍ଦାର ଜନସାଧାରଣ, ଯୁବ ପିଢି, ମହିଳାମାନେ, ଛାତ୍ରଛାତ୍ରୀ-ସମସ୍ତଙ୍କର ଉତ୍ସାହିତ ଅଂଶଗ୍ରହଣ ଆମକୁ ଆଶା ଦେଉଛି ଯେ ଆମ ଜିଲ୍ଲାର ପ୍ରତ୍ୟେକ ମଣିଷ ଏକତା, ଶାନ୍ତି, ଭାଇଚାରା ଓ ଦେଶଭକ୍ତିର ପଥରେ ସଦା ଅଗ୍ରସର ରହିବେ । ଭାରତ ଏବେ ଏକ ଦ୍ରୁତଗତିଶୀଳ ଉନ୍ନତ ଜାତି ଭାବେ ଦୁନିଆରେ ସ୍ଥାନ ନେଉଛି । କିନ୍ତୁ ଏହି ଉନ୍ନତିର ଭିତ୍ତି ମଜ୍‌ବୁତ ହେବା ପାଇଁ ଆପଣ-ଆମେ ମିଶି ସମାଜରେ ଏକତା, ସହିଷ୍ଣୁତା, ପରସ୍ପର ସମ୍ମାନକୁ ଶକ୍ତିଶାଳୀ କରିବା ଆବଶ୍ୟକ । ଉକ୍ତ ଦିବସରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ କହିଲେ ଏହି ଅବସର ଆମ ସମସ୍ତଙ୍କ ପାଇଁ ଅସାଧାରଣ ଗର୍ବ ଓ ପ୍ରେରଣାର ଦିନ । ସୁକିନ୍ଦାର ପବିତ୍ର ମାଟିରେ ଆୟୋଜିତ ଏକତା ପଦଯାତ୍ରା ମାଧ୍ୟମରେ ଆମେ ଭାରତର ଲୌହ ମାନବ-ସ୍ୱାଧୀନ ଭାରତର ଏକତାର ଶିଳ୍ପୀ-ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀକୁ ଶ୍ରଦ୍ଧାଞ୍ଜଳି ଜଣାଉଛୁ । ସର୍ଦ୍ଦାର ପଟେଲ କେବଳ ଏକ ନେତା ନଥିଲେ, ସେ ଥିଲେ ଭାରତୀୟ ଏକତାର ସଜିବ ପ୍ରତୀକ । ୫୬୨ଟି ଦେଶୀ ରାଜ୍ୟକୁ ଏକ ସୂତ୍ରରେ ବାନ୍ଧି ଭାରତକୁ ଏକ ଦୃଢ଼ ଜାତିରେ ପରିଣତ କରିବା ଯେପରି ସମ୍ଭବ ହୋଇଥିଲା-ସେ ତାଙ୍କର ଅଦମ୍ୟ ସାହସ, ଦୃଢ଼ ଇଚ୍ଛାଶକ୍ତି ଏବଂ ରାଷ୍ଟ୍ରପ୍ରେମର ଫଳ । ଏହି ପଦଯାତ୍ରା ତାଙ୍କ ତ୍ୟାଗ ଏବଂ ଆଦର୍ଶକୁ ସ୍ମରଣ କରିବାର ଏକ ପବିତ୍ର ପ୍ରୟାସ । ଭାରତ ଶକ୍ତିଶାଳୀ ଦେଶ ହେବାର ପଥ ଏକତା ଧର୍ମରେ ନିହିତ । ଏହି ଦିବସ ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ୍ ମାନ ଖୋଲାଯାଇଥିଲା । ଏହି ଏକତା ଦୌଡ ପଦଯାତ୍ରା ଦିବସ ଅବସରରେ ବି.ଜେ.ପି ସଭାପତି ଦେବଜାନୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଅତିରିକ୍ତ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ, ବି.ଡି.ଓ ଦାନଗଦି, ବି.ଡି.ଓ ସୁକିନ୍ଦା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ସୁକିନ୍ଦା ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ, ସ୍ୱୟଂ ସହାୟିକା ଗୋଷ୍ଠୀର ମା'ମାନେ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ ।

# ଲକ୍ଷ୍ୟ ସେନ୍ ଜିତିଲେ ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଟାଇଟଲ୍



**ନୂଆଦିଲ୍ଲୀ**

ଷ୍ଟାର ଭାରତୀୟ ସଟଲର୍ ଲକ୍ଷ୍ୟ ସେନ୍ ଇତିହାସ ରଚିଛନ୍ତି। ବର୍ଷେ ପରେ ଫାଇନାଲ୍ ଜିତି ଟାଇଟଲ ମରୁଡ଼ି ଶେଷ କରିଛନ୍ତି। ଅଷ୍ଟ୍ରେଲିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟାଇଟଲ ଜିତିଛନ୍ତି ଲକ୍ଷ୍ୟ ସେନ୍। ଅଷ୍ଟ୍ରେଲିଆ ସିଡ୍‌ନୀରେ ଟାଇଟଲ ଲଢେଇରେ ମୁହାଁମୁହିଁ ହୋଇଥିଲେ ଲକ୍ଷ୍ୟ ଏବଂ ୟୁଶି। ଜାପାନର ୟୁଶି ଟାନାକାଙ୍କୁ ୨୧-୧୫, ୨୧-୧୧ ସେଟ୍‌ରେ ହରାଇ ଅଷ୍ଟ୍ରେଲିଆ ଓପନ୍ ଟାଇଟଲ ଜିତିଛନ୍ତି ଲକ୍ଷ୍ୟ। ୩୮ ମିନିଟ ସମୟ ନେଇ ବାଜି ମାରିନେଲେ ଲକ୍ଷ୍ୟ ସେନ୍ ଏହି ସଫଳତା ହାସଲ କରିବାରେ ସେ ଦ୍ୱିତୀୟ ଭାରତୀୟ ବ୍ୟାଡ୍‌ମିଣ୍ଟନ ପ୍ଲେୟାର ହୋଇଛନ୍ତି।

ଭାରତର ଲକ୍ଷ୍ୟ ସେନ୍ ଅଷ୍ଟ୍ରେଲିଆ ଓପନ୍ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ପୁରୁଷ ଏକକ ଫାଇନାଲରେ ଜାପାନର ୟୁଶୀଙ୍କୁ ହରାଇଛନ୍ତି। ବର୍ଷର ପ୍ରଥମ ଟାଇଟଲ ଜିତି ଟ୍ରଫି ମରୁଡ଼ିର ଶେଷ କରିଛନ୍ତି। ଟାଇଟଲ ସହ ଲକ୍ଷ୍ୟଙ୍କୁ ୪୭୫,୦୦୦ ଡଲାର ପୁରସ୍କାର ରାଶି ମିଳିଛି। ଯାହା ପ୍ରାୟ ୪.୨୫ କୋଟି ଟଙ୍କା ହେବ। ପ୍ୟାରିସ୍ ଅଲମ୍ପିକ୍ସରେ ଚତୁର୍ଥ ସ୍ଥାନରେ ରହିବା ପରେ ଖରାପ ସ୍ଥିତିରେ ଥିଲେ ୨୪ ବର୍ଷୀୟ ଲକ୍ଷ୍ୟ ସେନ୍। ଅଷ୍ଟ୍ରେଲିଆ ଓପନ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ୨୬ ବର୍ଷୀୟ ୟୁଶି ଟାନାକାଙ୍କୁ ୩୮ ମିନିଟ୍‌ରେ ପରାସ୍ତ କରିଛନ୍ତି।

ବିଶ୍ୱ ଚାମ୍ପିଅନସିପ୍‌ର ୨୦୨୧ରେ କାଂସ୍ୟ ପଦକ ବିଜେତା ଲକ୍ଷ୍ୟ ଏହା ପୂର୍ବରୁ ୨୦୨୪ରେ ଲକ୍ଷ୍ନୌରେ ସଇଦ ମୋଦି ଇଣ୍ଟରନ୍ୟାସନାଲରେ ସୁପର ୩୦୦ ଟ୍ରଫି ଜିତିଥିଲେ। ସେହିବର୍ଷ ଡିସେମ୍ବରରେ ହଂକଂରେ ସୁପର ୫୦୦ରେ ଉପବିଜେତା ହୋଇଥିଲେ। ଚଳିତବର୍ଷ ଅର୍ଲିଅନ୍ସ ମାଷ୍ଟର୍ସ ସୁପର ୩୦୦ ଟାଇଟଲ ଜିତିଥିବା ବିଶ୍ୱର ୨୬ ନମ୍ବର ଖେଳାଳି ଟାନାକାଙ୍କ ସାମ୍ନା କରି ଲକ୍ଷ୍ୟ ଗେମ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ଗୋଟିଏ ବି ଗେମ୍ ନ ହାରି ବିଜୟୀ ହୋଇଛନ୍ତି। ଏହି ବିଜୟ ସହ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିଅନ ଲକ୍ଷ୍ୟ ୟୁଏସ ଓପନ୍ ସୁପର ୩୦୦ ଟୁର୍ଣ୍ଣାମେଣ୍ଟ ଜିତିଥିବା ଆୟୁଷ ଶେଟ୍ଟୀଙ୍କ ପରେ ବିଡବ୍ଲୁଏଫ ୱାର୍ଲ୍ଡ ଟୁର୍ ଟାଇଟଲ ଜିତିବାରେ ଦ୍ୱିତୀୟ ଭାରତୀୟ ହୋଇଛନ୍ତି।

# ଦିନିକିଆ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା : କେଏଲ ରାହୁଲ ଅଧିନାୟକ



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଦଳ ବର୍ତ୍ତମାନ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ଟେଷ୍ଟ ସିରିଜ୍ ଖେଳୁଛି। ଏହା ପରେ ଦୁଇ ଦଳ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଏହି ସିରିଜ୍ ପାଇଁ ଭାରତୀୟ ଦଳ ଏବେ ଘୋଷଣା କରାଯାଇଛି। କେଏଲ ରାହୁଲଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଛି। ଦଳରେ ଯୁବ ଏବଂ ଅଭିଜ୍ଞ ଖେଳାଳିଙ୍କ ମିଶ୍ରଣ ରହିଛି। ଦୀର୍ଘ ଦିନ ପରେ ଷ୍ଟାର ଅଲରାଉଣ୍ଡର ରବିନ୍ଦ୍ର ଜାଡ଼େଜା ଦଳକୁ ଫେରିଛନ୍ତି।

ଭାରତର ନିୟମିତ ଦିନିକିଆ ଅଧିନାୟକ ଶୁଭମନ ଗିଲ୍ ଆଘାତ ଯୋଗୁଁ ଏହି ସିରିଜ୍‌ରେ ଖେଳୁନାହାନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ତାଙ୍କର ବେକରେ ଆଘାତ ଲାଗିଥିଲା। ପରେ ସେ ରିଟାୟାର୍ଡ ହର୍ଟ ହୋଇ ପାଭିଲିୟନ ଫେରିଯାଇଥିଲେ। ପରେ ସମାନ କାରଣରୁ ସେ ଦ୍ୱିତୀୟ ଟେଷ୍ଟରୁ ବଞ୍ଚିତ ହୋଇଥିଲେ। ତାଙ୍କ ସ୍ଥାନରେ କେଏଲ ରାହୁଲ ଏବେ ଅଧିନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାହୁଲ ପୂର୍ବରୁ ଦିନିକିଆରେ ଦଳ ପାଇଁ ଏହି ଭୂମିକାରେ କାର୍ଯ୍ୟ କରିଛନ୍ତି। ସେ ୧୨ଟି ଦିନିକିଆରେ ଦଳର ଅଧିନାୟକତ୍ୱ କରିଛନ୍ତି, ୮ଟିରେ ବିଜୟୀ ହୋଇଥିବା ବେଳେ ୪ଟିରେ ପରାସ୍ତ ହୋଇଛନ୍ତି।

ଶ୍ରେୟସ ଆୟରଙ୍କୁ ମଧ୍ୟ ଭାରତୀୟ ଦଳରେ ସାମିଲ କରାଯାଇ ନାହିଁ। ସେ ବର୍ତ୍ତମାନ ଆଘାତରୁ ସୁସ୍ଥ ହେଉଛନ୍ତି। ତାଙ୍କ ସ୍ଥାନରେ ତିଳକ ବର୍ମାଙ୍କୁ ପ୍ଲେଇଂ ଇଲେଭେନରେ ସାମିଲ କରାଯାଇପାରେ। ଷ୍ଟାର ଫାଷ୍ଟ ବୋଲର ଜସପ୍ରିତ ବୁମ୍‌ରାଙ୍କୁ ଦିନିକିଆରୁ ବିଶ୍ରାମ ଦିଆଯାଇଛି। ଆସନ୍ତା ବର୍ଷ ହେବାକୁ ଥିବା ଟି-୨୦ ବିଶ୍ୱକପକୁ ଆଖି ଆଗରେ ରଖି ବୁମ୍‌ରା ବର୍ତ୍ତମାନ ଟି-୨୦ କ୍ରିକେଟ ଉପରେ ଧ୍ୟାନ ଦେଉଛନ୍ତି। ଏହି ସମୟରେ ଭାରତ ଏହି ଦଳ ପାଇଁ ଭଲ ଫର୍ମରେ ଥିବା ଋତୁରାଜ ଗାୟକ୍ୱାଡଙ୍କୁ ଦଳରେ ସାମିଲ କରିଛି।

ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଦିନିକିଆ ଡିସେମ୍ବର ୩୦ରେ ରାଞ୍ଚିରେ ଖେଳାଯିବ। ଦ୍ୱିତୀୟ ଦିନିକିଆ ଡିସେମ୍ବର ୩ ରେ ରାୟପୁରରେ ଖେଳାଯିବ। ସିରିଜର ଅନ୍ତିମ ଏବଂ ତୃତୀୟ ଦିନିକିଆ ଡିସେମ୍ବର ୬ରେ ବିଶାଖାପାଟଣାରେ ଖେଳାଯିବ। ରୋହିତ ଶର୍ମା, ଯଶସ୍ୱୀ ଜୈସ୍ୱାଲ, ବିରାଟ କୋହଲି, ତିଳକ ବର୍ମା, କେ.ଏଲ୍ ରାହୁଲ (ଅଧିନାୟକ) (ୱିକେଟ୍ ରକ୍ଷକ), ଋଷଭ ପନ୍ତ (ୱିକେଟ୍ କିପର), ୱାଶିଂଟନ୍ ସୁନ୍ଦର, ରବିନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ, ହର୍ଷିତ ରାଣା, ଋତୁରାଜ ଗାଏକ୍ୱାଡ୍, ଅର୍ଶଦୀପ ସିଂହ, ଧ୍ରୁବ୍ ଜୁରେଲ।

# ଭାରତକୁ ପ୍ରଥମଥର ବିଶ୍ୱ ଚାମ୍ପିଅନ କରାଇଲେ ଓଡ଼ିଆ ଝିଅ



**ନୂଆଦିଲ୍ଲୀ**

ଭାରତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଟିମ୍ ଇତିହାସ ରଚି ପ୍ରଥମ ଥର ପାଇଁ ଆୟୋଜିତ ମହିଳା ଟି-୨୦ ବିଶ୍ୱକପ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। କଲମ୍ବୋରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ଦଳ ନେପାଳକୁ ୭ ୱିକେଟ୍‌ରେ ପରାସ୍ତ କରିଛି।


ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ନେପାଳକୁ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୧୧୪ ରନ୍‌ରେ ସୀମିତ ରଖିଥିଲା। ଜବାବରେ ଭାରତୀୟ ବ୍ୟାଟରମାନେ ଦମ୍‌ଦାର ପ୍ରଦର୍ଶନ କରି ୧୨.୧ ଓଭରରେ ମାତ୍ର ୩ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ (୧୧୫ ରନ୍) ହାସଲ କରିନେଇଥିଲେ।

ଭାରତର ଓପନର୍ ତଥା ଓଡ଼ିଆ ଝିଅ ଫୁଲା ସାରେନ୍ ୨୭ଟି ବଲ୍‌ରୁ ଦ୍ରୁତ ୪୪ ରନ୍ ସଂଗ୍ରହ କରିଥିଲେ। ତାଙ୍କର ଏହି ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ତାଙ୍କୁ 'ପ୍ଲେୟାର୍ ଅଫ୍ ଦି ମ୍ୟାଚ୍' ପୁରସ୍କାରରେ ସମ୍ମାନିତ କରାଯାଇଛି।

ଭାରତୀୟ ଦଳ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହିଥିଲା, ଯାହାକି କ୍ରିକେଟର ତିନୋଟି ଯାକ ବିଭାଗ – ବ୍ୟାଟିଂ, ବୋଲିଂ ଏବଂ ଫିଲ୍ଡିଂରେ ଦଳର ସର୍ବଶ୍ରେଷ୍ଠତାକୁ ପ୍ରମାଣିତ କରିଛି।

# ଦ୍ୱିତୀୟ ଦିନରେ ଚମକିଲେ ମାଥୁସେମି ଓ ଜନସେନ

## ଦକ୍ଷିଣ ଆଫ୍ରିକାର ୪୮୯ ରନ୍ ପରେ ଭାରତ ୯/୦



**ଗୌହାଟୀ**

ଏଠାକାର ବରସାପରା ଷ୍ଟାଡିୟମରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ମଜବୁତ ସ୍ଥିତିରେ ରହିଛି। ଦ୍ୱିତୀୟ ଦିନରେ ଭ୍ରମଣକାରୀ ଦଳ ପ୍ରଥମ ଇନିଂସରେ ୪୮୯ ରନ କରିଛି। ଏହା ପରେ ଷ୍ଟମ୍ପ ଅପସାରଣ ସୁଦ୍ଧା ଭାରତ ବିନା ୱିକେଟରେ ୯ ରନ କରିଛି। ଦଳ ଦକ୍ଷିଣ ଆଫ୍ରିକାଠୁ ୪୮୦ ରନ ପଛରେ ରହିଛି। ଯଶସ୍ୱୀ ଜୟସ୍ୱାଲ ୭ ରନ ଓ କେଏଲ ରାହୁଲ ୨ ରନ କରି ଅପରାଜିତ ଅଛନ୍ତି। ଦୁହେଁ ବେଶ୍ ସତର୍କତାର ସହ ବ୍ୟାଟିଂ କରି କୌଣସି ୱିକେଟ୍ ହରାଇବାକୁ ଦେଇ ନାହାନ୍ତି। ଦ୍ୱିତୀୟ ଦିନରେ ଦକ୍ଷିଣ ଆଫ୍ରିକା ୨୪୩ ରନ କରିଛି। ଦ୍ୱିତୀୟ ଦିନ ଖେଳରେ ମୁଥୁସାମି ଓ ମାର୍କୋ ଜନସେନ ଚମକିଛନ୍ତି।

ପ୍ରଥମ ଦିନର ଅସମାପ୍ତ ଖେଳ ୨୪୭/୬ରୁ ବ୍ୟାଟିଂ ଆରମ୍ଭ କରିଥିଲା ଦକ୍ଷିଣ ଆଫ୍ରିକା। କ୍ରିଜ୍‌ରେ ଥିଲେ ମୁଥୁସାମି ଓ କାଇଲ ଭେରେନା। ଉଭୟ ଦ୍ୱିତୀୟ ଦିନର ପ୍ରଥମ ସେସନରେ ଭାରତୀୟ ବୋଲରଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ଦୁଇ ବ୍ୟାଟର ସପ୍ତମ ୱିକେଟ୍ ପାଇଁ ୮୮ ରନ ଯୋଡ଼ି ଦଳର ସ୍କୋରକୁ ୩୩୪ ରନରେ ପହଞ୍ଚାଇଥିଲେ। ଭେରେନ ୪୫ ରନର ଉପଯୋଗୀ ଇନିଂସ ଖେଳିଥିଲେ।

ଅନ୍ୟପଟେ ମୁଥୁସାମି କ୍ରିଜ୍‌ରେ ଜମି ଦମଦାର ଶତକ ହାସଲ କରିଥିଲେ। ସେ ଓ ମାର୍କୋ ଜନସେନ ଭାରତୀୟ ବୋଲରଙ୍କ ନୟାନ୍ତ କରିଥିଲେ। ଦୁହେଁ ଅଷ୍ଟମ ୱିକେଟ୍ ପାଇଁ ୯୭ ଯୋଡ଼ିଥିଲେ। ସେନୁରନ ମୁଥୁସାମି ୧୦ ଚୌକା ଓ ୨ ଛକା ସହ ୧୦୯ ରନର ଖେଳି ପାଭିଲିୟନ ଫେରିଥିଲେ। ଜନସେନ ଦ୍ରୁତ ବ୍ୟାଟିଂ କରି ୯୧ ବଲରୁ ୬ ଚୌକା ଓ ୭ ଛକା ସହ ୯୩ ରନର ଇନିଂସ ଖେଳିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ୪୮୯ ରନରେ ପହଞ୍ଚି ପାରିଛି।

ଅନ୍ୟ ଦିଗରେ ଭାରତର ବୋଲିଂ ବିଭାଗ ମ୍ୟାଚ୍‌ରେ ସେତେଟା ପ୍ରଭାବଶାଳୀ ନଥିଲା। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ରବୀନ୍ଦ୍ର ଜାଡ଼େଜା ଦୁଇଟି ୱିକେଟ୍ ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜ ଦୁଇଟି ୱିକେଟ୍ ନେଇଛନ୍ତି। ପ୍ରଥମ ମ୍ୟାଚରେ ଶୋଚନୀୟ ପରାସ୍ତ ହେବା ପରେ ଦ୍ୱିତୀୟ ଟେଷ୍ଟ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ। ଦଳକୁ ମୁକାବିଲା ଯେମିତି ହେଲେ ଜିତିବାକୁ ପଡ଼ିବ। ମ୍ୟାଚ୍ ଡ୍ର ହେଲେ କିମ୍ବା ଦକ୍ଷିଣ ଆଫ୍ରିକା ଜିତିଲେ ଟିମ୍ ଇଣ୍ଡିଆ ସିରିଜ୍ ମଧ୍ୟ ହାତଛଡ଼ା କରିବ।

# ଯୋଡ଼ା ରନ୍-ଏ-ଥନ୍‌ର ଦ୍ୱିତୀୟ ସଂସ୍କରଣରେ ଦୌଡ଼ିଲେ ୪,୬୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ

- **୧୦କିମି ପୁରୁଷ ଓ ମହିଳା ବର୍ଗରେ ଯଥାକ୍ରମେ ବିଜୟୀ ହେଲେ ଉତ୍ତର ପ୍ରଦେଶର ପ୍ରଶାନ୍ତ ଚୌଧୁରୀ ଓ ଝାଡ଼ଖଣ୍ଡର ବାସନ୍ତୀ କୁମାରୀ।**
- **ମୋଟ ୫.୬୭ ଲକ୍ଷ ଟଙ୍କାର ଦିଆଗଲା ପୁରସ୍କାର ରାଶି।**
- **ସ୍ୱତନ୍ତ୍ର ଦୌଡ଼ରେ ସାମିଲ୍ ହେଲେ ୮୪ ଦିବ୍ୟାଙ୍ଗ।**




**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

ଟାଟା ଷ୍ଟିଲ ପକ୍ଷରୁ ଯୋଡ଼ା ରନ୍-ଏ-ଥନ୍‌ର ଦ୍ୱିତୀୟ ସଂସ୍କରଣ ମହାଆଡ଼ମ୍ବରରେ ଆୟୋଜିତ ହୋଇଯାଇଛି। 'ସବୁଜ ଆଜି, ସବୁଜତମ କାଲି' ବିଷୟବସ୍ତୁ ସହ ପ୍ରକୃତି ସଂରକ୍ଷଣ ତଥା ଫିଟ୍‌ନେସ୍‌କୁ ପ୍ରୋତ୍ସାହନ ଦେବା ପାଇଁ ସ୍ଥାନୀୟ କେନ୍ଦ୍ରୀୟ ଖେଳପଡ଼ିଆ ଠାରେ ରବିବାର ଆୟୋଜିତ ଏହି ଗଣଦୌଡ଼ରେ ଭାଗ ନେଇଥିଲେ ପ୍ରାୟ ୪,୬୦୦ରୁ ଊର୍ଦ୍ଧ୍ୱ ଧାବକଧାବିକା। ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଜଗଦୀଶ କୁମାର ସାହୁ, କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଡି.ଡି. ହନୁମନ୍ତ, ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳ, ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଯୋଡ଼ା ଥାନା ଆଇଆଇସି ପ୍ରଶାନ୍ତ କୁମାର ସାମଲ, ଟାଟା ଷ୍ଟିଲ ଓଏମକ୍ୟୁ ଡିଭିଜନର ମହାପ୍ରବନ୍ଧକ ଅତୁଲ କୁମାର ଭଟ୍ଟନାଗର ଓ ସୁରଭି ଭଟ୍ଟନାଗର ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଏହି ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଧାବକଧାବିକା ମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ରୀୟ ଖେଳପଡ଼ିଆଠାରେ ଶତାଧିକ ଜନସଂଖ୍ୟା ଏକତ୍ରିତ ହୋଇଥିଲେ। ୧୦ କିମି ପୁରୁଷ ଓ ମହିଳା ବର୍ଗରେ ଉତ୍ତର ପ୍ରଦେଶର ପ୍ରଶାନ୍ତ ଚୌଧୁରୀ ଓ ଝାଡ଼ଖଣ୍ଡର ବାସନ୍ତୀ କୁମାରୀ ଯଥାକ୍ରମେ ବିଜୟୀ ହୋଇଥିବା ବେଳେ ଉତ୍ତର ପ୍ରଦେଶର ଧୀରଜ କୁମାର ଓ ଓଡ଼ିଶାର ବାସନ୍ତୀ ମାଣ୍ଡିଆ ୭କିମି ପୁରୁଷ ଓ ମହିଳା ବର୍ଗରେ ଯଥାକ୍ରମେ ବିଜୟୀ ହୋଇଛନ୍ତି। ସେହିପରି ୫କିମି ବାଳକ ଓ ବାଳିକା ବର୍ଗରେ ଯଥାକ୍ରମେ ଝାଡ଼ଖଣ୍ଡର ଉଦୟ ମେଲଗାଣ୍ଡୀ ଓ ଓଡ଼ିଶାର ମମତା କୁମାରୀ ବିଜୟୀ ହୋଇଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଜଗଦୀଶ କୁମାର ସାହୁ କହିଛନ୍ତି ଯେ, 'ଏହି ରନ୍-ଏ-ଥନ୍ ଆୟୋଜନ କରିଥିବାରୁ ଯୋଡ଼ା ପୌରପାଳିକା ତରଫରୁ ମୁଁ ଟାଟା ଷ୍ଟିଲକୁ ଧନ୍ୟବାଦ ଦେଉଛି। ଏପରି କାର୍ଯ୍ୟକ୍ରମ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହନ ଦେବା ସହ ଲୋକମାନଙ୍କୁ ଏକ ସୂତ୍ରରେ ବାନ୍ଧିବାକୁ ମଧ୍ୟ ସକ୍ଷମ ହୋଇଛି। କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଡି.ଡି. ହନୁମନ୍ତ କହିଛନ୍ତି ଯେ, 'ଏପରି କାର୍ଯ୍ୟକ୍ରମରେ ଭାଗନେଇ ମୁଁ ବହୁତ ଖୁସି। ଆମ ଜୀବନଶୈଳୀ ଏତେ ବ୍ୟସ୍ତବହୁଳ ହୋଇଯାଇଛି ଯେ ଆମକୁ ଫିଟ୍‌ନେସ୍ ପାଇଁ ସମୟ ମିଳିପାରୁନାହିଁ। ସ୍ୱାସ୍ଥ୍ୟ ଓ ଫିଟ୍‌ନେସ୍ ଉପରେ ସଚେତନତା ସୃଷ୍ଟି ପାଇଁ ଏପରି ଦୌଡ଼ କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଅବସରରେ ଟାଟା ଷ୍ଟିଲ ଓଏମକ୍ୟୁ ଡିଭିଜନର ମହାପ୍ରବନ୍ଧକ ଅତୁଲ କୁମାର ଭଟ୍ଟନାଗର କହିଛନ୍ତି ଯେ, 'ପ୍ରକୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ଆମେ ସର୍ବଦା ସଚେତନ ରହିଛୁ ଏବଂ ଏଥିପାଇଁ ସମସ୍ତଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦୌଡ଼ର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଇଥିବାରୁ ମୁଁ ସ୍ଥାନୀୟ ପ୍ରଶାସନ, ଯୋଡ଼ା ପୌରପାଳିକା ଓ ଯୋଡ଼ା-ବାସୀଙ୍କୁ ଧନ୍ୟବାଦ ଅର୍ପଣ କରୁଛି।' ମୁଖ୍ୟତଃ ତିନୋଟି ବର୍ଗରେ (୧୫ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ୧୦କିମି ଓ ୭କିମି ଏବଂ ୧୬ବର୍ଷରୁ କମ୍ ବୟସ ଲୋକଙ୍କ ପାଇଁ ୫କିମି) ଏହି ଦୌଡ଼ ଆୟୋଜନ କରାଯାଇଥିଲା। ଏଥିସହ ଦିବ୍ୟାଙ୍ଗଜନଙ୍କ ପାଇଁ ୨କିମିର ଏକ ସ୍ୱତନ୍ତ୍ର ଦୌଡ଼ର ଆୟୋଜନ ମଧ୍ୟ କରାଯାଇଥିଲା ଯେଉଁଥିରେ ଅଞ୍ଚଳର ୮୪ ଜଣ ଦିବ୍ୟାଙ୍ଗ ଭାଗ ନେଇଥିଲେ। ସମସ୍ତ ବର୍ଗ ପାଇଁ ସର୍ବମୋଟ ୫ ଲକ୍ଷ ୬୭ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ଟାଟା ଷ୍ଟିଲ ଯୋଡ଼ା ମୁଖ୍ୟ ରାଜେଶ କୁମାର ଓ ବିନିତା ସିଂହ, ଓ ଏମକ୍ୟୁ ମୁଖ୍ୟ ମେଡିକାଲ ଅଫିସର ଧୀରେନ୍ଦ୍ର କୁମାର ଓ ବୀଣା କୁମାରୀ, ନୁଆମୁଣ୍ଡି ମୁଖ୍ୟ ଡି. ବିଜୟେନ୍ଦ୍ର ଓ ଏମକ୍ୟୁ ପ୍ଲାନିଂ ଓ ପ୍ରୋଜେକ୍ଟ ମୁଖ୍ୟ ଅବନିଶ କୁମାର, କଳମଙ୍ଗ ଓ ଗନ୍ଧଲପଦ ଏବଂ ପ୍ରୋଜେକ୍ଟ ମୁଖ୍ୟ ଦୀପକ ବେହେରା, ଏନଆଇଏନଏଲ୍ ଖଣି ମୁଖ୍ୟ ରାହୁଲ କିଶୋର, ଏଫ୍.ଏ ଏମଡି ଖଣି ମୁଖ୍ୟ ଶମ୍ଭୁନାଥ ଝା, ଓଏମକ୍ୟୁ ଇଞ୍ଜିନିୟରିଂ ସର୍ଭିସେସ୍ ଓ ପ୍ରୋଜେକ୍ଟ ମୁଖ୍ୟ ନାରାୟଣ ଶର୍ମା ଏବଂ କ୍ରୀଡ଼ା ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀ ଉପସ୍ଥିତ ଥିଲେ।

# ବିବାହ କଲେ ଷ୍ଟାର ଆଥଲେଟ୍ ଅମିୟ ମଲ୍ଲିକ



**ଭୁବନେଶ୍ୱର**

ବିବାହ ବନ୍ଧନରେ ଆବଦ୍ଧ ହେଲେ ଓଡ଼ିଶାର ଷ୍ଟାର୍ ଆଥଲେଟ୍ ଅମିୟ କୁମାର ମଲ୍ଲିକ। ଶ୍ୱେତା ଅତିଲିଙ୍କ ସହ ଆରମ୍ଭ କଲେ ନୂଆ ଇନିଂସ। ମୁମ୍ବାଇରେ ହେଲା ଭାରତର ଦ୍ରୁତତମ ଧାବକଙ୍କ ଡେଷ୍ଟିନେସନ୍ ୱେଡିଂ। ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ବିବାହ ସମ୍ପନ୍ନ ହୋଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ରବିବାର ଓଡ଼ିଶାର ଷ୍ଟର ଆଥଲେଟ୍ ଅମିୟ କୁମାର ବିବାହ ଅନୁଷ୍ଠିତ ହୋଇଥିଲା। ଅମିୟଙ୍କ ସହ ଶ୍ୱେତା ଅତିଲିଙ୍କ ହାତଗଣ୍ଠି ପଡ଼ିଥିଲା। ଏହାପୂର୍ବରୁ ୨୧ ତାରିଖରେ ଉଭୟଙ୍କର ନିର୍ବନ୍ଧ ଏବଂ ହଳଦୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଉଭୟ ପରିବାରର ସଦସ୍ୟ ଏବଂ ବନ୍ଧୁବାନ୍ଧବ ଯୋଗ ଦେଇଥିଲେ।

# ୧୭ ବର୍ଷରୁ କମ୍ ଦୁଇ ଦିନିଆ ଅଭ୍ୟାସ ମ୍ୟାଚ୍



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗାଡ଼କଣ ଗ୍ରାମ ସମିତି ସଭ୍ୟ ଏବଂ ଗ୍ରୀନ୍‌ସ କ୍ରିକେଟ ଏକାଡ଼େମିର ମିଳିତ ଆନୁକୂଲ୍ୟରେ ୧୭ ବର୍ଷରୁ କମ୍ ଦୁଇ ଦିନିଆ ଅଭ୍ୟାସ ମ୍ୟାଚ୍ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଗାଡ଼କଣ ଖେଳପଡ଼ିଆରେ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ଏବଂ ଗ୍ରୀନ୍ସ କ୍ରିକେଟ୍ ଏକାଡ଼େମି ମଧ୍ୟରେ ହୋଇଥିବା ମ୍ୟାଚ୍ ଡ୍ର'ରେ ସୀମିତ ରହିଥିଲା।

ଟସ୍ ଜିତି ଗ୍ରୀନ୍ସ କ୍ରିକେଟ୍ ଏକାଡ଼େମୀ ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଦିନର ପ୍ରଥମ ଇନିଂସରେ ପ୍ରଗତି ସ୍ପୋର୍ଟିଂ କୁଲଦୀପ ଯାଦବ ୯୭ ବଲରେ ୯୨, ଆୟୁଷ ଅଭିଷେକ ୫୯ ବଲରେ ୪୩, ଯଶବନ୍ତ ପ୍ରଧାନଙ୍କ ୩୧ ବଲରେ ୪୨ ରନ୍ ସହାୟତାରେ ୧୦ ୱିକେଟରେ ୨୬୨ ରନ୍‌ରେ ସୀମିତ ରହିଥିଲା। ଗ୍ରୀନ୍ସ ଏକାଡ଼େମୀ ପକ୍ଷରୁ ଦେବୀ ପ୍ରସାଦ ରାଉତ ୩, ଜେମ୍ସ ଲିମା ୨, ଓମ୍ ପ୍ରକାଶ ବେହେରା ୨, ଓମ ପ୍ରକାଶ ସାହୁ ୧ଟି ଏବଂ ଜଗନ୍ନାଥ ବେହେରା ୧ଟି ୱିକେଟ୍ ହାସଲ କରିଥିଲେ। ଜବାବରେ ଗ୍ରୀନ୍ସର ଆକିବ ଏହେମଦ ୧୬୧ ବଲରେ ୭୩, ଦିପ୍ତାଂଶୁ ୫୩ ବଲରେ ୩୨, ସାଇଶାସ୍ୱତ ଖୁଣ୍ଟିଆ ୫୬ ବଲରେ ୩୦, ଶୁଭଙ୍କର ମଲ୍ଲିକ ୨୭ ରନ କରିଥିବା ବେଳେ ୬୪ ଓଭରରେ ୧୦ ୱିକେଟରେ ୨୧୯ କରିବାକୁ ସକ୍ଷମ ହୋଇପାରିଥିଲା। ପ୍ରଥମ ଇନିଂସରେ ୪୩ ରନ ଲିଡ୍‌ରେ ଥିବା ପ୍ରଗତି ଦଳ ଦ୍ୱିତୀୟ ଇନିଂସରେ ୩୮ ଓଭର ଅଧିନାୟକ ଅଶିମ ବରାଡ଼ ୭୫ ବଲରେ ୬୯, ନମନ ଶତପଥି ୯୪ ବଲରେ ୨୧, ଦୁଇ ୱିକେଟ୍ ହରାଇ ୧୨୪ ରନ୍ କରି ଖେଳ ଅମିମାଂସିତ ହୋଇଥିଲା। ୧୩ ଓଭରରେ ୨୪ ରନ୍ ଦେଇ ୫ ୱିକେଟ ଦଖଲ କରିଥିବା ପ୍ରଗତି ସ୍ପୋର୍ଟିଂର ଅଧିନାୟକ ଅସିମ ବରାଡ଼କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଗ୍ରୀନ୍ସର ଦେବୀ ପ୍ରସାଦ ରାଉତକୁ ବେଷ୍ଟ ବୋଲର ଏବଂ ବେଷ୍ଟ ବ୍ୟାଟର କୁଲଦୀପ ଯାଦକୁ ପୁରସ୍କୃତ କରାଯାଇଥିଲା।

ଓସିଏର ଅମ୍ପାୟାର ସନ୍ଦୀପ ମିଶ୍ର ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଗାଡ଼କଣ ଗ୍ରାମ ସମିତି ସଭାପତି ପ୍ରସନ୍ନ ପାତ୍ର ଗାଡ଼କଣ ସ୍ପୋର୍ଟ୍ସ ଆସୋସିଏସନର ସଭାପତି ସରୋଜ କୁମାର ଜେନା, ଗ୍ରୀନ୍ସ କ୍ରିକେଟ ଏକାଡ଼େମୀର ଉପସଭାପତି ଅଶୋକ ଜେନା, ଗ୍ରୀନ୍ସ ଏକାଡ଼େମୀର ମେମ୍ବର ମନୋଜ ସାହୁ, ପୂର୍ବତନ ରାଜା ଖେଳାଳି ସଞ୍ଜୟ ଶତପଥି ଏବଂ ସ୍କୋରର ଅଭିଷେକ ମହାନ୍ତି ଯୋଗଦେଇ ଖେଳାଳିମାନଙ୍କୁ ପରୁସ୍କୃତ କରିଥିଲେ।

# ହଠାତ ସ୍ଥଗିତ ରହିଲା ସ୍ମୃତି ମନ୍ଧାନା-ପଲାଶଙ୍କ ବିବାହ

**ନୂଆଦିଲ୍ଲୀ**

ସ୍ମୃତି ମନ୍ଧାନା ଏବଂ ପଲାଶ ମୁଛଲଙ୍କ ବିବାହ ସ୍ଥଗିତ ରଖାଯାଇଛି। ଭାରତୀୟ ମହିଳା ଦଳର ଉପ-ଅଧିନାୟିକାଙ୍କ ମ୍ୟାନେଜର ରବିବାର ଏହା ଘୋଷଣା କରିଛନ୍ତି। ମନ୍ଧାନାଙ୍କ ପରିଚାଳକ ତୁହିନ ମିଶ୍ର ଗଣମାଧ୍ୟମକୁ କହିଛନ୍ତି, 'ରବିବାର ସକାଳେ, ଯେତେବେଳେ ସେ (ସ୍ମୃତିଙ୍କ ବାପା) ଜଳଖିଆ କରୁଥିଲେ, ସେ ଅସୁସ୍ଥ ଅନୁଭବ କରିବାକୁ ଲାଗିଲେ। ଆମେ ତାଙ୍କ ସୁସ୍ଥ ହେବା ପାଇଁ କିଛି ସମୟ ଅପେକ୍ଷା କରିଥିଲୁ, କିନ୍ତୁ ତାଙ୍କ ଅବସ୍ଥା ଆହୁରି ଖରାପ ହୋଇଗଲା। ଆମେ କୌଣସି ସମ୍ଭାବନା ନ ନେଇ ତୁରନ୍ତ ଏକ ଆମ୍ବୁଲାନ୍ସ ଡକାଇ ତାଙ୍କୁ ହସ୍ପିଟାଲକୁ ନେଇଗଲୁ। ସେ ବର୍ତ୍ତମାନ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଅଛନ୍ତି।' ମନ୍ଧାନା ତାଙ୍କ ପିତାଙ୍କ ବହୁତ ନିକଟତର, ତେଣୁ ସେ ସୁସ୍ଥ ନହେବା ପର୍ଯ୍ୟନ୍ତ ଆଜିର ବିବାହ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ମନ୍ଧାନାଙ୍କ ପିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ତୁହିନ କହିଛନ୍ତି, 'ସେ ବର୍ତ୍ତମାନ ଅବଜରଭେସନରେ ଅଛନ୍ତି। ଡାକ୍ତର କହିଛନ୍ତି ଯେ ତାଙ୍କୁ ହସ୍ପିଟାଲରେ ରହିବାକୁ ପଡ଼ିବ। ଆମେ ସମସ୍ତେ ଚିନ୍ତାରେ ଅଛୁ। ଆମେ ସମସ୍ତେ ଚାହୁଁଛୁ ଯେ ସେ ଶୀଘ୍ର ସୁସ୍ଥ ହୁଅନ୍ତୁ।' ମନ୍ଧାନା ସ୍ପଷ୍ଟ ଭାବରେ କହିଛନ୍ତି ଯେ ସେ ପ୍ରଥମେ ତାଙ୍କ ପିତାଙ୍କୁ ସୁସ୍ଥ ହେବାର ଦେଖିବେ ଏବଂ ତା'ପରେ ବିବାହ କରିବେ। ବିବାହ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ଯେ ସମସ୍ତେ ମନ୍ଧାନାଙ୍କ ଗୋପନୀୟତାକୁ ସମ୍ମାନ କରନ୍ତୁ। ସୂଚନାଯୋଗ୍ୟ, ସ୍ମୃତି ଏବଂ ପଲାଶଙ୍କ ବିବାହ ରବିବାର ମହାରାଷ୍ଟ୍ରର ସାଙ୍ଗଲିରେ ହେବାର ଥିଲା। କିନ୍ତୁ ବିବାହ ପୂର୍ବରୁ କ୍ରିକେଟରଙ୍କ ବାପା ହଠାତ ଅସୁସ୍ଥ ହୋଇପଡ଼ିବାରୁ ବିବାହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିବାକୁ ପଡ଼ିଲା।

# ମା' ଶାରଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ : ବାଲିକୁଦା ଚାମ୍ପିଅନ



**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ସ୍ଥିତ ଲକ୍ ନିକଟ ମହାନଦୀ ପଠା ପାଳନ୍ଦା ଖେଳ ପଡ଼ିଆରେ ମା' ଶାରଳା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିକୁଦାର ମା' ଥାନପତି କ୍ରିକେଟ ଟିମ୍ ଚାମ୍ପିଅନ ବିବେଚିତ ହୋଇଛି। ଫର୍ମାଟ ଅନୁଯାୟୀ ଯେଉଁ ଟିମ୍ ୨ଟି ମ୍ୟାଚ୍ ବିଜୟ ଲାଭ କରିବ ଫାଇନାଲକୁ ଉତ୍ତୀର୍ଣ୍ଣ ହେବ। ଫାଇନାଲ ମ୍ୟାଚ୍‌ଟି ଆଳିପିଙ୍ଗଳ ତ୍ରିନାଥ କ୍ରିକେଟ ଟିମ୍ ଓ ବାଲିକୁଦାର ମା' ଥାନପତି କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଇନିଂସରେ ଆଳିପିଙ୍ଗଳ ଟସ୍ ଜିତ ୮ ଓଭରରେ ୫୧ ରନ ସଂଗ୍ରହ କରିଥିବା ବେଳେ ବାଲିକୁଦା ୮ ଓଭର ଖେଳି ବିଜୟ ଲାଭ କରିଥିଲେ। ଦ୍ୱିତୀୟ ଇନିଂସରେ ଆଳିପିଙ୍ଗଳ ତ୍ରିନାଥ କ୍ରିକେଟ ଟିମ୍ ୮ ଓଭର ଖେଳି ୯୮ ରନ ସଂଗ୍ରହ କରିଥିବାବେଳେ ବାଲିକୁଦା କ୍ରିକେଟ ଟିମ୍ ୯୨ ରନ କରି ପରାଜୟ ହୋଇଥିଲା। ତୃତୀୟ ଇନିଂସରେ ଆଳିପିଙ୍ଗଳ ତ୍ରିନାଥ କ୍ରିକେଟ ଟିମ୍ ୩ ଓଭର ଖେଳି ୨ ୱିକେଟ୍‌ରେ ୧୯ ରନ ସଂଗ୍ରହ କରିଥିବା ବେଳେ ଆଳିପିଙ୍ଗଳ ମା' ଥାନପତି କ୍ରିକେଟ ଟିମ୍ ୨ ଓଭର ଖେଳି ୨୦ ରନ ସଂଗ୍ରହ ବିଜୟ ହୋଇ ଚାମ୍ପିଅନ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଅନୁଷ୍ଠାନର ସଭାପତି ବିମଳକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମ୍ୟାଚ୍‌ରେ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ପ୍ରଫେସର ଡଃ. ରମାକାନ୍ତ ଭୋଇ, ଜିଲ୍ଲା ପରିଷଦ ରଞ୍ଜିତା ସିଂହ, ଜିଲ୍ଲା ପରିଷଦ ସୁନୀଲ ବେହେରା ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା ବିଜେଡି ବରିଷ୍ଠ ଉପସଭାପତି ଅଶ୍ୱିନୀ ଦାସ, ଯୁବ ସଂଗଠକ ତଥା ପଟିଲୋ ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ରଥ, ସାମ୍ବାଦିକ ରଞ୍ଜନ ଖୁଣ୍ଟିଆ ଯୋଗଦେଇ ଚମ୍ପିୟାନ ଟିମ୍‌କୁ ଚାମ୍ପିଅନ ଟ୍ରଫି ୫୦ ହଜାର ଅର୍ଥ ରାଶି ଓ ରନର୍ସଅପ ଟିମ୍‌କୁ ଟ୍ରଫି ଓ ୩୦ ହଜାର ଅର୍ଥ ରାଶି ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହି ମ୍ୟାଚ୍‌କୁ ଏସ.କେ ଆସିଫ ଅଲ୍ଲୀଙ୍କ ଦ୍ୱାରା ସିଧାପ୍ରସାରଣ କରାଯାଇ ଦର୍ଶକ ମାନଙ୍କୁ ଆହୁରି ଆକୃଷ୍ଟ କରୁଥିଲା। ଅମ୍ପାୟାର ଭାବେ ରଶ୍ମି ରଞ୍ଜନ ମିଶ୍ର, ସମୀର ବିଶୋଇ, ବିକ୍ରମ ରାୟ, କାର୍ତ୍ତିକ ଲେଙ୍କା, ଖେଳ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଇମିତିଆଜ ଅଲ୍ଲୀ, ପୃଥ୍ୱୀ ରଞ୍ଜନ ଖେଳର ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ମା' ଶାରଳା କ୍ରିକେଟ ଆସୋସିଏସନର ଦେବୀ ପ୍ରସାଦ ରାୟ, ବିପ୍ଲବ ରାୟ, ଅନିଲ ଭୋଳ, ବିବେକ ମହାନ୍ତି, କୁମାର ମହାପାତ୍ର, ସନ୍ତୋଷ କୁମାର ନାଥ, ଶିବୁ ମହାପାତ୍ର, ଅଜୟ ରାଉତ, ବଦ୍ରି ନାରାୟଣ ଦାସ, ଲିଟା ରାୟଙ୍କ ସମେତ ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ।

# ସାରସକଣା ବିଧାୟକଙ୍କ ସ୍କୋର୍ପିଓ ଧକ୍କାରେ ୨ଗୁରୁତର : ରାସ୍ତା ଅବରୋଧ କଲେ ଲୋକେ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସାରସକଣା ବିଧାୟକ ଭାଦବ ହାଁସଦାଙ୍କ ସ୍କୋରପିଓ ଧକ୍କାରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ବିଧାୟକ ଓ ଚାଳକ ଗାଡ଼ି ଛାଡ଼ି ଦୌଡ଼ି ପଳାଇଥିଲେ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ସ୍ଥାନୀୟ ଲୋକମାନେ ରାସ୍ତା ଅବରୋଧ କରିଛନ୍ତି। ଦୁର୍ଘଟଣାଟି ବାରିପଦା-ଉଦଳା ରାଜ୍ୟ ରାଜପଥର ଟିଟିଆ ଛକରେ ଘଟିଛି। ରବିବାର ସନ୍ଧ୍ୟା ସମୟରେ କାର୍‌ଟି ଦ୍ରୁତଗତିରେ ଆସୁଥିବା ବେଳେ ଦୁଇ ଜଣଙ୍କୁ ଧକ୍କା ଦେଇଥିଲା। ଯାହା ଫଳରେ ଦୁହିଁଙ୍କ ପ୍ରବଳ ରକ୍ତପାତ ହୋଇ ଗୁରୁତ୍ୱର ହୋଇଛନ୍ତି। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ହସ୍ପିଟାଲ ଓ ପରେ ବାରିପଦା ସ୍ଥିତ ପିଆରଏମ ହସ୍ପିଟାଲକୁ ପଠାଇଥିଲେ। ତେବେ ଦୁର୍ଘଟଣା ଘଟାଇବା ପରେ ବିଧାୟକ ଓ ଚାଳକ ଚମ୍ପଟ ମାରିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଲୋକମାନେ ଉତ୍ତ୍ୟକ୍ତ ହୋଇ ଉଦଳା-ବାରିପଦା ରାସ୍ତା ଅବରୋଧ କରିଛନ୍ତି। ଦୁଇ ଜଣଙ୍କୁ ସହାୟତା ପ୍ରଦାନ କରିବା ସହ ପୁଲିସ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଉତ୍ତେଜିତ ଲୋକଙ୍କ ସହ ପୁଲିସ ଆଲୋଚନା କରି ସମାଧାନ କରିବାକୁ ପ୍ରୟାସ କରିଛନ୍ତି।





### ସିଂହଦ୍ୱାର ସମ୍ମୁଖରେ ଭାବବିହ୍ୱଳ ଭରା ଦୃଶ୍ୟ

## ପଣତ କାନି ପତାଇ ଛୁଆର ଜୀବନ ମାଗିଲା ମାଆ



**ପୁରୀ, ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପୁଣି ଥରେ ଦେଖିବାକୁ ମିଳିଛି ଭାବବିହ୍ୱଳ ଦୃଶ୍ୟ। ପୁଅର ସୁସ୍ଥତା ପାଇଁ ମହାପ୍ରଭୁଙ୍କ ଶରଣରେ ବାପା-ମାଆ। ରବିବାର ଭୋରରୁ ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ। ଅସୁସ୍ଥ ପୁଅର ସୁସ୍ଥତା କାମନା ପାଇଁ ଦଣ୍ଡ ପ୍ରଣାମ ସହିତ ପଣତ କାନି ଦେଖାଇ ପୁଅର ଜୀବନ ଭିକ୍ଷା ମାଗୁଥିଲେ ମାଆ। ଯାଜପୁର ଜିଲ୍ଲାର ଗାୟତ୍ରୀ ବେହେରାଙ୍କ ଗୋଟିଏ ଏକ ପୁଅ। ନିମୋନିଆ ରୋଗରେ ପୀଡିତ ହୋଇ ଶିଶୁଟି ଏମ୍ସରେ ଚିକିତ୍ସିତ ହେଉଥିଲେ। ସାମାନ୍ୟ ଭଲ ହେବା ପରେ ଆଜି ଗାୟତ୍ରୀ ଗୁଣ୍ଡିଚା ମନ୍ଦିର ପାଖରୁ ଦଣ୍ଡ ପ୍ରଣାମ କରି ଶ୍ରୀମନ୍ଦିର ପର୍ଯ୍ୟନ୍ତ ଆସିଥିଲେ ବାପା-ମାଆ । ସିଂହଦ୍ୱାର ଠାରେ ପୁଅକୁ ଠାକୁରଙ୍କ ପାଖରେ ସମର୍ପି ଦେଇଥିଲେ । ନିଜ ପୁଅର ଦୀର୍ଘାୟୁ କାମନା ନେଇ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରିଛନ୍ତି ବାପା-ମାଆ। ମନରେ ଆଶା ଓ ବିଶ୍ୱାସ ଅଛି ମହାପ୍ରଭୁ ନିଶ୍ଚିତ ତାଙ୍କ ପୁଅକୁ ସମ୍ପୂର୍ଣ୍ଣ ସୁସ୍ଥ କରିଦେବେ। ପୂର୍ବରୁ ମଧ୍ୟ ଅସୁସ୍ଥ ପୁଅର ସୁସ୍ଥତା ପାଇଁ ଛତିଶଗଡ଼ର ଜଣେ ବ୍ୟକ୍ତି ମହାପ୍ରଭୁଙ୍କ ନିକଟକୁ ଆସିଥିଲେ। ଦୀର୍ଘ ଦିନ ଧରି କୋମାରେ ଥିବା ଅସୁସ୍ଥ ପୁଅ ମଧ୍ୟ ମହାପ୍ରଭୁଙ୍କ ଆଶୀର୍ବାଦରୁ ସାମାନ୍ୟ ସୁସ୍ଥ ହୋଇଥିବା ଦେଖିବାକୁ ମିଳିଥିଲା। ପରେ ପୁରୀ ଜିଲ୍ଲା ପ୍ରଶାସନର ସହାୟତାରେ ପିଲାଟିର ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଥିଲା।

## କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟକୁ ସ୍ପୋର୍ଟସ ହବ୍ ଭାବେ ବିକାଶ କରାଯିବ : ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ**

କଳିଙ୍ଗ କପ ହେଉଛି ଶ୍ରମ, ସଂଘର୍ଷ, ଏବଂ ଦଳୀୟ ଆତ୍ମାର ସମ୍ମିଳିତ ଫଳ। ଖେଳ କେବଳ ଶାରୀରିକ କ୍ରିୟାନୁଷ୍ଠାନ ନୁହେଁ, ବରଂ ଏକ ଜୀବନ ଶୈଳୀ, ଏକ ମନୋଭାବ। ଦଳୀୟ ଆତ୍ମା, ସମୟାନୁଷ୍ଠାନ, ଶିଷ୍ଟାଚାର ଓ ସମ୍ମାନ ଏହି ସବୁ ହେଉଛି ଏହି ପ୍ରତିଯୋଗିତାର ପ୍ରକୃତ ଲକ୍ଷ୍ୟ । କେନ୍ଦୁଝରର ରାଇକଳା ଠାରେ ଆୟୋଜିତ କଳିଙ୍ଗ କପ ଫୁଟବଲ ଟୁର୍ନାମେଣ୍ଟ ଉଦଯାପନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୟୀ 'ଅନୁରାଗ ଏଫ୍‌ସି, ଶୁଆକାଟୀ' ଦଳକୁ ପୁରସ୍କୃତ କରିବା ସହିତ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ।୭ମ ସର୍ବଭାରତୀୟ ମିନି କଳିଙ୍ଗ କପ ଫୁଟବଲ ଟୁର୍ନାମେଣ୍ଟ ଗତ ୧୨ ତାରିଖ ଠାରୁ ରାଇଜିଂ ଷ୍ଟାର, ରାଇକଳା ଦ୍ୱାରା ଆୟୋଜିତ ହୋଇଥିଲା ଏବଂ ଏହାର ଫାଇନାଲ ମ୍ୟାଚ ଅନୁରାଗ ଋଉ, ଶୁଆକାଟୀ ଏବଂ ଋଷି ଫାଇଟର, ଝୁମ୍ପୁରା ମଧ୍ୟରେ ହୋଇଥିଲା। ରନର୍ସ ଅପ ଋଷି ଫାଇଟର, ଝୁମ୍ପୁରାକୁ ୧.୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ଆମର ନିରନ୍ତର ପ୍ରୋତ୍ସାହନ




ପାଇଁ ଆଜି ଓଡ଼ିଶା ଭାରତର କ୍ରୀଡ଼ା ରାଜଧାନୀ ଭାବେ ପରିଚିତ। ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛି । ବିଗତ ଦିନରେ ଓଡିଶା ଦ୍ୱାରା ଓଡ଼ିଶା ଇଣ୍ଡିଆନ୍ ସୁପର ଲିଗ, କଳିଙ୍ଗ ସୁପର କପ୍, ବିଡବ୍ଲୁଏଫ୍ ଓଡ଼ିଶା ମାଷ୍ଟର୍ସ (ବ୍ୟାଡମିଣ୍ଟନ୍), ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ଆଦି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟ ସଫଳତାର ସହିତ ଆୟୋଜନ ହୋଇଛି। ଭାରତରେ କ୍ରୀଡ଼ା ପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବରେ ଓଡିଶାର ମର୍ଯ୍ୟାଦା ଅଧିକ ସୁଦୃଢ଼ ହୋଇଛି । ଗୋଷ୍ଠୀସ୍ତରୀୟ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଏବଂ ତୃଣମୂଳସ୍ତରରୁ ପ୍ରତିଭାଙ୍କୁ ଚିହ୍ନଟ କରିବା ପାଇଁ ଏକ ପରିବର୍ତ୍ତନମୂଳକ ପଦକ୍ଷେପ ଭାବରେ ସି.ଏମ୍. ଟ୍ରଫି ଶୁଭାରମ୍ଭ କରାଯାଇଛି । ଗ୍ରାମୀଣ ପ୍ରତିଭା ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେବା ହେବ ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆମ ନୂଆ ସରକାର ଆସିବା ପରେ ରାଜ୍ୟରେ ଆମେ କ୍ରୀଡ଼ାକୁ ଜୀବନଶୈଳୀର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ କରିବା ପାଇଁ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରୁଛୁ । ଆମ ରାଜ୍ୟର ପ୍ରତ୍ୟେକ ବ୍ଲକରେ ଭଲିବଲ, କ୍ରିକେଟ, ଫୁଟବଲ ଓ ଆଥଲେଟିକ୍ସ ସମେତ ବିଭିନ୍ନ କ୍ରୀଡ଼ା ପାଇଁ ଅତ୍ୟାଧୁନିକ ସୁବିଧା ରହିବ । ଏହାବ୍ୟତୀତ, ବ୍ୟାଡମିଣ୍ଟନ, ଟେବୁଲ ଟେନିସ ଏବଂଅନ୍ୟାନ୍ୟ ଇଣ୍ଡୋର କ୍ରୀଡ଼ା ପାଇଁ ଏକ ଇଣ୍ଡୋର ହଲ ରହିବ। ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ ନିମନ୍ତେ ଆଗାମୀ ୫ ବର୍ଷରେ ୩୧୪ ଟି ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ୪ ହଜାର ୧୨୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ୨୦୨୫-୨୬ ରେ ବ୍ଲକସ୍ତରୀୟ ଷ୍ଟାଡିୟମର ବିକାଶ ପାଇଁ ୮୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟକୁ ସ୍ପୋର୍ଟସ ହବ୍ ଭାବେ ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଡ଼ା. ଫକୀର ମୋହନ ନାଏକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ବେଳେ ଆୟୋଜକ ରାଇଜିଂ ଷ୍ଟାର କ୍ଲବର ଚେୟାରମ୍ୟାନ ଗଣେଶ୍ୱର ମହାନ୍ତ, ସଭାପତି ଶ୍ରୀକାନ୍ତ ନାଏକ, ସାଧାରଣ ସମ୍ପାଦକ ଗୋପାଳ ବାରିକ, ଉପସଭାପତି ରାମଚନ୍ଦ୍ର ମହାନ୍ତ, ହୃଷିକେଶ ମହାନ୍ତ, ବୀରେନ୍ଦ୍ର ମହାନ୍ତ, ସମ୍ପାଦକ ତରଣୀସେନ ମହାନ୍ତ, ଲୋଚନ ମହାନ୍ତ, ମହମ୍ମଦ ମଝାର ହୁସେନ ଓ ବଳଭଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ସଡକ ଦୁର୍ଘଟଣାରେ ଯୁବକ ମୃତ :ଚକ୍ଷୁ ଦାନ କଲେ ପରିବାର ଲୋକେ

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**

୫୭ ନଂ ଜାତୀୟ ରାଜପଥର ପୁବୁସାହି ଛକ ନିକଟରେ ରବିବାର ବାଇକକୁ ତେଲ ଟ୍ୟାଙ୍କର ଧକ୍କା ଦେବାରୁ ଜଣେ ଡାକ୍ତରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ ଜିଲ୍ଲା ଖଣ୍ଡପଡା ଥାନା ଖଳିସାହି ଗ୍ରାମର ଅମରେନ୍ଦ୍ର ପ୍ରସାଦ (୩୫)। ତାଙ୍କ ମୃତ୍ୟୁ ପରେ ପରିବାର ଲୋକ ଅମରେନ୍ଦ୍ରଙ୍କ ଆଖି ଦାନ କରିଛନ୍ତି। ପରିବାର ଲୋକଙ୍କ ଏପରି ମହତ କାର୍ଯ୍ୟ ପାଇଁ ଅମରେନ୍ଦ୍ରଙ୍କ ଆଖିରେ ଅନ୍ୟ କେହି ଜଣେ ଦୁନିଆ ଦେଖିବାର ସୁଯୋଗ ପାଇବ। ଅମରେନ୍ଦ୍ର ପୁରୀରୁ ଏକ ବାଇକରେ ନିଜ ଗ୍ରାମ ଖଳିସାହି ଫେରୁଥିଲେ। ପୁବୁ ସାହି ଛକ ନିକଟରେ ତାଙ୍କ ବାଇକକୁ ଏକ ତେଲ ଟ୍ୟାଙ୍କର ଧକ୍କା ଦେଇଥିଲା। ଏଥିରେ ଅମରେନ୍ଦ୍ର ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆଉ ହେବନି ବାଲି ଘାଟ ନିଲାମ, ନିର୍ଦ୍ଧାରିତ ଦରଠାରୁ ଅଧିକ ଟଙ୍କାରେ ବାଲି ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଆଉ ହେବନି ବାଲିଘାଟ ନିଲାମ, ସୂଚନା ଦେଲେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ। ଆଗକୁ ବାଲିର ଏମଏସପି ନିର୍ଦ୍ଧାରଣ କଲା ପରେ ବାଲିଘାଟ ନିଲାମ୍ ବନ୍ଦ କରାଯିବ। ନିର୍ଦ୍ଧାରିତ ଦରଠାରୁ ଅଧିକ ଟଙ୍କାରେ ବାଲି ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ । ଏପରିକି ଗୃହ ଯୋଜନାରେ ଘର ତିଆରି ପାଇଁ ମାଗଣାରେ ବାଲି ଯୋଗାଇ ଦେବା ସହ ହିତାଧିକାରୀଙ୍କୁ ଏମଏସପି ଛାଡ଼ କରାଯିବ । ବର୍ତ୍ତମାନ ପରିପ୍ରେକ୍ଷୀରେ ବାଲିଘାଟ ଠିକାରେ ନେଉଥିବା ବ୍ୟକ୍ତି ଅଧିକ ଟଙ୍କାରେ ଠିକା ନେଉଥିବାରୁ ବାଲି ମଧ୍ୟ ଅଧିକ ଟଙ୍କାରେ ବିକ୍ରି କରୁଛନ୍ତି। ଫଳରେ ଏଥିରେ ମଧ୍ୟ ରୋକ୍ ଲାଗିବ। ଏହାସହ ଚୋରାଚାଲାଣ ରୋକିବା ପାଇଁ ଜଙ୍ଗଲ ବିଭାଗଠାରୁ ଆରମ୍ଭ କରି ଅତିରିକ୍ତ ତହସିଲଦାର, ଏବଂ ଉର୍ଦ୍ଧ୍ୱ ରାଙ୍କ ଅଧିକାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି ବୋଲି ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

### ଖରିଫ ମାର୍କେଟିଂ ଋତୁ ପାଇଁ ଧାନ ସଂଗ୍ରହ କମିଟି ବୈଠକ

## ଅନ୍ୟ ରାଜ୍ୟରୁ ଧାନ ଅନଧିକୃତ ପ୍ରବେଶ ରୋକିବା ପାଇଁ କରାଯିବ କଡା ତଦାରଖ ବ୍ୟବସ୍ଥା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖରିଫ ମାର୍କେଟିଂ ଋତୁ ୨୦୨୫ - ୨୬ ପାଇଁ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଅଧ୍ୟକ୍ଷତା କରିଥିଲେ। ସମ୍ପୃକ୍ତ ବିଭାଗ ଓ ଜିଲ୍ଲାପାଳମାନଙ୍କ ସମନ୍ୱୟରେ ଧାନ ସଂଗ୍ରହ କାର୍ଯ୍ୟକୁ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ କରିବା ନିମନ୍ତେ ମୁଖ୍ୟଶାସନ ସଚିବ ପରାମର୍ଶ ଦେଇଛନ୍ତି। ୨୦୨୫-୨୬ ବର୍ଷ ପାଇଁ ୧୯.୬୮ ଲକ୍ଷ ଚାଷୀ ଧାନ ବିକ୍ରୟ ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଗତ ବର୍ଷ ଏହି ସଂଖ୍ୟା ୧୭.୫୦ ଲକ୍ଷ ଥିଲା। ଏ ବର୍ଷ ୯୩ ଲକ୍ଷ ମେଟ୍ରିକ ଟନ ଧାନ ଉଭୟ ଖରିଫ ଓ ରବି ଋତୁ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ନଭେମ୍ବର ୧ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଖରିଫ ଧାନ କ୍ରୟ ରହିଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଧାନ କ୍ରୟ ପ୍ରକ୍ରିୟାର ୪୮ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟକୁ ଅର୍ଥ ପ୍ରେରଣ ବ୍ୟବସ୍ଥା ରହିଛି। ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ଆରମ୍ଭ ତାରିଖ ଚୁଡାନ୍ତ କରିବାକୁ ଯୋଜନା ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାସ୍ତରୀୟ ପ୍ରବର୍ତ୍ତନ ସ୍କ୍ୱାର୍ଡ ନିୟମିତ ତଦାରଖ କରିବା, ଅନ୍ୟ ରାଜ୍ୟରୁ ଧାନ ଅନଧିକୃତ ଭାବେ ପ୍ରବେଶ ରୋକିବା ପାଇଁ ସୀମାରେ କଡା ତଦାରଖ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳମାନଙ୍କୁ ପ୍ରତିଦିନ ଧାନ ସଂଗ୍ରହ ପରିଚାଳନା ବ୍ୟବସ୍ଥା ସମୀକ୍ଷା କରିବା ଏବଂ ଏ ସମ୍ପର୍କିତ କୌଣସି ଅଭିଯୋଗ ଆସିଲେ ତ୍ୱରିତ ସମାଧାନ କରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଖାଦ୍ୟ ଓ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ସଂଜୟ କୁମାର ସିଂ, ଅର୍ଥ ବିଭାଗ ସଚିବ ସଂଜୀବ କୁମାର ମିଶ୍ର, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ରାଜ୍ୟ ଯୋଗାଣ ନିଗମ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ପ୍ରମୁଖ ଯୋଗ ଦେଇଥିଲେ।

## ଡିଜିଟାଲ ଯୁଗରେ ପୁସ୍ତକମୁହାଁ କରାଉଛି ମେଳା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁସ୍ତକ ହେଉଛି ଜ୍ଞାନର ଗବାକ୍ଷ। ଏହାର କୌଣସି ବିକଳ୍ପ ନାହିଁ। ପୁସ୍ତକ ପଠନ ଦ୍ୱାରା ଚିନ୍ତାଚେତନା ଓ ଭାବଭାବନାର ବିକାଶ ହୋଇଥାଏ। ବର୍ତ୍ତମାନର ଡିଜିଟାଲ ଯୁଗରେ ପୁସ୍ତକ ପଠନ ଧୀରେଧୀରେ କମିଯାଉଛି ବୋଲି ବହୁ ପ୍ରମାଣ ରହିଛି। ହେଲେ ରାଜଧାନୀର ଆୟୋଜିତ ପୁସ୍ତକ ମେଳାଗୁଡ଼ିକରେ ପୁସ୍ତକପ୍ରେମୀଙ୍କ ଭିଡ଼ ଏହି କଥାକୁ ଭୁଲ୍ ବୋଲି ପ୍ରମାଣିତ କରୁଛି। ଅପରାହ୍ଣରୁ ଉଭୟ ମେଳାକୁ ପାଠକଙ୍କ ସୁଅ ଛୁଟୁଛି। ବର୍ତ୍ତମାନ ସହରରେ ଆୟୋଜିତ 'ରାଜଧାନୀ ପୁସ୍ତକ ମେଳା' ଓ 'କଳିଙ୍ଗ ପୁସ୍ତକ ମେଳା' ଉଭୟରେ ପାଠକଙ୍କ ଭିଡ଼ ଜମୁଛି। ପରୀକ୍ଷାମୂଳକ ପୁସ୍ତକଠାରୁ ଆରମ୍ଭ କରି ଦେଶପ୍ରେମ, ଆତ୍ମଜୀବନୀ, କବିତା, ଉପନ୍ୟାସ, ଇତିହାସ, ପୁରାଣ ଆଦି ପୁସ୍ତକ କିଣିବାକୁ ଭିଡ଼ ଜମୁଛି। ମେଳାକୁ ଯିଏ ବି ଫେରୁଛି ହାତରେ ଦୁଇରୁ ତିନିଟି ପୁସ୍ତକ ନେଇ ଫେରୁଛି। ଏପରିକି କିଛି ଲେଖକ ମଧ୍ୟ ମେଳାରେ ଉପସ୍ଥିତ ରହି ପାଠକମାନଙ୍କୁ ଉତ୍ସାହିତ କରୁଛନ୍ତି। ଲୋକେ ପୁସ୍ତକ କିଣି ଲେଖକଙ୍କ ସହ ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁଛନ୍ତି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବିକ୍ରେତାମାନେ ଆକର୍ଷଣୀୟ ରିହାତି ମଧ୍ୟ ପ୍ରଦାନ କରୁଛନ୍ତି। 'ଅଧ ରାତିରେ ମୋବାଇଲରେ ନିଜର ପ୍ରିୟ କଣ୍ଠଶିଳ୍ପୀଙ୍କ ସଙ୍ଗୀତ ବାଜୁଥିବ ଏବଂ ହାତରେ ଥିବ ଏକ ରୋମାଣ୍ଟିକ ପୁସ୍ତକ, ପ୍ରେମ ନ ହୋଇଥିଲେ ବି ଆପେ ଆପେ ହେଇଯିବ' ଏଭଳି କିଛି କହି ନିଜର ସାଙ୍ଗକୁ ରୋମାଣ୍ଟିକ ଉପନ୍ୟାସ କିଣିବାକୁ ଆଉ ଗୋଟେ ସାଙ୍ଗ ବାଧ କରୁଥିବାର ଦୃଶ୍ୟ ମେଳାରେ ଦେଖିବାକୁ ମିଳିଥିଲା। ବହୁ ଯୁବ ପିଢ଼ି ଲେଖିକା ଆନା ହୁଆଙ୍ଗ 'ଟ୍ୱିଷ୍ଟେଡ୍ ଲଭ୍', 'ଟ୍ୱିଷ୍ଟେଡ୍ ହେଟ୍', 'ଟ୍ୱିଷ୍ଟେଡ୍ ଲାଏଜ', ପ୍ରୀତି ସେନଏଙ୍କ 'ହ୍ୱେନ ଲଭ୍ କେମ୍ କଲିଂ', ଅଜୟ କେ ପାଣ୍ଡେଙ୍କ 'ଏଭ୍ରିଥିଂ ଆଇ ନେଭର ଟୋଲ୍ଡ ୟୁ' ଆଦି ପୁସ୍ତକ କିଣୁଥିବାର ଦେଖାଯାଇଥିଲା। ଗବେଷଣା ସହିତ ନିଜର ଲେଖାକୁ ସୁଦୃଢ଼ କରିବା ପାଇଁ ଉଭୟ ମେଳାରେ ଛାତ୍ରଛାତ୍ରୀମାନେ 'ଆମ ଓଡ଼ିଶା' ଷ୍ଟଲରେ ଭିଡ଼ ଜମାଉଛନ୍ତି। ସୀତେଶ ତ୍ରିପାଠୀଙ୍କ ଅନୁବାଦ ପୁସ୍ତକ 'ତେଜସ୍ୱିନୀ', କୀର୍ତ୍ତନ ନାରାୟଣ ପାଢ଼ୀଙ୍କ 'ଆମ ଓଡ଼ିଆ ଭାଷା', ରଣଜିତ ଗୁରୁଙ୍କ 'ଓଡ଼ିଶା ରାଜନୀତି, ଶାସନ ଓ ବିକାଶ', ସୌମ୍ୟରଂଜନ ପଟ୍ଟନାୟକ ଓ ବାସବିର ହୁସେନଙ୍କ ସମ୍ପାଦନାରେ ପ୍ରକାଶିତ ପୁସ୍ତକ 'ଜାନକୀ ବଲ୍ଲଭ ପଟ୍ଟନାୟକ: ଦ ମାର୍ଚ୍ଚ ଟୁ ଏ ମର୍ଡନ ଓଡ଼ିଶା' ଆଦିର ବିକ୍ରି ବଢୁଛି। ବର୍ତ୍ତମାନ ଭାରତର ଇତିହାସକୁ ନେଇ ବହୁ ସମୟରେ ବିବାଦ ଦେଖାଯାଉଛି। ଅନେକ ସମୟରେ ଅଭିଭାଷଣ ଗୁଡ଼ିକରେ ଭିନ୍ନ ମତ ପ୍ରକାଶ ପାଉଛି। ତେଣୁ ଏହି ଦ୍ୱନ୍ଦ୍ୱ ପାଠକମାନଙ୍କୁ ଭିନ୍ନ ଭିନ୍ନ ଇତିହାସ ସମ୍ବଳିତ ପୁସ୍ତକ କିଣିବାକୁ ଉତ୍ସାହିତ କରୁଛି। ମେଳାରେ ବିଭିନ୍ନ ପ୍ରକାଶନୀ ପକ୍ଷରୁ ପ୍ରାଚୀନ, ମଧ୍ୟ ଓ ଆଧୁନିକ ଭାରତର ଇତିହାସ ପୁସ୍ତକ ସମେତ ବହୁ ଛାତ୍ରଛାତ୍ରୀ ଅମର୍ତ୍ତ୍ୟ ସେନଙ୍କ 'ଦ ଅଗମେଣ୍ଟେଟିଭ୍ ଇଣ୍ଡିଆନ', ଅରୁଣ କୁମାରଙ୍କ 'ଫିଲାନଥ୍ରୋପି ଆଣ୍ଡ ଦ ଡେଭେଲପମେଣ୍ଟ ଅଫ୍ ମଡର୍ଣ୍ଣ ଇଣ୍ଡିଆ' ଆଦି ପୁସ୍ତକ କିଣୁଛନ୍ତି ବୋଲି ବୋଲି 'ସିଓ' ବୁକ୍ ଷ୍ଟଲର ମହମ୍ମଦ ସାଜିଦ କହିଛନ୍ତି।

## ପର୍ଯ୍ୟଟନ କ୍ଷେତ୍ରରେ ହୀରାକୁଦକୁ ପଛରେ ପକାଇଲା ମାଆ ସମଲେଶ୍ୱରୀ ମନ୍ଦିର

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ମାଆ ସମଲେଶ୍ୱରୀ ମନ୍ଦିରରେ ପ୍ରତିବର୍ଷ ବଢ଼ିଚାଲିଛି ଭକ୍ତଙ୍କ ସଂଖ୍ୟା । ସମଲେଶ୍ୱରୀ ପ୍ରକଳ୍ପର ଆକର୍ଷଣ ବିଦେଶରୁ ଟାଣି ଆଣୁଛି ପର୍ଯ୍ୟଟକଙ୍କୁ। ପର୍ଯ୍ୟଟନ କ୍ଷେତ୍ରରେ ହୀରାକୁଦକୁ ମଧ୍ୟ ପଛରେ ପକାଇଛି ମାଆ ସମଲେଶ୍ୱରୀଙ୍କ ମନ୍ଦିର । କିଏ ଭକ୍ତିର ଅର୍ଘ୍ୟ ଅର୍ପଣ କରି ମାଆଙ୍କୁ ଡାକୁଛି ତ କିଏ ଓଡ଼ିଶାର ଐତିହ୍ୟକୁ ନିଜ ମୋବାଇଲରେ ସାଇତା ସ୍ମୃତି କରି ରିଖିବାକୁ ପ୍ରୟାସ କରୁଛି । ମାଆଙ୍କ ଦର୍ଶନ ପାଇଁ ଲମ୍ବା ଧାଡ଼ିରେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ଭକ୍ତ। ଗତ ୪ ବର୍ଷ ହେଲା ସମଲେଶ୍ୱରୀ ପ୍ରକଳ୍ପ ଓ ମହାନଦୀର ଅପୂର୍ବ ସୌନ୍ଦର୍ଯ୍ୟ ଓ ମାଆଙ୍କ ପାଇଁ ଥିବା ଭକ୍ତି ଟାଣି ଆଣୁଛି ଲକ୍ଷାଧିକ ଶ୍ରଦ୍ଧାଳୁଙ୍କୁ । ୨୦୨୪ରେ ସମ୍ବଲପୁରରେ ୬ ଲକ୍ଷ ୯୩ ହଜାର ୨୭୫ ଜଣ ପର୍ଯ୍ୟଟକଙ୍କ ପାଦ ପଡ଼ିଥିଲା । ସେହିପରି ୫୮୫ ବିଦେଶୀ ପର୍ଯ୍ୟଟକ ମଧ୍ୟ ସମ୍ବଲପୁର ଆସିଥିଲେ। ୨୦୨୩ରେ ଏ ସଂଖ୍ୟା ଥିଲା ୫ ଲକ୍ଷ ୯୨ ହଜାର ୪୬୧ । ଚଳିତ ବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ରେକର୍ଡ କରିବ ବୋଲି କୁହାଯାଉଛି। ଏପଟେ ୨୦୨୪ରେ ୫ ଲକ୍ଷ ୧ ହଜାର ୬୦୫ ପର୍ଯ୍ୟଟକ ହୀରାକୁଦ ଆସିଥିଲେ । ଅର୍ଥାତ ହୀରାକୁଦ ଅପେକ୍ଷା ସମଲେଶ୍ୱରୀ ମନ୍ଦିରକୁ ଅଧିକ ପର୍ଯ୍ୟଟକ ଆସିଛନ୍ତି । ସମଲେଶ୍ୱରୀ ପ୍ରକଳ୍ପ ଦେଖିବା ପାଇଁ ଓଡ଼ିଶାର କୋଣ ଅନୁକୋଣ ସମେତ ବିଦେଶରୁ ମଧ୍ୟ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି । ପର୍ଯ୍ୟଟନ ଋତୁ ଆସିବା ସହ ମନ୍ଦିରରେ ବେଶ୍ ଭିଡ଼ ଜମୁଛି। ଦିନ ଅପେକ୍ଷା ଲାଇଟ୍ ଆଣ୍ଡ ସାଉଣ୍ଡ ସୋ ଏବଂ ପ୍ରକଳ୍ପର ଆକର୍ଷଣୀୟ ଦୃଶ୍ୟ ଦେଖିବାକୁ ସନ୍ଧ୍ୟାରେ ଅଧିକ ଭିଡ଼ ହେଉଛି ।

## ମର୍ଣ୍ଣିଂ ୱାକ୍ ବେଳେ ମାଡିଗଲା ଘରୋଇ ବସ୍, ୫ ପଥଚାରୀ ଗୁରୁତର

**ଧର୍ମଶାଳା , ନ୍ୟୁଜ ବ୍ୟୁରୋ**

ରବିବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ରାସ୍ତାରେ ଚାଲି ଚାଲି ଯାଉଥିବା ପଥଚାରୀଙ୍କ ଉପରକୁ ମାଡ଼ି ଗଲା ଏକ ଘରୋଇ ବସ୍ । ଏଭଳି ଘଟଣା ଘଟିଛି ଯାଜପୁର ଜିଲ୍ଲା ବରୀ - ବରୁଆ ମୁଖ୍ୟ ରାସ୍ତା କୁଝାଳା ନିକଟରେ । ଉତ୍ୟକ୍ତ ଲୋକଙ୍କ ଦ୍ୱାରା ରାସ୍ତା ରୋକ୍ କରା ଯାଇଛି ।

ସୂଚନା ଅନୁଯାୟୀ, ବରୀ ମୁଖ୍ୟ ରାସ୍ତା କୁଝାଳା ନିକଟସ୍ଥ ଧୋବାଗଳି ଛକରେ ଦୁର୍ଘଟଣା ଘଟିଛି। ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ୫ ଜଣ ପଥଚାରୀଙ୍କ ଉପରେ ଏକ ଘରୋଇ ବସ୍ ମାଡି ଯାଇଥିଲା । ସେମାନଙ୍କୁ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇବା ପରେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଛି। ବସକୁ ଜବତ କରି ସଦର ଥାନା ପୁଲିସ ତଦନ୍ତ ଜାରି ରଖିଛି । ସେପଟେ ଘଟଣା ଘଟିବା ପରେ ଉତ୍ୟକ୍ତ ଲୋକେ କୁଆଖିଆ - ବରୀ ମୁଖ୍ୟ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି । ଫଳରେ ଉଭୟ ପାର୍ଶ୍ୱରେ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କୌଣସି ଦେଶ କ୍ଷେତ୍ରୀୟ...

୨୦ ତମ ଜି-୨୦ ଶିଖର ସମ୍ମିଳନୀ । ଏଠାରେ ବିଶ୍ୱନେତା ଏକାଠି ହୋଇଛନ୍ତି । ସମ୍ମିଳନୀରେ ନିଶା କାରବାର ଓ ଆତଙ୍କବାଦ ମୁକାବିଲାକୁ ଗୁରୁତ୍ୱ ଦିଆଯାଇଛି । ପ୍ରସ୍ତାବିତ ଘୋଷଣାନାମାରେ, ସୀମା ବଦଳାଇବାକୁ କ୍ଷମତାର ଉପଯୋଗ ବିରୋଧ, ଆତଙ୍କବାଦର ନିନ୍ଦା, ମନବାଧିକାର ପ୍ରତି ସମ୍ମାନ, ମଲ୍ଟିଲେଟରଲିଜମ୍, ଜଳବାୟୁ, ଖାଦ୍ୟ ସୁରକ୍ଷା ଏବଂ ବିକାଶଶୀଳ ଦେଶମାନଙ୍କୁ ସହାୟତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଭାରତ ୬ଟି ପ୍ରମୁଖ ବିଶ୍ୱସ୍ତରୀୟ ପଦକ୍ଷେପ ପ୍ରସ୍ତାବ କରିଥିଲା । ଶିଖର ସମ୍ମିଳୀନରେ ଜି୨୦ ସଦସ୍ୟ ରାଷ୍ଟ୍ରମାନେ ଏକ ମିଳିତ ଘୋଷଣାପତ୍ର ଜାରି କରି କହିଛନ୍ତି ଯେ, କୌଣସି ଦେଶ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ସୀମା ପରିବର୍ତ୍ତନ କରିବା ପାଇଁ ବଳ କିମ୍ବା ଧମକ ଦେବା ଉଚିତ୍ ନୁହେଁ । ଏହା ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତା ପ୍ରତି ବିଶ୍ୱ ପ୍ରତିବଦ୍ଧତାର ଏକ ସ୍ପଷ୍ଟ ପୁନଃନିର୍ମାଣ । ଆମେରିକାର ଆପତ୍ତି ସତ୍ତ୍ୱେ ସମ୍ପୂର୍ଣ୍ଣ ସହମତିରେ ଚୂଡ଼ାନ୍ତ ହୋଇଥିବା ଏହି ଦଲିଲ୍‌ରେ ଆତଙ୍କବାଦକୁ ନିନ୍ଦା କରାଯାଇଥିଲା। ଜାତି, ଲିଙ୍ଗ, ଭାଷା କିମ୍ବା ଧର୍ମ ନିର୍ବିଶେଷରେ ମାନବାଧିକାର ଏବଂ ମୌଳିକ ସ୍ୱାଧୀନତା ପ୍ରତି ଅଧିକ ସମ୍ମାନ ଦେବାକୁ ଆହ୍ୱାନ କରାଯାଇଥିଲା। ବଢୁଥିବା ଭୂରାଜନୈତିକ ଫାଟ, ସଶସ୍ତ୍ର ସଂଘର୍ଷ ଏବଂ ଆର୍ଥିକ ବିଖଣ୍ଡନ ବିଷୟରେ ଗୋଷ୍ଠୀର ଚିନ୍ତାକୁ ପ୍ରତିଫଳିତ କରେ ।

### ଜଷ୍ଟିସ ସୂର୍ଯ୍ୟକାନ୍ତ...

ହରିୟାଣାରୁ ପ୍ରଥମ ପ୍ରଧାନ ବିଚାରପତି ହେବେ। ବର୍ତ୍ତମାନର ପ୍ରଧାନ ବିଚାରପତି ବି.ଆର. ଗଭାଇ ରବିବାର ଅବସର ନେବେ। ଜଷ୍ଟିସ ବି.ଆର. ଗଭାଇଙ୍କ ଶେଷ କାର୍ଯ୍ୟ ଦିବସ ନଭେମ୍ବର ୨୨ ଥିଲା।

### ବଙ୍ଗୋପସାଗରରେ...

ଅବପାତ ରୂପ ନେବାର ସମ୍ଭାବନା ରହିଛି । ପରେ ୨୫ ତାରିଖରେ ଓଡ଼ିଶାରେ ପବନର ବେଗ ୪୦-୫୦ କିଲୋମିଟର ରହିବ । ଅବପାତର ରୂପ ନେବା ପରେ ଏହା ଉତ୍ତର ଓ ଉତ୍ତର ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି । ଅବପାତ ହେଲେ ଏହାର ପ୍ରଭାବ ପ୍ରଥମେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ପରେ ଓଡ଼ିଶା ଉପରେ ରହିବ । ମାତ୍ର ବର୍ତ୍ତମାନ ଓଡ଼ିଶା ଉପରେ ଏହାର କୌଣସି ପ୍ରଭାବ ନଥିବାରୁ ଆଗାମୀ ୫ ରୁ ୭ ଦିନ ରାଜ୍ୟର ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ତେବେ ୨୪ ତାରିଖ ସଂଧ୍ୟା ପରେ ଏହା କେଉଁ ଦିଗରେ ଗତି କରିବ ତାହା ସ୍ପଷ୍ଟ ହେବ ।

### ସମ୍ଭାବ୍ୟ ବାତ୍ୟା...

ଓଡ଼ିଶା ଉପରେ ବାତ୍ୟାର କେତେ ପ୍ରଭାବ ପଡିବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହାସତ୍ତ୍ୱେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ଭାବ୍ୟ ବାତ୍ୟା ସମୀକ୍ଷା କରିଛନ୍ତି। ଏନେଇ ସଜାଗ ରହିବାକୁ ରାଜସ୍ୱ ବିଭାଗ ପକ୍ଷରୁ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ସମୀକ୍ଷା ବୈଠକରେ କୁହାଯାଇଛି।

### ଏନ୍‌କାଉଣ୍ଟର...

ଥିବା ଜାଣି ପୋଲିସ ଗିରଫ କରିବାକୁ ଗଲା ବେଳେ ସେମାନେ ଫେରାର ହେବାକୁ ଚେଷ୍ଟା କଲେ। ସେମାନଙ୍କୁ ଏନକାଉଣ୍ଟର କରାଯାଇଥିଲା। ଡକାୟତି ଗ୍ୟାଙ୍ଗର ଅନ୍ୟ ୫ ଗିରଫ, ୩ଟି ପିସ୍ତଲ ଓ ଗୋଟିଏ ବାଇକ ଜବତ ହୋଇଛି।

### ଭାରତ ତିଆରି ...

ବିରୁଦ୍ଧରେ ଅତ୍ୟନ୍ତ ପ୍ରଭାବଶାଳୀ କରିଥାଏ। ଡିଆରଡିଓ ଏହି ଅସ୍ତ୍ରକୁ ଦୁଇଟି ପ୍ରକାରରେ ବିକଶିତ କରିଛି। ପ୍ରଥମ ଭର୍ସନ ଗୌରବ-ପିସିବି, ବଙ୍କର ଭେଦ କରିବା ପାଇଁ ଡିଜାଇନ୍ କରାଯାଇଛି। ଦ୍ୱିତୀୟ ପ୍ରକାର, ଗୌରବ-ପିଏଫ୍, ରଣନୈତିକ ଲକ୍ଷ୍ୟସ୍ଥଳରେ ବହୁ କ୍ଷତି ପହଞ୍ଚାଇବା ପାଇଁ ବ୍ୟବହାର କରାଯିବ। ଏହାର ଓଜନ ୧ ହଜାର କିଲୋଗ୍ରାମ ରହିଛି ।

### ଦିଲ୍ଲୀ ଯିବେ ୧୦ ହଜାର କଂଗ୍ରେସ କର୍ମୀ

## ରାହୁଲ ଗାନ୍ଧୀଙ୍କ ଭୋଟ ଚୋରି ଅଭିଯାନରେ ହେବେ ସାମିଲ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାହୁଲ ଗାନ୍ଧୀଙ୍କ ଭୋଟ ଚୋରି ଅଭିଯାନରେ ସାମିଲ ହେବାକୁ ରାଜ୍ୟରୁ ଦିଲ୍ଲୀ ଯିବେ ୧୦ ହଜାର କଂଗ୍ରେସ କର୍ମୀ। ଡିସେମ୍ବର୍ ୧୪ ତାରିଖରେ ରାମଲୀଳା ମଇଦାନରେ ହେବାକୁ ଥିବା ଏହି ବିଶାଳ ରାଲିରେ ଭାଗ ନେଇ କେନ୍ଦ୍ର ସରକାର ବିରୋଧୀ ନାରା ଦେବେ। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲୁ। ରବିବାର ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ଚାଲିଥିବା ଜିଲ୍ଲା ସଭାପତି ବୈଠକ ପରେ ଏହି ପ୍ରତିକ୍ରିୟା ରଖିଛନ୍ତି। ଏହାଛଡ଼ା ଜିଲ୍ଲା, ବ୍ଲକ୍ ସଂଗଠନ ପୁନଃ ଗଠନ କରିବା ପାଇଁ ଆଲୋଚନା ହୋଇଥିବା କହିଛନ୍ତି ପ୍ରଭାରୀ। ଏହି ସମୟରେ ପ୍ରତିକ୍ରିୟା ରଖି ଅଜୟ ଲଲୁ କହିଛନ୍ତି, ଦଳକୁ ଆହୁରି ମଜଭୁତ କରାଯିବ। ୨୦୨୯ରେ କଂଗ୍ରେସ ସରକାର କରିବ। ବିଜେଡି ସମାପ୍ତ ହେବ। କେନ୍ଦ୍ର ତଥା ରାଜ୍ୟରେ ଚାଲିଥିବା ବେରୋଜଗାରୀ, ଭ୍ରଷ୍ଟାଚାରକୁ ମୁଦ୍ଦା କରି ସରକାର ବିରୋଧରେ ଲଢ଼େଇ କରିବ କଂଗ୍ରେସ ବୋଲି କହିଛନ୍ତି ଅଜୟ ଲଲୁ।

